R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ

ସଂଖ୍ୟା : ୨୪୬

ତିଥି : ଏକାଦଶୀ

୧୧ ଜୁନ୍ ୨୦୨୬, ଗୁରୁବାର

ସମ୍ବଲପୁର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 246

11 June 2026, Thursday

Sambalpur

Price: 5.00

Online Portal

www.odishasamaya.com

samayaepaper.com

odishasamaya

thesamayanews@gmail.com

www.samayalive.in

Bhubaneswar | Balasore | Angul | Berhampur | Sambalpur




### ପ୍ରଧାନମନ୍ତ୍ରୀ ଭାବେ ମୋଦୀଙ୍କ ୧୨ ବର୍ଷ ଲାଗି ଏନ୍‌ଡିଏ ବୈଠକରେ ଅଭିନନ୍ଦନ

# କଂଗ୍ରେସ ଉପରେ ବର୍ଷିଲେ, ଏନ୍‌ଡିଏ ସରକାରର ସଫଳତା କହିଲେ



ନୂଆଦିଲ୍ଲୀ, ୧୦।୬ : କଂଗ୍ରେସ ଦେଶକୁ ଦୁର୍ଦ୍ଦଶା ଭିତରକୁ ଠେଲି ଦେଇଛି। ଭାରତର ଧୀର ଅଭିବୃଦ୍ଧି ଯୁଗକୁ ଭୁଲ ଭାବରେ ହିନ୍ଦୁ ଅଭିବୃଦ୍ଧି ହାର ଭାବରେ ନାମିତ କରାଯାଇଥିଲା । କିନ୍ତୁ ଏହାକୁ କଂଗ୍ରେସ ଅଭିବୃଦ୍ଧି ହାର ବୋଲି କୁହାଯିବା ଉଚିତ ଥିଲା କଂଗ୍ରେସ ଦଳ ଦେଶକୁ ଅସହାୟତା, ଦୁଃଖ ଏବଂ ଏକ ଜଟିଳ ପରିସ୍ଥିତି ମଧ୍ୟକୁ ଠେଲି ଦେଇଥିଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିଯୋଗ ଆଣିବା ସହ ସେହି ଦଳକୁ କଟାକ୍ଷ କରିଛନ୍ତି ।

ଏନଡିଏ ସରକାରଙ୍କ ୧୨ ବର୍ଷର କାର୍ଯ୍ୟକାଳକୁ ପାଳନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ କଂଗ୍ରେସ ସରକାର ବର୍ଷ ବର୍ଷର ନୀତି ଏବଂ ଶାସନ ବିଫଳତା ମାଧ୍ୟମରେ ଦେଶକୁ ଅସହାୟତା, ଦୁଃଖ ଏବଂ ଏକ ହୀନତା ଜଟିଳ ମଧ୍ୟକୁ ଠେଲି ଦେଇଛି ।ଭାରତର ସବୁଠାରୁ ଦୀର୍ଘ ସମୟ ଧରି ନିର୍ବାଚିତ ପ୍ରଧାନମନ୍ତ୍ରୀ ହେବା ପରେ ଦିଲ୍ଲୀରେ ଏନଡିଏ ନେତାମାନଙ୍କ ଏକ ବୈଠକରେ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଏନଡିଏ ସରକାରଙ୍କ ସବୁଠାରୁ ବଡ଼ ସଫଳତା ହେଉଛି ଦେଶକୁ କଂଗ୍ରେସ ଶାସନର କବଜାରୁ ମୁକ୍ତ କରିବା । ଦେଶକୁ କଂଗ୍ରେସର ଦୁଷ୍ଟଚକ୍ରରୁ ମୁକ୍ତ କରାଯାଇଛି । ଦେଶକୁ ଅନୁଭବ କରାଇ ଦିଆଯାଇଥିଲା ଯେ ଭାରତରେ ବିକାଶ ଧୀରେ ଧୀରେ ହୁଏ, ଭାରତରେ ଦ୍ରୁତ ବିକାଶ ସମ୍ଭବ ନୁହେଁ। ବହୁତ ଚତୁରତାର ସହିତ, ଧୀର ବିକାଶକୁ ଏକ ନାମ ଦିଆଯାଇଥିଲା- 'ହିନ୍ଦୁ ଅଭିବୃଦ୍ଧି ହାର' ।

ପ୍ରଧାନମନ୍ତ୍ରୀ ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ସରକାରଗୁଡ଼ିକ ଭାରତୀୟମାନଙ୍କୁ ବିଶ୍ୱାସ କରିବାକୁ ବାଧ୍ୟ କରିଥିଲେ ଯେ ଦ୍ରୁତ ବିକାଶ ଅସମ୍ଭବ, ଏବଂ ଆର୍ଥିକ ପ୍ରଗତି କେବଳ ଧୀର ଗତିରେ ହୋଇପାରିବ । ସେ ଯୁକ୍ତି ଦେଇଥିଲେ ଯେ ଏହି ଶବ୍ଦଟି ଅନ୍ୟାୟ ଭାବରେ ନୀତିଗତ ବିଫଳତାର ଦୋଷ ଦେଶର ହିନ୍ଦୁ ସଂଖ୍ୟାଗରିଷ୍ଠଙ୍କ ଉପରେ ଢାଳି ଦେଇଛି ଏବଂ କଂଗ୍ରେସକୁ ଦାୟିତ୍ୱରୁ ରକ୍ଷା କରିଛି। କାର୍ଯ୍ୟଶୈଳୀ କଂଗ୍ରେସର ଥିଲା, ଦାୟିତ୍ୱ କଂଗ୍ରେସର ଥିଲା, ବିଫଳତା କଂଗ୍ରେସର ଥିଲା, କିନ୍ତୁ ଦେଶର ବୃହତ ହିନ୍ଦୁ ଜନସଂଖ୍ୟା ଉପରେ କଳଙ୍କ ଲଗାଯାଇଥିଲା । ବାସ୍ତବରେ, ଏହି ଖରାପ ସଂସ୍କୃତିକୁ 'କଂଗ୍ରେସ ଅଭିବୃଦ୍ଧି ହାର' ବୋଲି ନାମିତ କରାଯିବା ଉଚିତ ଥିଲା, ସେ କହିଛନ୍ତି ।

ସେ ଦୃଢ଼ତାର ସହିତ କହିଥିଲେ ଯେ କଂଗ୍ରେସ ଯୁଗ ଶାସନ, ନୀତି ନିର୍ଦ୍ଦେଶନା, ଉଦ୍ଦେଶ୍ୟ ଏବଂ ନିର୍ଣ୍ଣାୟକ କାର୍ଯ୍ୟର ଅଭାବ ଦ୍ୱାରା ଚିହ୍ନିତ (୯ ପୃଷ୍ଠାରେ)

## ରେକର୍ଡ ନୁହେଁ, ଦେଶବାସୀଙ୍କ ଅତୁଟ ବିଶ୍ୱାସ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୦।୬ (ସବ୍ୟୁ) : ଦେଶର ସର୍ବାଧିକ ସମୟ ପର୍ଯ୍ୟନ୍ତ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ କାର୍ଯ୍ୟକରି ଏକ ରେକର୍ଡ ସୃଷ୍ଟି କରିଛନ୍ତି। ଏହା କେବଳ ଏକ ରେକର୍ଡ ନୁହେଁ, ଭାରତୀୟ ମାନଙ୍କର ଅତୁଟ ବିଶ୍ୱାସ। ବିଶ୍ୱାସର ପ୍ରତିଫଳନ ଏବଂ ନେତୃତ୍ୱ ପ୍ରତି ସମଗ୍ର ରାଷ୍ଟ୍ରର ଏକ ବିଶ୍ୱାସ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ଅବସରରେ ଏହା କହିଛନ୍ତି।

ସୋସିଆଲ ମିଡ଼ିଆରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, (୯ ପୃଷ୍ଠାରେ)

# ପୁଣି ଇରାନ ଉପରେ ଆମେରିକାର ଏୟାର ଷ୍ଟ୍ରାଇକ୍



ନୂଆଦିଲ୍ଲୀ, ୧୦।୬ : ମଧ୍ୟପ୍ରାଚ୍ୟରେ ପୁଣି ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଛି। ଇରାନ ବୁଝାମଣା କରିବାକୁ ଅଧିକ ବିଳମ୍ବ କରିବାରୁ ସେମାନଙ୍କୁ ମୂଲ୍ୟ ଦେବାକୁ ପଡ଼ିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଏବେ ଇରାନ-ଆମେରିକା ମଧ୍ୟରେ ପୁଣି ଯୁଦ୍ଧ ଆରମ୍ଭ ହୋଇଛି। ଇରାନର ବୈଦେଶିକ ମନ୍ତ୍ରୀ ଚେତାବନୀ ଦେଇଛନ୍ତି ଯେ ପଡ଼ୋଶୀ ଗଲ୍ଫ ରାଷ୍ଟ୍ରଗୁଡ଼ିକ ବୈଧାନିକ ଓ ନୈତିକ ଭାବେ ଏହି ଆକ୍ରମଣ ଲାଗି ଦାୟୀ।

ସେ ଉଲ୍ଲେଖ କରିଛନ୍ତି ଯେ ଆମେରିକାର ସେନା ଓ ଇସ୍ରାଏଲ ସେମାନଙ୍କ ସୀମାକୁ ବ୍ୟବହାର କରି ଯୋଜନାବଦ୍ଧ ଭାବେ ଇରାନ ବିରୋଧରେ ଆକ୍ରମଣ କରିବାକୁ ଯୋଜନା କରୁଛନ୍ତି। ଆମେରିକା ପକ୍ଷରୁ ଆଜି ଇରାନ ଉପରେ (୯ ପୃଷ୍ଠାରେ)

### ତଦନ୍ତ କମିଶନ ରିପୋର୍ଟ ଫାଇଲ ଗାଏବ ଘଟଣା

# ଥାନାରେ ଗୃହ ବିଭାଗର ଏତଲା

ଭୁବନେଶ୍ୱର, ୧୦।୬ (ସବ୍ୟୁ) : ତଦନ୍ତ କମିଶନଙ୍କ ଫାଇଲ ଗାଏବ୍‌କୁ ନେଇ କ୍ୟାପିଟାଲ ଥାନାରେ ଏତଲା ଦାୟର କରିଛନ୍ତି ଗୃହ ବିଭାଗ ଯୁଗ୍ମ ସଚିବ ଶରତ ଚନ୍ଦ୍ର ମାରାଣ୍ଡି । କ୍ୟାପିଟାଲ ଥାନା ପୋଲିସ ଏତଲା ଦାୟର କରି ଅନୁସନ୍ଧାନ ଆରମ୍ଭ କରିଥିବା ସୂଚନା ମିଳିଛି ।

୨୦୦୮ ମସିହାରେ କନ୍ଧମାଳ ଜିଲ୍ଲାରେ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ଅତି ବିଭତ୍ସ ଭାବେ ହତ୍ୟା କରିଥିଲେ ଦୁର୍ବୃତ୍ତ। ସେହି ହତ୍ୟାକାଣ୍ଡକୁ ନେଇ ରାଜ୍ୟ ତଥା ଦେଶରେ ଚର୍ଚ୍ଚା ଓ ଆନ୍ଦୋଳନ ହୋଇଥିଲା । ସରକାର ଏହାର ତଦନ୍ତ କମିଶନ ଗଠନ କରି ତଦନ୍ତ କରାଇଥିଲେ । ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାକୁ ନେଇ ନାଇଡୁ କମିଶନ ତଦନ୍ତ କରି ସରକାରଙ୍କୁ ରିପୋର୍ଟ ଦେଇଥିଲେ। ସେହି ରିପୋର୍ଟ ଗୃହ ବିଭାଗରୁ କେବେ ଓ କିପରି ହଜିଛି ତାହା ସ୍ପଷ୍ଟ ହୋଇନାହିଁ। ହେଲେ ତଦନ୍ତ ରିପୋର୍ଟକୁ ଗାଏବ୍ କରାଯାଇଥିବା ଅଭିଯୋଗ ହୋଇଛି ।

ସେହିପରି ଖଣ୍ଡଗିରି ଅଞ୍ଚଳରେ ଥିବା ସମ୍ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟି ଅନେକେ ମୃତାହତ ହୋଇଥିଲେ। ସେହି ଘଟଣା ଉପରେ (୯ ପୃଷ୍ଠାରେ)

### ଦେବସ୍ନାନ ପୂର୍ଣ୍ଣିମା ପାଇଁ ପୁରୀରେ ସୁରକ୍ଷା କଡ଼ାକଡ଼ି

# ମୁତୟନ ହେବେ ୭୨ ପ୍ଲାଟୁନ ଫୋର୍ସ




ଭୁବନେଶ୍ୱର, ୧୦।୬ (ସବ୍ୟୁ) : ଦେବସ୍ନାନ ପୂର୍ଣ୍ଣିମା ପାଇଁ ପୁରୀରେ ସୁରକ୍ଷା ବ୍ୟବସ୍ଥା କଡାକଡି ହେବ ବୋଲି ବୁଧବାର ଅନୁଷ୍ଠିତ ପୋଲିସ ମୁଖ୍ୟାଳୟ ବୈଠକରେ ନିଷ୍ପତ୍ତି ହୋଇଛି । ସୁରକ୍ଷାରେ ଅତିରିକ୍ତ ୭୨ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ । ୨୯ ତାରିଖରେ ମହାପ୍ରଭୁଙ୍କ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବ । ଦେବସ୍ନାନ ପୂର୍ଣ୍ଣିମା ଉତ୍ସବକୁ ସୁରକ୍ଷିତ, ଶୃଙ୍ଖଳିତ ପରିବେଶ ମଧ୍ୟରେ ସମ୍ପନ୍ନ କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ମୁଖ୍ୟାଳୟରେ ଅନୁଷ୍ଠିତ ବୈଠକରେ ଡିଜିପି ଯୋଗେଶ ବାହାଦୂର ଖୁରାନିଆ ଅଧ୍ୟକ୍ଷତା କରିଥିଲେ । (୯ ପୃଷ୍ଠାରେ)

## ମୌସୁମୀ ଧୀରେ ଧୀରେ ଆଗକୁ ବଢୁଛି

ଭୁବନେଶ୍ୱର, ୧୦।୬ (ସବ୍ୟୁ) : ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କିଛିଦିନ ହେବ ବଙ୍ଗୋପସାଗରରେ ଧୀରେ ଧୀରେ ଆଗକୁ ବଢୁଛି । ତେବେ ମୌସୁମୀର ଗତିକୁ ଅତି ଦ୍ରୁତ କରିବା ଭଳି କୌଣସି ଶକ୍ତିଶାଳୀ ଲଘୁଚାପ କ୍ଷେତ୍ର କି ଅବପାତ ଏପର୍ଯ୍ୟନ୍ତ ବଙ୍ଗୋପସାଗରରେ ସୃଷ୍ଟି ହୋଇନାହିଁ କିମ୍ବା ନିକଟରେ ସୃଷ୍ଟି ହେବାର ସଙ୍କେତ ମିଳୁନାହିଁ। ଓଡ଼ିଶାରେ ମୌସୁମୀ ଏକାସଙ୍ଗେ ସମଗ୍ର ରାଜ୍ୟକୁ ନଛୁଇଁ, ବରଂ ଏକ ରୋଲିଂ-ୱେଭ କିମ୍ବା ପର୍ଯ୍ୟାୟକ୍ରମେ ଧୀରେ ଧୀରେ ଆଗକୁ ବଢ଼ିବ । ବିଶ୍ୱସ୍ତରୀୟ ପାଣିପାଗ

# ୩ ଦିନ ମଧ୍ୟରେ ଛୁଇଁବ ଓଡ଼ିଶା

ମଡେଲଗୁଡ଼ିକର ଆକଳନରୁ ଏହା ଜଣାପଡ଼ିଛି ବୋଲି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ।

ଶ୍ରୀ ପଶୁପାଳକ କହିଥିଲେ, ମୌସୁମୀ ଆଗମନର ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର ଜିଲ୍ଲା ପ୍ରଭାବିତ ହେବ। ଏମାନଙ୍କ ମଧ୍ୟରୁ ଗଞ୍ଜାମ, ପୁରୀ ଏବଂ ଖୋର୍ଦ୍ଧା ଜିଲ୍ଲା ଦେଇ ସାମୁଦ୍ରିକ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିବାର ସବୁଠାରୁ ଅଧିକ ସମ୍ଭାବନା ଅଛି । ଏହି ସମୟ ମଧ୍ୟରେ ଆନ୍ଧ୍ରପ୍ରଦେଶ ଉପକୂଳରୁ ଆର୍ଦ୍ରତା ଉପରକୁ ଆସୁଥିବାରୁ ଦକ୍ଷିଣ ଓଡ଼ିଶାର ଗଜପତି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାରେ ମଧ୍ୟ ମୌସୁମୀ ପ୍ରବେଶ କରିବ । ମୌସୁମୀ ଛୁଇଁବା ପୂର୍ବରୁ ଏହି ସବୁ ଜିଲ୍ଲାରେ ପ୍ରବଳ ଗୁଳୁଗୁଳି, ମେଘୁଆ ପାଗ ଏବଂ ବାରମ୍ବାର ଘଡ଼ଘଡ଼ି ସହ ବର୍ଷା ହେଉଥିଲା ଏବଂ ତାପମାତ୍ରା ଧୀରେ ଧୀରେ କମିବ ।

ଦ୍ୱିତୀୟ ପର୍ଯ୍ୟାୟରେ ପଶ୍ଚିମ ଓଡ଼ିଶାକୁ ୧୪-୧୭ ମଧ୍ୟରେ ମୌସୁମୀ ପାଗ ଧୀରେ ଧୀରେ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ ସୁବର୍ଣ୍ଣପୁର ଜିଲ୍ଲାକୁ ସମ୍ପ୍ରସାରିତ ହେବ । ମୌସୁମୀ ପ୍ରବେଶ କରିବା ପୂର୍ବରୁ ଏଠାରେ ମଝିରେ ମଝିରେ ଗ୍ରୀଷ୍ମ ପ୍ରବାହ, ବଢୁଥିବା ଆର୍ଦ୍ରତା ଏବଂ ଅପରାହ୍ନ କିମ୍ବା ସନ୍ଧ୍ୟା ସମୟରେ ବାରମ୍ବାର ଘଡ଼ଘଡ଼ି ସହ ବର୍ଷା ଜାରି ରହିବ । ସେହିପରି ତୃତୀୟ ପର୍ଯ୍ୟାୟରେ ଉତ୍ତର-କେନ୍ଦ୍ରୀୟ ଆଭ୍ୟନ୍ତରୀଣ ଓଡ଼ିଶର ୧୫-୧୯ ତାରିଖ ମଧ୍ୟରେ ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ବୌଦ୍ଧ ଏବଂ କନ୍ଧମାଳ ଜିଲ୍ଲାରେ ମୌସୁମୀ ଆଗମନ ସମୟକୁ ନେଇ ସବୁଠାରୁ ଅଧିକ ଅନିଶ୍ଚିତତା ରହିଛି । ଏହି ଜିଲ୍ଲାଗୁଡ଼ିକ ଶେଷ ପର୍ଯ୍ୟାୟରେ ମୌସୁମୀ ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଅଛି । (୯ ପୃଷ୍ଠାରେ)

# ଟିଏମ୍‌ସି ସାଂସଦ ବିଦ୍ରୋହୀ ତାଲିକାରେ ଶତ୍ରୁଘ୍ନ, ସାୟାନି, ୟୁସୁଫ



ନୂଆଦିଲ୍ଲୀ, ୧୦।୬ : ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚରେ ତୃଣମୂଳ କଂଗ୍ରେସର ପରାଜୟ ପରେ ଦଳ ଏବେ ଧରାଶୟୀ ହେବାକୁ ବସିଲାଣି। ଟିଏମ୍‌ସିର ସଂସଦୀୟ ଦଳର ଏକ ବଡ଼ଧରଣର ବିଭାଜନ ଘଟିଛି। ୧୯ ସାଂସଦ ତୃଣମୂଳ କଂଗ୍ରେସରୁ ଅଲଗା ହୋଇ ପୃଥକ ଗୋଷ୍ଠି ସମଗ୍ର କରିବାକୁ ବାଚସ୍ପତି ଓମ୍ ବିର୍ଲାଙ୍କ ଚିଠି ଲେଖିଛି। ଏବେ ସ୍ୱାକ୍ଷର କରିଥିବା ସାଂସଦଙ୍କ ନାମ

## ୧୯ ସାଂସଦଙ୍କ ସ୍ୱାକ୍ଷର ତାଲିକା ଆସିଲା

ସାମ୍ନାକୁ ଆସିଛି ।

ଯେଉଁ ସାଂସଦମାନେ ବିଦ୍ରୋହୀ ତାଲିକାରେ ଅଛନ୍ତି ସେମାନେ ହେଲେ ଶତୃଘନ ସିହ୍ନା, କାକୁଲି ଘୋଷ, ଜଗଦୀଶ ଚନ୍ଦ୍ର ବୁସୁନିଆ, ଖଲି ୟୁଆର ରେହକାନ, ଇଶୁଫ ପଠାନ, ଅବୁତାହିର ଖାନ୍, ପାର୍ଥ ଭୂମିକ, ବାପି ହଲଦାର, ସୟାନି ଘୋଷ, ମାଲା ରାୟ, ମିତାଲି ବାଦ, ଦୀପକ ଅଧିକାରୀ, କାଳିପଦା ସୋହରେନ, ଜୁନ ମାଲିଆ, ଅରୁପ ଚକ୍ରବର୍ତ୍ତୀ ସର୍ମିଲା, ଅଶିତ କୁମାର ମଲ୍ଲ, ଶତାବ୍ଦି ରାୟ. ରଚନା ବାନାର୍ଜୀ। ବର୍ତ୍ତମାନ ତୃଣମୂଳ କଂଗ୍ରେସର ଲୋକସଭାରେ ୨୮ ସାଂସଦ ଅଛନ୍ତି। ବାସିରହାର ସାଂସଦ, ହାଜି ନୁରୁଲ ଇସ୍ରାଏଲ ମୃତ୍ୟୁ ପରେ ଏହି ପଦବୀ ଖାଲି ରହିଛି। ପୃଥକ ଗୋଷ୍ଠି ଗଠନ ପାଇଁ ୧୯ ସାଂସଦଙ୍କ ଆବଶ୍ୟକ ରହିଛି। ପ୍ରଥମେ ଏମାନେ ତୃଣମୂଳରୁ ଇସ୍ତଫା ଦେଇ ବିଜେପିରେ ଯୋଗଦେବା ପାଇଁ ଯୋଜନା କରିଥିଲେ। ମାତ୍ର ପରେ ସେମାନେ ଏକ ପୃଥକ ଗୋଷ୍ଠୀ କରି ଏନଡିଏକୁ ସମର୍ଥନ କରିବେ ବୋଲି ନିଷ୍ପତ୍ତି ନେବା ସହ ଦଳ ବିରୋଧୀ ଆଇନ ଅନୁଯାୟୀ ଅଯାଗ୍ୟ ବର୍ତ୍ତିବା ପାଇଁ ଏହି ପଦକ୍ଷେପ ନେଇଛନ୍ତି। ସାଂସଦରେ ପ୍ରଥମ ଗୋଷ୍ଠୀର ନେତା ଭାବେ କାକୁଲ ଚୟନ କରାଯାଇଛି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିରୋଧୀ ଶିବିର ବାଚସ୍ପତିଙ୍କୁ ଭେଟି ଦାବି କରିବେ ଯେ, ଦସ୍ତିଦାର ଙ୍କୁ ପିଏସିର ମୁଖ୍ୟ ସଚେତକ ଭାବେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଉ। ବରିଷ୍ଠ ବିଜେପି ନେତା ଧର୍ମେନ୍ଦ୍ର ଯାଦବଙ୍କ ଦିଲ୍ଲୀ (୯ ପୃଷ୍ଠାରେ)

### ସାଧାରଣ ନିର୍ବାଚନ ବିଧାୟକ ପ୍ରାର୍ଥୀଙ୍କ ସହ ନବୀନଙ୍କ ବୈଠକ

# ନାରୀ ଅଧିକାର ଅଭିଯାନର ସଫଳତା ପରିବର୍ତ୍ତନର ସୂଚନା



ଭୁବନେଶ୍ୱର, ୧୦।୬ (ସବ୍ୟୁ) : ଆଜି ଶଙ୍ଖ ଭବନଠାରେ ୨୦୨୪ ସାଧାରଣ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ମାନଙ୍କ ସହ ବିଜେଡି ସଭାପତି ଶ୍ରୀ ନବୀନ ପଟ୍ଟନାୟକ ଏକ ସାଙ୍ଗଠନିକ ବୈଠକରେ ଯୋଗ ଦେଇ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଦଳର ସାଙ୍ଗଠନିକ

## ଏସ୍‌ଆଇଆର୍ ପାଇଁ ସଜାଗ ରହିବାକୁ ପରାମର୍ଶ

ସ୍ଥିତି ଓ ସ୍ଥାନୀୟ ସମସ୍ୟା ସମ୍ପର୍କରେ ମତ ବିନିମୟ କରିଥିଲେ । ଏହି ଅବସରରେ ବିଜୁ ଜନତା ଦଳ ସଭାପତି କହିଥିଲେ ଯେ ଗତ ଦୁଇ ବର୍ଷରେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଷୁଡି ଯାଇଛି। ଜନ ସାଧାରଣ ଭୟରେ ରହିଛନ୍ତି । ହତ୍ୟା, ଧର୍ଷଣ, ଲୁଟ, ନାରୀ ନିର୍ଯାତନା ଆଦି ଅପରାଧ ସୀମା ଲଙ୍ଘି ସାରିଲାଣି । ଅର୍ଥନୈତିକ ଅବସ୍ଥା ଆହୁରି ଶୋଚନୀୟ ହୋଇ ପଡିଛି । ବିଜେଡି ସରକାର କ୍ଷମତାରୁ ଯିବା ସମୟରେ ୪୫ ହଜାର କୋଟି ଟଙ୍କାର ବଳକା ରାଜସ୍ୱ ଛାଡି ଯାଇଥିଲା ବେଳେ ଏବେ ରାଜ୍ୟର ଋଣ ଭାର ବଢି ଚାଲିଛି । ଦୁଃଖର କଥା ବୁଢାବୁଢୀ, ଭିନ୍ନକ୍ଷମ ମାନଙ୍କୁ ସାମାଜିକ ସୁରକ୍ଷା ପେନ୍‌ସନ୍ ମଧ୍ୟ ଏ ସରକାର ଅମଳରେ ମିଳୁନାହିଁ । ଓଡିଶା ଶାସନରେ ଏଭଳି ଅବ୍ୟବସ୍ଥା କୌଣସି ସରକାର ଅମଳରେ ଦେଖା ନଥିଲା ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ ।

ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଜେଡିର ୨୪ ବର୍ଷ ଶାସନ ସମୟରେ ଓଡିଶା ବିଭିନ୍ନ କ୍ଷେତ୍ରରେ (୯ ପୃଷ୍ଠାରେ)



## ଓଡ଼ିଆ ରୁଚି

### ଛତୁ ଅମୃତଭଣ୍ଡା ଚଟପଟି

**ସାମଗ୍ରୀ-** ଅମୃତ ଭଣ୍ଡା, ଛତୁ, ଆଳୁ, କ୍ୟାପସିକମ, ପିଆଜ, ରସୁଣ, ଟମାଟୋ, ଫୁଟଣ, ଆବଶ୍ୟକ ଗୁଣ୍ଡ ମସଲା ଯଥା ହଳଦୀ,ଲୁଣ, ଲଙ୍କା ଗୁଣ୍ଡ ଓ ମିଟ ମସଲା ।

**ପ୍ରଣାଳୀ-** ପ୍ରଥମେ ଆଳୁ, ଅମୃତଭଣ୍ଡା, ଛତୁ ଓ କ୍ୟାପସିକମକୁ ଛୋଟଛୋଟ କରି କାଟି ନିଅନ୍ତୁ । କରେଇରେ ତେଲରେ ଫୁଟଣା ଭୂସଙ୍ଗପତ୍ର ପକାନ୍ତୁ । ଏହାପରେ ଏଥିରେ ପିଆଜ କଟା ପକାଇ ଭାଜନ୍ତୁ । ପିଆଜ ଭାଜି ହୋଇଗଲେ ଏଥିରେ ରସୁଣ ଛେଚା ପକାନ୍ତୁ । ଅଳ୍ପ ସମୟରେ ଏଥିରେ ସମସ୍ତ ଗୁଣ୍ଡ ମସଲା ଓ ଟମାଟୋକୁ ପକାଇ କିଛି ସମୟ ଭାଜନ୍ତୁ । କିଛି ସମୟ ଭାଜିହେବା ପରେ ଏଥିରେ ସମସ୍ତ ପରିବା ପକାନ୍ତୁ ଏବଂ କସନ୍ତୁ । ଅଳ୍ପ ପାଣି ମଧ ଦେଇ ପାରିବେ । ପରିବା ସିଝିବା ପର୍ଯ୍ୟନ୍ତ ଏହାକୁ ଭାଜନ୍ତୁ । ଶେଷରେ ଧନିଆ ପତ୍ର ପକାଇ ପ୍ରସ୍ତୁତ କରନ୍ତୁ ଛତୁ ଅମୃତଭଣ୍ଡା ଚଟପଟି ।

## ଇତିହାସ

୧୮୬୬- ଆଲାହାବାଦ ଉଚ୍ଚ ନ୍ୟାୟାଳୟର ସ୍ଥାପନ କରାଗଲା । ଏହା ପୂର୍ବରୁ ଆଗ୍ରା ଉଚ୍ଚ ନ୍ୟାୟାଳୟ ନାମରେ ଜଣାଯାଉଥିଲା ।
୧୮୯୭- ମହାନ ସ୍ୱତନ୍ତ୍ରତା ସେନାନି ରାମ ପ୍ରସାଦ ବିସମିଲା ଜନ୍ମଗ୍ରହଣ କରିଥିଲେ ।
୧୯୨୧- ବ୍ରାଜିଲ୍‌ରେ ମହିଳାମାନଙ୍କୁ ମତ ପ୍ରଦାନ ପାଇଁ ଅଧିକାର ଦିଆଗଲା ।
୧୯୪୮- ଭାରତୀୟ ରାଜନୈତିଜ୍ଞ ତଥା ବିହାରର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ଜନ୍ମ ।
୧୯୫୫- ପ୍ରଥମ ମ୍ୟାଗ୍ନେସିୟମ୍ ଜେଟ୍ ବିମାନ ଉଡାଣ ଭରିଲା ।
୧୯୬୪- ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଇଚ୍ଛାନୁସାରେ ତାଙ୍କ ଅସ୍ଥିର ଭସ୍ମ ସମଗ୍ର ଦେଶରେ ପକାଗଲା ।
୧୯୮୩- ଭାରତର ଅଗ୍ରଣୀ ଔଦ୍ୟୋଗିକ ବିର୍ଲା ସମୂହର ସଂସ୍ଥାପକ ଘନଶ୍ୟାମଦାସ ବିର୍ଲାଙ୍କ ପରଲୋକ ।
୨୦୦୩- କୋର୍ଣ୍ଣିକୋବା ମହିଳା ଟେନିସ୍‌ର ସବୁଠୁ ସୁନ୍ଦର ଖେଳାଳି ବୋଲି ଘୋଷଣା କରାଗଲା ।
୨୦୦୮- ଭ୍ରଷ୍ଟାଚାର ବିରୋଧରେ ଜେଲ୍‌ରେ ବନ୍ଦି ଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ୱାଜେଦ୍‌ଙ୍କୁ ମୁକ୍ତ କରାଗଲା ।
୨୦୧୨- ଆଫଗାନିସ୍ତାନରେ ଭୂମିକମ୍ପ କାରଣରୁ ହୋଇଥିବା ଭୂସ୍ଖଳନରେ ୮୦ ଲୋକଙ୍କ ପ୍ରାଣହାନୀ ।

## ୧୯ ବର୍ଷରେ ଅଲଜାଇମର



ଆଲଜାଇମର ରୋଗ ସାଧାରଣତଃ ବୃଦ୍ଧାବସ୍ଥାରେ ଦେଖିବାକୁ ମିଳିଥାଏ, ହେଲେ ଏକ ଘଟଣା ବର୍ତ୍ତମାନ ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି । ଚୀନରେ ଜଣେ ୧୯ ବର୍ଷୀୟ କିଶୋରଙ୍କ ଶରୀରରେ 'ଆଲଜାଇମର' ବା ସ୍ମୃତିହ୍ରାସ ଜନିତ ରୋଗ ଚିହ୍ନଟ ହୋଇଛି, ଯାହା ଚିକିତ୍ସା ବିଜ୍ଞାନ ଇତିହାସରେ ସବୁଠାରୁ କମ୍ ବୟସରେ ଏହି ରୋଗ ହେବାର ପ୍ରଥମ ମାମଲା । ସାଧାରଣତଃ ବୃଦ୍ଧାବସ୍ଥାରେ ଦେଖାଯାଉଥିବା ଏହି ମାରାତ୍ମକ ରୋଗର ଲକ୍ଷଣ ଉକ୍ତ ଯୁବକଙ୍କଠାରେ ମାତ୍ର ୧୭ ବର୍ଷ ବୟସରୁ ପ୍ରକାଶ ପାଇବାକୁ ଲାଗିଥିଲା । ଯେଉଁଥିପାଇଁ ସେ ପାଠପଢ଼ାରେ ମନୋନିବେଶ କରିପାରିନଥିଲେ ଏବଂ ପରଦିନର ଘଟଣା ବା ନିଜ ଜିନିଷପତ୍ର କେଉଁଠି ରଖିଛନ୍ତି ତାହା ସମ୍ପୂର୍ଣ୍ଣ ଭୁଲିଯାଉଥିଲେ । ପରିସ୍ଥିତି ଏଭଳି ଜଟିଳ ହେଲା ଯେ ତାଙ୍କୁ ନିଜର ମାଧ୍ୟମିକ ଶିକ୍ଷା ଅଧାରୁ ଛାଡ଼ିବାକୁ ପଡ଼ିଥିଲା । ମେମୋରି ଟେଷ୍ଟରେ ତାଙ୍କର ସ୍ମରଣ ଶକ୍ତି ସାଥୀମାନଙ୍କ ତୁଳନାରେ ପ୍ରାୟ ୮୨ ରୁ ୮୭ ପ୍ରତିଶତ କମ୍ ଥିବା ଜଣାପଡ଼ିଥିଲା । ବ୍ରେନ୍ ସ୍କାନରୁ ମସ୍ତିଷ୍କର ସ୍ମୃତି ନିୟନ୍ତ୍ରଣ କରୁଥିବା ଅଂଶ 'ହିପୋକାମ୍ପସ' ସଙ୍କୁଚିତ ହୋଇଯାଇଥିବା ଏବଂ ସେରେବ୍ରୋସ୍ପାଇନାଲ୍ ଫ୍ଲୁଇଡ୍ ଟେଷ୍ଟରୁ ଆଲଜାଇମରର ବାୟୋମାର୍କର ମିଳିଥିଲା । ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ପୂର୍ବରୁ ଚିହ୍ନଟ ହୋଇଥିବା ୨୧ ବର୍ଷୀୟ ସର୍ବକନିଷ୍ଠ ରୋଗୀଙ୍କ ଶରୀରରେ ' ପିଏସଇଏନ୧' ନାମକ ଜେନେଟିକ୍ ମ୍ୟୁଟେସନ୍ ଦେଖାଯାଇଥାଏ । ଏହି ଚୀନ ଯୁବକଙ୍କ କ୍ଷେତ୍ରରେ କୌଣସି ବଂଶଗତ ଇତିହାସ କିମ୍ବା ଜେନେଟିକ୍ ମ୍ୟୁଟେସନ୍ ମିଳିନାହିଁ । ତେବେଭବିଷ୍ୟତରେ ଯୁବପିଢ଼ିଙ୍କଠାରେ ଏଭଳି ରୋଗର ରହସ୍ୟ ଖୋଜିବା ବିଜ୍ଞାନ ପାଇଁ ଏକ ବଡ଼ ଆହ୍ୱାନ ସାଜିବବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ।

## ସୋସିଆଲ କୋଟ୍ସ



ଦୁଇଟି ଅଲଗା ଅଲଗା ଚରିତ୍ର ମଧ୍ୟରେ ସୁଇଚ୍ କରିବା ଖୁବ କଷ୍ଟ ଦାୟକ ଓ ଚାଲେଞ୍ଜିଂ ଥିଲା । "ଆନିମଲ୍'ରେ ୬୫ ବର୍ଷୀୟ ବଲବୀର ଠାରୁ ଆରମ୍ଭ କରି "ଫାଇଟର'ରେ ୪୫ ବର୍ଷୀୟ ରକି ପର୍ଯ୍ୟନ୍ତ, ବହୁତ ଚାଲେଞ୍ଜିଂ ଥିଲା ।

ଅନିଲ କପୁର, ଅଭିନେତା



ମୁଁ ନାସ୍ତିକ, ହେଲେ ଶ୍ରୀରାମଙ୍କର ପୂଜା କରିଥାଏ । ଭଗବାନ ଶ୍ରୀରାମ ଆମ ସଂସ୍କୃତି ଓ ସଭ୍ୟତାର ଏକ ଅଂଶ । ନିଜ ସଂସ୍କୃତି ପାଇଁ ମୁଁ ଗର୍ବିତ ।

ଜାଭେଦ୍ ଅଖତର, ସ୍କ୍ରିନ୍ ରାଇଟର



ମୋତେ ଅଭିନେତା ହେବାର ଇଚ୍ଛା ନଥିଲା । ମୁଁ ପ୍ରଥମେ ଛାତ୍ର ରାଜନୀତି କରିବାକୁ ଇଚ୍ଛା ରଖିଥିଲି । ହେଲେ ମୋର ଗୁରୁ ମୋତେ ଅଭିନୟ କରିବାକୁ ପରାମର୍ଶ ଦେଇଥିଲେ ।

ଆଶୁତୋଷ ରାଣା, ଅଭିନେତା

## ୧୦ମାସରେ ୧୧ ଥର ଜନ୍ମଦିନ

ଆମେରିକାର ଫ୍ଲୋରିଡା ସହରରେ ମାଗଣା ଖାଦ୍ୟ ଏବଂ ଉପହାର ପାଇବା ପାଇଁ ଜଣେ ମହିଳାଙ୍କ ଅଜବ କାରନାମା ଏବେ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ଏଥିପାଇଁ ଶେଷରେ ତାଙ୍କୁ ଜେଲ୍ ମଧ ଯିବାକୁ ପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ଫ୍ଲୋରିଡାରେ ରହୁଥିବା ୨୭ ବର୍ଷୀୟା ଏଶଲେ ମୁନରୋ ନାମକ ଜଣେ ମହିଳା ବିଭିନ୍ନ ରେଷ୍ଟୁରାଣ୍ଟରୁ ମାଗଣା ଡେଜର୍ଟ, କମ୍ପ୍ଲିମେଣ୍ଟ୍ରୀ ଡ୍ରିଙ୍କ୍ ଏବଂ ରିହାତି କୁପନ୍ ହାସଲ କରିବା ଆଶାରେ ମାତ୍ର ୧୦ ମାସ ମଧ୍ୟରେ ୧୧ ଥର ନିଜର ଜନ୍ମଦିନ ପାଳନ କରିଛନ୍ତି । ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଏଶଲେ ଏହି କାମକୁ ସୁଚାରୁରୂପେ କରିବା ପାଇଁ ଏକ ସ୍ପ୍ରେଡ୍‌ସିଟ୍ ତିଆରି କରି ସେଥିରେ ଭିନ୍ନ ଭିନ୍ନ ରେଷ୍ଟୁରାଣ୍ଟର ସମସ୍ତ ବିବରଣୀ ଲିପିବଦ୍ଧ କରି ରଖିଥିଲେ । ଏହି ଠକେଇ ମାଧ୍ୟମରେ ସେ ବିଭିନ୍ନ ହୋଟେଲରୁ ୪୭ଟି ମାଗଣା ଡେଜର୍ଟ, ୨୨ଟି କମ୍ପ୍ଲିମେଣ୍ଟ୍ରୀ ଡ୍ରିଙ୍କ୍ ଏବଂ ୯ଟି ବର୍ଥଡେ କୁପନ୍ ରିଡିମ୍ କରିବା ସହ ଏକ ସପ୍ତାହ ମଧ୍ୟରେ ଗୋଟିଏ ରେଷ୍ଟୁରାଣ୍ଟରେ ଦୁଇ ଦୁଇ ଥର ଜନ୍ମଦିନ ଗୀତ ମଧ ଶୁଣିଥିଲେ । ତେବେ ଏହି ମହିଳା ସେତେବେଳେ ଧରାପଡିଥିଲେ, ଯେତେବେଳେ ଏକ ରେଷ୍ଟୁରାଣ୍ଟର କର୍ମଚାରୀମାନେ ମାତ୍ର ୧୮ ଦିନ ପୂର୍ବରୁ ସେଠାରେ ଜନ୍ମଦିନ ପାଳିଥିବା ଏଶଲେଙ୍କୁ ଚିହ୍ନି ପକାଇଥିଲେ । ଏହାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଗିରଫ କରିଥିବା ଜଣାପଡିଛି ।



## ଫ୍ଲପ ହେବ ନା ହିଟ୍



ଏକଦା ବକ୍ସ ଅଫିସରେ ସଫଳତାର ପତାକା ଉଡ଼ାଉଥିବା ଅଭିନେତ୍ରୀ କଙ୍ଗନା ରାନାୱତଙ୍କ ଆଗାମୀ ଫିଲ୍ମ 'ଭାରତ ଭାଗ୍ୟ ବିଧାତା' ଆସନ୍ତା ଜୁନ୍ ୧୨ ରେ ରିଲିଜ ହେବ । ହେଲେ ଏହାର ବ୍ୟବସାୟିକ ସଫଳତାକୁ ନେଇ ଏବେଠାରୁ ଚର୍ଚ୍ଚା ଆରମ୍ଭ ହୋଇଛି । ଏହାର ପ୍ରମୁଖ କାରଣ ହେଉଛି କଙ୍ଗନାଙ୍କ ନିକଟରେ ଅନେକ ଫିଲ୍ମ ଫ୍ଲପ ହେବା ଏବଂ ଜୁନ୍ ୧୨ ତାରିଖରେ ବକ୍ସ ଅଫିସରେ ଫିଲ୍ମସହ ହେବାକୁ ଥିବା ବଡ଼ ଟକ୍କର । ସୂଚନା ଅନୁସାରେ କଙ୍ଗନାଙ୍କ ଗତ ପାଞ୍ଚଟି ଚଳଚ୍ଚିତ୍ର ଯଥା— 'ଏମରଜେନ୍ସି' (୨୦୨୫), 'ତେଜସ' (୨୦୨୩), 'ଚନ୍ଦ୍ରମୁଖୀ ୨', 'ଧାକଡ଼' (୨୦୨୨) ଏବଂ 'ଥଲାଇଭି' (୨୦୨୧) ବଜେଟ୍ ତୁଳନାରେ ବହୁତ କମ୍ ରୋଜଗାର କରି ବକ୍ସ ଅଫିସରେ ସମ୍ପୂର୍ଣ୍ଣ ଫ୍ଲପ୍ ସାବ୍ୟସ୍ତ ହୋଇଥିଲେ । ଏଭଳି ସ୍ଥିତିରେ 'ଭାରତ ଭାଗ୍ୟ ବିଧାତା' ରିଲିଜ୍ ଦିନ ହିଁ ବଲିଉଡର ଅନ୍ୟ ତିନୋଟି ବଡ଼ ଫିଲ୍ମ— ଇମତିଆଜ୍ ଅଲୀଙ୍କ 'ମୈଁ ୱାପସ ଆଉଙ୍ଗା', ମନୋଜ ବାଜପେୟୀଙ୍କ 'ଗଭର୍ଣ୍ଣର: ଦ ସାଇଲେଣ୍ଟ ସେଭିୟର' ଏବଂ ବିକ୍ରମ ଭଟ୍ଟଙ୍କ 'ହଣ୍ଟେଡ୍ ଥ୍ରିଡି: ଇକୋଜ୍ ଅଫ୍ ଦି ପାଷ୍ଟ' ସହ ସିଧାସଳଖ ମୁହାଁମୁହିଁ ହେବାକୁ ଯାଉଛି । କେବଳ ସେତିକି ନୁହେଁ, ପୂର୍ବରୁ ହଲରେ ଚାଲୁଥିବା 'ପେଡ୍ଡୀ' ଓ 'ହେଁ ଜୱାନୀ ହେଁ ତୋ ଇସ୍କ ହୋନା ହେଁ' ସହିତ ଜୁନ୍ ମାସର ପରବର୍ତ୍ତୀ ସପ୍ତାହଗୁଡ଼ିକରେ ରିଲିଜ୍ ହେବାକୁ ଥିବା 'କକଟେଲ୍ ୨' ଏବଂ ଅକ୍ଷୟ କୁମାରଙ୍କ 'ୱେଲକମ୍ ଟୁ ଦ ଜଙ୍ଗଲ' ଭଳି ବଡ଼ ଚଳଚ୍ଚିତ୍ର ଗୁଡ଼ିକ ମଧ ଏହି ଫିଲ୍ମ ପାଇଁ କଡ଼ା ଚ୍ୟାଲେଞ୍ଜ ସୃଷ୍ଟି କରିବେ । ତେବେ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ସତ୍ୟ ଘଟଣା ଉପରେ ଆଧାରିତ ପେନ୍ ଷ୍ଟୁଡିଓଜ୍ ପ୍ରସ୍ତୁତ ଏହି ସିନେମାରେ କଙ୍ଗନା ଜଣେ ନର୍ସ ଭୂମିକାରେ ଅଭିନୟ କରିଛନ୍ତି । ଏଥିରେ ତାଙ୍କ ସହ ଗିରିଜା ଓକ୍, ସ୍ମିତା ତାମ୍ବେ, ଅମୃତା ନାମଦେବ, ଈଶା ଡେ, ପ୍ରିୟା ବେର୍ଡେ ଏବଂ ଆଶା ଶେଲାର ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ । ତେବେ ଫିଲ୍ମର ଭାଗ୍ୟ ରିଲିଜ ପରେ ହିଁ ଜଣା ପଡିବ ।

## ସାପ ଆଇଲାଣ୍ଡ

ବ୍ରାଜିଲ୍ ଉପକୂଳରେ ଅବସ୍ଥିତ ଏକ କ୍ଷୁଦ୍ର ଦ୍ୱୀପ ବିଶ୍ୱର ସବୁଠାରୁ ଭୟାନକ ସ୍ଥାନଗୁଡ଼ିକ ମଧ୍ୟରୁ ଅନ୍ୟତମ ଭାବେ ବେଶ୍ ଜଣାଶୁଣା । ଯାହାକୁ 'ସାପ ଆଇଲାଣ୍ଡ' ବା 'ଇଲ୍‌ହା ଦା କ୍ୱିମାଡା ଗ୍ରାଣ୍ଡେ' କୁହାଯାଏ । ଏଠାରେ ହଜାର ହଜାର ସଂଖ୍ୟାରେ ସାପ ବାସ କରୁଥିବାରୁ ସାଧାରଣ ପର୍ଯ୍ୟଟକଙ୍କ ପାଇଁ ଏଠାକୁ ଯିବା ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । କେବଳ କେତେକ ବୈଜ୍ଞାନିକ ଓ ବ୍ରାଜିଲ୍ ସେନାକୁ ହିଁ କଠୋର ନିୟମ ଅଧୀନରେ ଏଠାକୁ ପ୍ରବେଶ ଅନୁମତି ମିଳିଥାଏ । ବ୍ରାଜିଲ୍ ମୁଖ୍ୟ ଭୂଭାଗରୁ ପ୍ରାୟ ୩୩ କିଲୋମିଟର ଦୂରରେ ଥିବା ଏହି ଦ୍ୱୀପକୁ ନେଇ ସୋସିଆଲ ମିଡିଆରେ ଅନେକ କାହାଣୀ ପ୍ରଚଳିତ ଅଛି । ଯେଉଁଥିରେ ଦାବି କରାଯାଏ ଯେ ଏଠାରେ ପ୍ରତି ବର୍ଗ ମିଟର ସ୍ଥାନରେ ଗୋଟିଏ ଲେଖାଏଁ ସାପ ରହିଛନ୍ତି ଏବଂ ଏହାକୁ ବିଶ୍ୱର ସବୁଠାରୁ ଘାତକ ଦ୍ୱୀପ ବୋଲି ମଧ କୁହାଯାଏ । ବାସ୍ତବରେ, ଏହି ଦ୍ୱୀପ ହେଉଛି ଅତି ବିରଳ 'ଗୋଲ୍ଡେନ ଲାନ୍ସହେଡ୍' ପ୍ରଜାତିର ସାପଙ୍କ ଆବାସସ୍ଥଳୀ, ଯାହା ସାରା ବିଶ୍ୱରେ ଆଉ କେଉଁଠି ଦେଖାଯାନ୍ତି ନାହିଁ । ବୈଜ୍ଞାନିକଙ୍କ ମତରେ ହଜାର ହଜାର ବର୍ଷ ପୂର୍ବେ ସମୁଦ୍ର ପତ୍ତନ ବୃଦ୍ଧି ପାଇବା ଯୋଗୁଁ ଏହି ଦ୍ୱୀପ ମୁଖ୍ୟ ଭୂଖଣ୍ଡରୁ ଅଲଗା ହୋଇଯାଇଥିଲା ଏବଂ ସେବେଠାରୁ ଏହି ସାପଗୁଡ଼ିକ ଏଠାରେ ସମ୍ପୂର୍ଣ୍ଣ ପୃଥକ ଭାବେ ବିବର୍ତ୍ତନ ମାଧ୍ୟମରେ ବଞ୍ଚି ରହିଛନ୍ତି । ସାପଗୁଡିକ ମୁଖ୍ୟତଃ ସ୍ତନ୍ୟପାୟୀ ପ୍ରାଣୀ ବଦଳରେ ପକ୍ଷୀମାନଙ୍କୁ ଶିକାର କରିଥାନ୍ତି, ଯେଉଁଥିପାଇଁ ଏଠାରେ ସାପ କାମୁଡ଼ା ମାମଲା ପ୍ରାୟ ବିରଳ । ରିପୋର୍ଟ ଅନୁଯାୟୀ, ଏହି ଦ୍ୱୀପରେ ପ୍ରାୟ ୨,୦୦୦ ରୁ ୪,୦୦୦ ସାପ ରହିଛନ୍ତି, , ଗଛ ଓ ଘଞ୍ଚ ଜଙ୍ଗଲ ଭିତରେ ଲୁଚି ରହୁଥିବାରୁ ସେମାନେ ସହଜରେ ଦୃଶ୍ୟମାନ ହୁଅନ୍ତି ନାହିଁ । ପରିବେଶବିତ୍‌ମାନଙ୍କ ମତରେ, ଏହି ଦ୍ୱୀପରେ କଟକଣା କେବଳ ମଣିଷର ସୁରକ୍ଷା ପାଇଁ ନୁହେଁ, ବରଂ ଏହି ବିରଳ ସାପଗୁଡ଼ିକୁ ବେଆଇନ ଚୋରା ଚାଲାଣରୁ ରକ୍ଷା କରିବା ପାଇଁ ଲଗାଯାଇଛି ।







**ମେଷ:** ମନସ୍ତାପ, କିଛି କାର୍ଯ୍ୟରେ ସଫଳ, ନୂତନ କାର୍ଯ୍ୟରେ ବିଳମ୍ବ, ପାରିବାରିକ ଶାନ୍ତି, ଅର୍ଥସମସ୍ୟା ସମାଧାନ, ଶରୀର ସୁସ୍ଥ, ବିଶିଷ୍ଟ ବ୍ୟକ୍ତିସହାୟତା, ଅନୁଷ୍ଠାନରୁ ଲାଭ, ଉଚ୍ଚଆଶା ବିଳମ୍ବ, ଦାମ୍ପତ୍ୟଖୁସି, ବିଦ୍ୟାରେ ସଫଳ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମହାଲକ୍ଷ୍ମୀ ।

**ବୃଷ:** କାର୍ଯ୍ୟରେ ଉନ୍ନତି, ବ୍ୟକ୍ତି ସହାୟତା, ଶରୀର ସୁସ୍ଥ, ବ୍ୟବସାୟରେ ସାମାନ୍ୟ ଲାଭ, ଗୃହକାର୍ଯ୍ୟରେ ଅଗ୍ରଗତି, ପାରିବାରିକ ସୁଖ, ନୂତନ କର୍ମଆରମ୍ଭ, ଶୁଭଖବର ମିଳିବ, ଦାମ୍ପତ୍ୟଖୁସି, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୭, ଆରାଧନା-ଭଗବାନ ଶଙ୍କର ।

**ମିଥୁନ:** ଶତ୍ରୁରେ ବିଜୟ, ଅର୍ଥଲାଭ, ଦୂରଯାତ୍ରା ସଫଳ, ବ୍ୟବସାୟରେ ସ୍ୱଳ୍ପଲାଭ, ସୁସମାଚାର, ବନ୍ଧୁଲାଭ, ପାରିବାରିକ ଶତ୍ରୁତା, ଲୋକସମ୍ପର୍କ ବୃଦ୍ଧି, ମାମଲା ସମାଧାନ, ହଠାତ ମନସ୍ତାପ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**କର୍କଟ:** ବନ୍ଧୁସାହାଯ୍ୟ, ଅନୁଷ୍ଠାନରୁ ଲାଭ, ଆଶାରେ କଷ୍ଟ, ନୂତନ କର୍ମଆରମ୍ଭ, ଦୂରଯାତ୍ରା, ବହୁ ପରିଶ୍ରମ, ଲାଭକମ୍, ଶରୀର ସୁସ୍ଥ, ବିଦ୍ୟାରେ ସଫଳତା, ସନ୍ତାନସୁଖ, ଦାମ୍ପତ୍ୟଖୁସି, ଶତ୍ରୁକଷ୍ଟ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୬, ଆରାଧନା-ମା' ଦକ୍ଷିଣକାଳୀ ।

**ସିଂହ:** ମାନସିକ କଷ୍ଟ, ଲୋକସମ୍ପର୍କରେ ଉନ୍ନତି, ଯାତ୍ରାର ସତର୍କ, ଅର୍ଥଲାଭ, ସମ୍ପତ୍ତିବିବାଦ, ବିଶିଷ୍ଟ କାର୍ଯ୍ୟରେ ଧନବ୍ୟୟ, ନୂତନ ଯୋଜନା ଅସଫଳ, ଶରୀର ସୁସ୍ଥ, ବ୍ୟବସାୟରେ କଷ୍ଟ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** କର୍ମରେ ସଫଳ, ମାମଲା ସମାଧାନ, ପଦବୀଲାଭ, ସମ୍ପର୍କରେ ଲାଭ, ହଠାତ୍ ଦୂରଯାତ୍ରା, ଶତ୍ରୁସମସ୍ୟା ସମାଧାନ, ଦାମ୍ପତ୍ୟଖୁସି, ବନ୍ଧୁଲାଭ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୧୦, ଆରାଧନା-ମା' ବଗଳାମୁଖୀ ।

**ତୁଳା:** ନୂତନ କର୍ମ ଆରମ୍ଭ, ପାରିବାରିକ ବିବାଦ, ଅର୍ଥଲାଭ, ସମ୍ପତ୍ତି ମାମଲାରେ କଷ୍ଟ, ଶରୀର ସୁସ୍ଥ, ବନ୍ଧୁଲାଭ, ଦୂରଯାତ୍ରାରେ ସଫଳ, ସୁସମାଚାର, ବିଶିଷ୍ଟ କାର୍ଯ୍ୟରେ ଲାଭ, ଦାମ୍ପତ୍ୟସୁଖ, ବିଦ୍ୟାରେ ସଫଳ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ଲକ୍ଷ୍ମୀନାରାୟଣ ।

**ବିଛା:** ଶରୀରକଷ୍ଟ, କାର୍ଯ୍ୟରେ ସଫଳ, ସମ୍ପତ୍ତିଲାଭ, ସମ୍ମାନପ୍ରାପ୍ତି, ବିଶିଷ୍ଟ ବ୍ୟକ୍ତିସହାୟତା, ବ୍ୟବସାୟରେ ସ୍ୱଳ୍ପଲାଭ, ବିବାଦ ସମାଧାନ, ନୂତନ କାର୍ଯ୍ୟରେ ବିରୋଧ, କଚେରୀ ମାମଲା, ଅନୁଷ୍ଠାନରୁ ଲାଭ, ବନ୍ଧୁ ସହଯୋଗ, ବିଦ୍ୟାରେ ସଫଳ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ମା' ଗ୍ରାମଦେବତୀ ।

**ଧନୁ:** କାର୍ଯ୍ୟରେ ଅଶାନ୍ତି, ଅଯଥା ଖର୍ଚ୍ଚାନ୍ତ, ପାରିବାରିକ ସହଯୋଗ, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ଦୂରଯାତ୍ରା, ପଦୋନ୍ନତି, ହଠାତ୍ ଧନଲାଭ, ଶତ୍ରୁସମସ୍ୟା, ଭ୍ରାତୃବିବାଦ, ସନ୍ତାନଚିନ୍ତା, ବନ୍ଧୁ ସହଯୋଗ, ନୂତନ କର୍ମଆରମ୍ଭ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ପ୍ରଭୁ ଲିଙ୍ଗରାଜ ।

**ମକର:** କାର୍ଯ୍ୟରେ ସଫଳ, ସନ୍ଥଦର୍ଶନ, ଅନୁଷ୍ଠାନରୁ ଲାଭ, ଦୂରଯାତ୍ରା, ଦ୍ରବ୍ୟପ୍ରାପ୍ତି, ଆଭୂଷଣ ପ୍ରାପ୍ତି, ନୂତନ କାର୍ଯ୍ୟରେ ନେତୃତ୍ୱ, ଲୋକସମ୍ପର୍କ ବୃଦ୍ଧି, ବ୍ୟକ୍ତିସହାୟତା, ସମସ୍ୟା ସମାଧାନ, ବ୍ୟବସାୟ ସଫଳ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୮, ଆରାଧନା-ମା' ଭୁବନେଶ୍ୱରୀ ।

**କୁମ୍ଭ:** ସମ୍ମାନଲାଭ, ବନ୍ଧୁଦର୍ଶନ, ବ୍ୟବସାୟରେ ଧନାଗ୍ରହ, ଶତ୍ରୁସମସ୍ୟା, ଶରୀର ଅସୁସ୍ଥ, ନୂତନ କାର୍ଯ୍ୟଭାର ଗ୍ରହଣ, ସମ୍ପତ୍ତିଲାଭ, ବିଶିଷ୍ଟ କାର୍ଯ୍ୟରେ ଧନବ୍ୟୟ, ବ୍ୟକ୍ତିସହାୟତା, ଅନୁଷ୍ଠାନରୁଲାଭ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୯, ଆରାଧନା-ମା' ଉଗ୍ରତାରା ।

**ମୀନ:** ଦ୍ରବ୍ୟଲାଭ, ସମ୍ମାନପ୍ରାପ୍ତି, କିଛି କାର୍ଯ୍ୟରେ ବିରୋଧ, ବ୍ୟକ୍ତିସହାୟତା, ଶତ୍ରୁସମସ୍ୟା, ପାରିବାରିକ ସମସ୍ୟା, ଧନଲାଭ, ବ୍ୟବସାୟିକ ଲାଭ, ନୂତନ ଯୋଜନାରେ ଲାଭ, ଶରୀର ସୁସ୍ଥ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା-ଭଗବାନ ବିଷ୍ଣୁ ।

**ଜ୍ୟେଷ୍ଠ କୃଷ୍ଣପକ୍ଷ ଏକାଦଶୀ**
**୧୧.୬.୨୦୨୬, ଗୁରୁବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ବାରମ୍ବାର ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଧ୍ୱଂସ ହୋଇଛି : କହ୍ନେୟା କୁମାର

ସମ୍ବଲପୁର,(ସବ୍ୟୁ): ବିଜେପି ଶାସନ କାଳରେ ୮୦ରୁ ଅଧିକ ଥର ପ୍ରଶ୍ନପତ୍ର ଲିକ୍ ହୋଇଛି । ପଦବୀ ଓ ଆସନ ପାଇଁ ଏମାନେ ଛାତ୍ରଙ୍କ ଭବିଷ୍ୟତକୁ ନେଇ ଖେଳ ଖେଳୁଛନ୍ତି ସରକାର। ପେପର ଲିକ୍ ହେଲେ ପରୀକ୍ଷାର୍ଥୀ ଓ ତାଙ୍କ ପରିବାର ଲୋକଙ୍କ ଭବିଷ୍ୟତ ଧ୍ୱଂସ ହୋଇଛି। ବୁଧବାର ସମ୍ବଲପୁର ଜିଲ୍ଲା ଧନକଉଡା ବ୍ଲକ ଅଫିସ ପଡିଆ ଠାରେ ଏନଏସୟୁଆଇ ପକ୍ଷରୁ ଆକ୍ରୋଶ ରାଲିରେ ଯୋଗଦେଇ ରାଷ୍ଟ୍ରୀୟ ପର୍ଯ୍ୟବେକ୍ଷକ କହ୍ନେୟା କୁମାର ଏହା କହିଥିଲେ । ସେ କହିଥିଲେ ଯେ, ଭାଜପା ସମୟରେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ହେଉଛି । ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ସିବିଏସ୍‌ଇ ମୂଲ୍ୟାଙ୍କନରେ ବ୍ୟାପକ ତ୍ରୁଟି ପଦାକୁ ଆସିଛି । ଦେଶର ଲକ୍ଷଲକ୍ଷ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି । ଅନେକ ଛାତ୍ରଛାତ୍ରୀ ଏଥିପାଇଁ ଆତ୍ମହତ୍ୟା କରିଛନ୍ତି । ଏଭଳିସ୍ଥଳେ ଶିକ୍ଷାମନ୍ତ୍ରୀ ତୁରନ୍ତ ନିଜ ପଦବୀରୁ ଇସ୍ତଫା ଦେବା ଉଚିତ୍ ।

ଦେଶରେ ନିଟ୍ ସମେତ ବିଭିନ୍ନ ପ୍ରବେଶିକା ମୂଳକ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ସମ୍ବଲପୁର ଠାରେ ଏନଏସୟୁଆଇ ପକ୍ଷରୁ ଆକ୍ରୋଶ ରାଲି ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅଇଁଠାପାଲି ଛକ ସ୍ଥିତ ବୀର ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏକ ବାଇକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଏହା ବୁଢାରଜା, ଜିଏମ୍ କଲେଜ ଛକ, ମୁଦିପଡା, ଲକ୍ଷ୍ମୀ ଟକିଜ୍, ଜେଲ ଛକ, ସୁନାପାଲି ଓ ମୋତିଝରନ୍ ଦେଇ ଧନକଉଡା ସମାବେଶ ସ୍ଥଳରେ ପହଞ୍ଚିଥିଲା । ଏନଏସୟୁଆଇ ରାଷ୍ଟ୍ରୀୟ ଅଧ୍ୟକ୍ଷ ବିନୋଦ ଜାଖଡ ଯୋଗ ଦେଇ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଅନେକ ଯୁବକଙ୍କ ସ୍ୱପ୍ନ ଧୂଳିସାତ୍ ହେଉଛି । ତେବେ ଛାତ୍ର ସମାଜର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶିକ୍ଷାମନ୍ତ୍ରୀ ତୁରନ୍ତ ନିଜ ପଦବୀରୁ ଇସ୍ତଫା ଦେବା ଉଚିତ୍ ବୋଲି କହିଥିଲେ । ଏହି ସମାବେଶ ରେ ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ରାଜଗାଙ୍ଗପୁର ବିଧାୟକ ସିଏସ୍ ରାଜନ ଏକ୍କା, ପୂର୍ବତନ ବିଧାୟକ ସିପ୍ରା ମଲ୍ଲିକ ଓ ସାଧୁ ନେପାକ, ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ୍ ମହାନ୍ତି, ପିସିସି ମୁଖପାତ୍ର ବିଭୂତି ମହାପାତ୍ର, ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ, ଜିଲ୍ଲା କଂଗ୍ରେସ ସଭାପତି ଅମିତ୍ ଗୁରୁ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ବିଜୟଲକ୍ଷ୍ମୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



## ଲୁଡୁ ଖେଳ ବେଳେ କଟୁରି ଚୋଟ, ଜଣେ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ମନ୍ଦିର ବେଢାରେ ଲୁଡୁ ଖେଳ ଚାଲିଥିବା ବେଳେ ଚପଲ ପିନ୍ଧି ଜଣେ ଭିତରକୁ ଯିବାରୁ ତାଙ୍କୁ ବାରଣ କରିଥିଲେ ଏତଲାକାରିଣୀଙ୍କ ପୁଅ ଶଙ୍କର ଡାକୁଆ। ସେଥିରେ ଉକ୍ଷିପ୍ତ ହୋଇ ସେ ଘରକୁ ଯାଇ ନୀଳକଣ୍ଠ ଜେନା ଓରଫ ରାଜା (୨୦)ଓ ଅନ୍ୟମାନଙ୍କୁ ସାଙ୍ଗରେ ଡାକି ଆଣିବା ସହ କଟୁରୀ ଆଣି ଶଙ୍କରକୁ ଚୋଟ ମାରିଥିଲା। ସେ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସା ହେଉଥିବା ବେଳେ ତାଙ୍କ ମା'ଙ୍କ ଏତଲା ଆଧାରରେ ବରଗଡ ଥାନା ପୋଲିସ ଅଭିଯୁକ୍ତ ରାଜାକୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ମଙ୍ଗଳବାର ଦିନ ରାତିରେ ଶଙ୍କର ଡାକୁଆ ଓ ତାଙ୍କ ସାଙ୍ଗମାନେ ମିଶି ଚିଲି ପୋଖରୀ କେନାଲ ରୋଡ ବସ୍ତିରେ ଠାକୁର ମଣ୍ଡପରେ ଲୁଡୁ ଖେଳୁଥିଲେ। ସେହି ସମୟରେ ସ୍ଥାନୀୟ ଅଞ୍ଚଳ ଆକାଶ ନାମକ ଜଣେ ବ୍ୟକ୍ତି ଚପଲ ପିନ୍ଧି ମଣ୍ଡପ ଭିତରକୁ ପ୍ରବେଶ କରିଥିଲା। ଏହି ସମୟରେ ଶଙ୍କର ବାରଣ କରିବାରୁ ସେ ଫେରିଯାଇ ରାଜା ଓ ଅନ୍ୟମାନଙ୍କୁ ଡାକିବା ନେଇ କଟୁରୀରେ ଚୋଟ ମାରିଥିଲା।

# ସ୍ନାତକ ପାଠ୍ୟକ୍ରମରେ ନାମଲେଖା ଆବେଦନ ସମୟସୀମା ବୃଦ୍ଧି

- ଜୁନ୍ ୧୬ ତାରିଖ ଯାଏଁ ଆବେଦନ କରିପାରିବେ ଛାତ୍ରଛାତ୍ରୀ
- ଜୁନ୍ ୨୨ ତାରିଖରେ ପ୍ରକାଶିତ ହେବ ପ୍ରଥମ ମେଧା ତାଲିକା

ଭୁବନେଶ୍ୱର, (ସବ୍ୟୁ) : ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ସମୟସୀମା ବୃଦ୍ଧି ହୋଇଛି। ଛାତ୍ରଛାତ୍ରୀମାନେ ଜୁନ୍ ୧୬ ତାରିଖ ଯାଏଁ ସାମ୍ସ ପୋର୍ଟାଲକୁ ଯାଇ ସ୍ନାତକ ପାଠ୍ୟକ୍ରମ ପାଇଁ ଆବେଦନ କରିପାରିବେ, ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଜୁନ୍ ୨୨ ତାରିଖ ଅପରାହ୍ନ ୨ ଘଟିକାରେ ପ୍ରଥମ ମେଧା ତାଲିକା ପ୍ରକାଶିତ ହେବ। ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ସ୍ନାତକ ଶ୍ରେଣୀରେ ନାମଲେଖା ପ୍ରକ୍ରିୟା ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ କରାଯିବ। ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁସାରେ, ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲରେ କମନ୍ ଆପ୍ଲିକେସନ ଫର୍ମ ପୂରଣ କରିବା ସମୟରେ ନିଜ ପସନ୍ଦ ଅନୁଯାୟୀ ମୁଖ୍ୟ ବିଷୟ, ଉପ ବିଷୟ (ମେଜର, ମାଇନର ସବଜେକ୍ଟ) ଚୟନ କରିପାରିବେ। ଆପରେଣ୍ଟିସିପ୍ ଏମବେଡ୍ଡେଡ୍ ଡିଗ୍ରୀ ପାଠ୍ୟକ୍ରମ ପାଇଁ ଆଗ୍ରହୀ ଥିବା ଛାତ୍ରଛାତ୍ରୀମାନେ ମଧ୍ୟ ଉକ୍ତ ପାଠ୍ୟକ୍ରମ ପାଇଁ ଆବେଦନ କରିପାରିବେ। ଏଥିସହ ଶିକ୍ଷାବର୍ଷ ୨୦୨୬-୨୭ରେ ସ୍ନାତକ ପାଠ୍ୟକ୍ରମକୁ ଆସନ୍ତା ଜୁଲାଇ ମାସ ୧୦ ତାରିଖ (୧୦ ଜୁଲାଇ,୨୦୨୬ ରିଖ) ସୁଦ୍ଧା ଆରମ୍ଭ କରାଯିବାପାଇଁ ଲକ୍ଷ୍ୟ ରଖାଯାଇଛି।

# ମୟୂର ସିଂହାସନରେ ବିରାଜମାନ କରିବେ ଦେବ ଦମ୍ପତି

ସମ୍ବଲପୁର,(ସବ୍ୟୁ): ଚଳିତ ବର୍ଷ ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବା ଶୀତଳ ଷଷ୍ଠୀ ଯାତ୍ରା ୭୩ବର୍ଷରେ ପଦାର୍ପଣ କରିଛି । ତେଣୁ ଯାତ୍ରାକୁ ଅଧିକ ଆକର୍ଷଣୀୟ ଓ ଭବ୍ୟ କରିବା ପାଇଁ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ପ୍ରାୟ ୪୦ଲକ୍ଷ ଟଙ୍କାର ବଜେଟ୍ ବ୍ୟବସ୍ଥା ହୋଇଛି । ମୟୂର ସିଂହାସନରେ ଦେବଦେବ ମହାଦେବ ଓ ମାତା ପାର୍ବତୀ ବିରାଜମାନ କରିବେ। ତାଙ୍କ ଲୌକିକ ବିବାହରେ ପ୍ରାୟ ୧୮୦୦କଳାକାର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ବୁଧବାର ବରେଇପାଲି ସ୍ଥିତ ହୋଟେଲ କୋଣାର୍କ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଠାକୁରପଡା ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବା ଶୀତଳ ଷଷ୍ଠୀ ଯାତ୍ରା କମିଟିର ସଭାପତି ଶିବ ପ୍ରଧାନ ଏହି ସୂଚନା ଦେଇଥିଲେ । ସେ ସାଂସ୍କୃତିକ କାର୍ଯ୍ୟକ୍ରମ, ଶୋଭାଯାତ୍ରାର ରୁଟ୍ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଚଳିତବର୍ଷ ଶୋଭାଯାତ୍ରାରେ ଜଗତସିଂହପୁରର କୁକୁଡା ନୃତ୍ୟ, ବଲାଙ୍ଗୀରର ଘଣ୍ଟପାର୍ଟି, ଭବାନୀପାଟଣାର ନର୍ସିଂମା ସେଟ୍‌ଅପ୍, କୋଲକାତାର କାଲି ମାଁ ସେଟ୍ ଅପ୍, ବରପାଲିର କେ,ଇ ନାଚ, କେନ୍ଦୁଝରର କଳଶ ନାଚ, ଭୁବନେଶ୍ୱରର ସୁପର ଗ୍ରାଣ୍ଡ ବିଗ୍ ଡିଜେ, ଛତିଶଗଡର ଝାଞ୍ଜ ଆଦି ସାମିଲ ହେବ । ଏଥିସହ ହନୁମାନ, ରାମସୀତା ଆଦିଙ୍କ ପରଭା ରହିଛି । ତେବେ ଭୁବନେଶ୍ୱରର ଲାଇଟ୍ ଶୋ ବିଶେଷ ଆକର୍ଷଣ ପାଲଟିବ । ଏହି ସାମ୍ବାଦିକ ସମ୍ମିଳନୀରେ ଚଳିତବର୍ଷ କନ୍ୟା ପିତା ସୁଜିତ୍ କୁମାର, ସାଧାରଣ ସମ୍ପାଦକ ସନ୍ତୋଷ ବାଗ , ଉପଦେଷ୍ଟା ଧର୍ମେନ୍ଦ୍ର ସିଂ , ସନ୍ତୋଷ ସିଂ ଓ ରାଜେଶ ବିଭାର ପ୍ରମୁଖ ମଞ୍ଚାସୀନ ଥିଲେ ।

## ୫୦ ହଜାର ଅବସରପ୍ରାପ୍ତ ୱାର୍କ ଚାର୍ଜଡ କର୍ମଚାରୀଙ୍କ ପାଇଁ ଖୁସି ଖବର

# ୩ ମାସ ମଧ୍ୟରେ ବକେୟା ପ୍ରାପ୍ୟ ସହ ପେନସନ ଦିଅ : ହାଇକୋର୍ଟ

କଟକ, (ସବ୍ୟୁ): ଡିଏଲ୍‌ଆରରୁ ୱାର୍କ ଚାର୍ଜଡ ପଦରେ ନିୟମିତ ହୋଇ ପେନ୍‌ସନ୍‌ରୁ ବଞ୍ଚିତ ହୋଇଥିବା କର୍ମଚାରୀଙ୍କୁ ହାଇକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି। ଏହି ୱାର୍କ ଚାର୍ଜଡ କର୍ମଚାରୀଙ୍କୁ ୩ମାସ ମଧ୍ୟରେ ପେନ୍‌ସନ୍ ସହ ଅବସରକାଳୀନ ସମସ୍ତ ପ୍ରାପ୍ୟ ପ୍ରଦାନ ଲାଗି ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ପ୍ରାୟ ୫୦ ହଜାର ୱାର୍କ ଚାର୍ଜଡ କର୍ମଚାରୀମାନେ ଉପକୃତ ହେବେ ବୋଲି ସ୍ପଷ୍ଟ ହୋଇଛି। ମହମ୍ମଦ ଜମିଲୁର ରେହେମାନ୍ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ।ମାମଲାରୁ ପ୍ରକାଶ ଯେ, ଆବେଦନକାରୀମାନେ ୧୯୮୩ ମସିହାରେ ଡିଏଲ୍‌ଆର ଭାବେ ନିଯୁକ୍ତି ପାଇଥିଲେ । ପରେ ସେମାନଙ୍କୁ ଡିଏଲ୍‌ଆରରୁ ୱାର୍କ ଚାର୍ଜଡକୁ ଅଣାଯାଇଥିଲା। ୨୦୧୮ ପରଠାରୁ ଏହି କର୍ମଚାରୀମାନଙ୍କୁ ନିୟମିତ କରାଯାଇଥିଲା । କିନ୍ତୁ ଏହି କର୍ମଚାରୀମାନେ ସେମାନଙ୍କ ପଦରୁ ଅବସର ଗ୍ରହଣ କରିବା ପରେ ସେମାନଙ୍କୁ ପେନ୍‌ସନ୍ ଦିଆଯାଇନଥିଲା। ଏନେଇ ମାମଲା ଟ୍ରିବ୍ୟୁନାଲରୁ ଆରମ୍ଭ କରି ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଯାଇଥିଲା । ସବୁଠି ରାଜ୍ୟ ସରକାରଙ୍କୁ ହାରିବାକୁ ପଡ଼ିଥିଲା। କେବଳ ନିରଞ୍ଜନ କର ନାମକ ଜଣେ କର୍ମଚାରୀଙ୍କୁ ପେନ୍‌ସନ୍ ମିଳିଥିଲାବେଳେ ଅନ୍ୟ ଆବେଦନକାରୀଙ୍କୁ ରାଜ୍ୟ ସରକାର ପେନ୍‌ସନ୍ ପ୍ରଦାନ କରିନଥିଲେ। ଆବେଦନକାରୀଙ୍କ ଆବଶ୍ୟକ ଚାକିରି ଯୋଗ୍ୟତା ନଥିବାରୁ ରାଜ୍ୟ ସରକାର ପକ୍ଷରୁ ୨୦୨୫ ମେଦ ୨୧ ତାରିଖରେ ସେମାନଙ୍କୁ ପେନ୍‌ସନ୍ ଦେବାଲାଗି ମନାକରି ଦିଆଯାଇଥିଲା । ସରକାରଙ୍କ ପକ୍ଷରୁ ଯୁକ୍ତିରେ ଦର୍ଶାଯାଇଥିଲା ଯେ ଓଡ଼ିଶା ସିଭିଲ ସର୍ଭିସେସ (ଓସିଏସ) ପେନ୍‌ସନ୍ ନିୟମ, ୧୯୯୨ରେ ହୋଇଥିବା ସଂଶୋଧନ ଅନୁଯାୟୀ, ୨୦୦୫ ଜାନୁଆରୀ ୧ ପରେ ଯେଉଁମାନଙ୍କ ଚାକିରି ନିୟମିତ ହୋଇଛି, ସେମାନେ ପୁରୁଣା ପେନ୍‌ସନ୍ ପାଇବାକୁ ଯୋଗ୍ୟ ନୁହନ୍ତି ଏବଂ ସେମାନେ କେବଳ ନୂତନ ପେନସନ ଯୋଜନା (ଏନପିଏସ୍) ଅଧୀନରେ ଆସିବେ। ଏହି ଆଧାରରେ ସରକାର ସେମାନଙ୍କର ଆବେଦନକୁ ଖାରଜ କରିଦେଇଥିଲେ । ଫଳରେ ଆବେଦନକାରୀ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ରାୟ ପ୍ରକାଶ କରି କହିଛନ୍ତି ଯେ, ଉଭୟ ନିରଞ୍ଜନ କର ଏବଂ ଆବେଦନକାରୀଙ୍କୁ ପେନ୍‌ସନ୍ ଦେବାଲାଗି ସର୍ବୋଚ୍ଚ ଅଦାଲତ ଆଦେଶ ଦେଇସାରିଛନ୍ତି। ଏଥରେ ନିରଞ୍ଜନ କରଙ୍କୁ ପେନ୍‌ସନ୍ ଦିଆଯାଇଥିଲାବେଳେ ଅନ୍ୟ ଆବେଦନକାରୀଙ୍କୁ ପେନସନ୍ ନଦେବା ଆଇନ ଦୃଷ୍ଟିରୁ କେବେ ବି ଗ୍ରହଣୀୟ ନୁହେଁ । ଆହୁରି ମଧ୍ୟ ଆବେଦନକାରୀ ଅବସର ପର୍ଯ୍ୟନ୍ତ ବିଭିନ୍ନ ପଦରେ ନିରବିଚ୍ଛିନ୍ନ ଭାବେ କାର୍ଯ୍ୟ କରି ଆସିଛନ୍ତି। କିନ୍ତୁ ଅର୍ଥ ବିଭାଗର ଏକ ବିଜ୍ଞପ୍ତି ଆଧାରରେ ଆବେଦନକାରୀଙ୍କୁ ପେନ୍‌ସନ୍ ନଦେବା କେବେ ବି ଆଇନ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ। ତେଣୁ ଆବେଦନକାରୀଙ୍କ ସ୍ମାରକପତ୍ରକୁ ବାତିଲ୍ କରାଯାଇଥିବା ଆଦେଶକୁ ହାଇକୋର୍ଟ ରଦ୍ଦ କରିବା ସହ ପେନ୍‌ସନ୍ ଏବଂ ଅନ୍ୟାନ୍ୟ ସମସ୍ତ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ରଙ୍କ ଯୁକ୍ତିକୁ ବିଚାରକୁ ନେଇ ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି

## ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଜିଲ୍ଲା ଦାୟିତ୍ୱ ପ୍ରସଙ୍ଗ

# ରାଜ୍ୟରେ ଆଇନଶୃଙ୍ଖଳା ଠିକ୍ ନାହିଁ: ବିଜେଡି

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ଓ ୧୦ଟି ହାଜତ ମୃତ୍ୟୁର ଅପବାଦ ମୁଣ୍ଡାଇଲା ପରେ, ପୋଲିସ ଡିଜି ୧୫ ଜଣ ବରିଷ୍ଠ ପୋଲିସ୍ ଅଧିକାରୀଙ୍କୁ ୧୭ଟି ଜିଲ୍ଲାକୁ ସୁପରଭାଇଜ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସ୍ପଷ୍ଟ କରୁଛି ରାଜ୍ୟରେ ପୋଲିସ ପ୍ରଶାସନ ଠିକ୍ ଭାବେ କାର୍ଯ୍ୟ କରୁନାହିଁ ବୋଲି ବିଜେଡି ଅଭିଯୋଗ କରିଛି । ବୁଧବାର ଏକ ପ୍ରେସ୍ ବିବୃତ୍ତିରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ, ପୋଲିସ୍ ଷ୍ଟେସନ ଗୁଡ଼ିକ ଯେମିତି ଶାସକ ଦଳର ଅଫିସ୍ ଭଳି କାମ କରୁଛି, ସେଥିରେ ପରିବର୍ତ୍ତନ ଆସିବା ଆବଶ୍ୟକ । ସାରା ରାଜ୍ୟରେ ଶାସକ ଦଳର ପ୍ରୋତ୍ସାହନରେ ଅବୈଧ ଲଘୁ ଖଣିଜ (ବାଲି, ଗୋଡ଼ି, ମୋରମ) ଉତ୍ତୋଳନ ଯେପରି ନିର୍ବିଘ୍ନରେ ଚାଲିଛି, ତଦ୍ୱାରା ନିଷ୍ଠାପର ପୋଲିସ୍ ଅଧିକାରୀଙ୍କ ମନୋବଳ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି ଏବଂ ଅନେକ କ୍ଷେତ୍ରରେ ସେମାନେ ମାଫିଆମାନଙ୍କ ଦ୍ୱାରା ଆକ୍ରମଣର ଶିକାର ହେଉଛନ୍ତି । ଅପରପକ୍ଷରେ ଶାସକ ଦଳର ଇଙ୍ଗିତରେ କାମ କରୁଥିବା ପୋଲିସ୍ ଅଧିକାରୀ ମାନେ ମାଲାମାଲ୍ ହେବା ସହ ମାନବିକ ଅଧିକାର ଉଲ୍ଲଙ୍ଘନର ସବୁ ସୀମା ଅତିକ୍ରମ କରୁଛନ୍ତି । ଡ. ମହାନ୍ତି କହିଛନ୍ତି, ଅନେକ କ୍ଷେତ୍ରରେ ପୋଲିସର ବର୍ବରତା ଓ ଅମାନବୀୟ ଆଚରଣ ଲୋକେ ଦେଖୁଛନ୍ତି । ବାରଙ୍ଗ, ବାଲିଅନ୍ତା, କବିସୂର୍ଯ୍ୟନଗର ଏବଂ ଭଦ୍ରକ ପୋଲିସର ଅମାନବୀୟ ଆଚରଣରେ ରାଜ୍ୟବାସୀ ସ୍ତବ୍ଧ । ଡିଜିଙ୍କ ନିଷ୍ପତ୍ତି ଦ୍ୱାରା ଯଦି ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣକୁ ଆସିବା ସହ ପୋଲିସର ଥାର୍ଡ ଡିଗ୍ରୀ ବ୍ୟବହାର ବନ୍ଦ ହୋଇପାରିବ, ତେବେ ନିଶ୍ଚିତ ଭାବେ ରାଜ୍ୟବାସୀ ଆଶ୍ୱସ୍ତ ହେବେ । ବରିଷ୍ଠ ପୋଲିସ୍ ଅଧିକାରୀଙ୍କ ସୁପରଭିଜନ ଦ୍ୱାରା ରାଜ୍ୟର ଆଇନ ଶୃଙ୍ଖଳା ଓ ପୋଲିସର ବ୍ୟବହାରରେ ପରିବର୍ତ୍ତନ ଆସିବା ଆବଶ୍ୟକ । ବିଳମ୍ବରେ ହେଲେ ମଧ୍ୟ ଏହି ନିଷ୍ପତ୍ତି ଦ୍ୱାରା ପରିସ୍ଥିତିରେ ନିଶ୍ଚିତ ସୁଧାର ଆସିବ ବୋଲି ଡ. ମହାନ୍ତି କହିଛନ୍ତି ।

# ଏସ୍‌ଟିଏ ର ଇ-ଚେକ୍ ବ୍ୟବସ୍ଥାରେ ଜାଲ୍ ମନି ରସିଦରେ ଘୋଟାଲା

## ଡିଟିପି ଅପରେଟର ଅଭିଯୁକ୍ତ ପ୍ରୀତିରଞ୍ଜନ ସ୍ୱାଇଁର ଜାମିନ୍ ଖାରଜ

କଟକ, (ସବ୍ୟୁ): ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ)ର ଇ-ଚେକ୍ ବ୍ୟବସ୍ଥାରେ ଜାଲ୍ ମନି ରସିଦ୍ ଜରିଆରେ ପ୍ରାୟ ଦୁଇ କୋଟି ଟଙ୍କାର ଘୋଟାଲା ହୋଇଥିବା ଘଟଣାରେ ଗିରଫ ହୋଇଥିବା ଡିଟିପି ଅପରେଟର ଅଭିଯୁକ୍ତ ପ୍ରୀତିରଞ୍ଜନ ସ୍ୱାଇଁର ଜାମିନ୍ ଆବେଦନ ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କ ଅଦାଲତରେ ଖାରଜ ହୋଇଯାଇଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଏବଂ ପ୍ରାଥମିକ ପ୍ରମାଣ ଆଧାରରେ ଅଦାଲତ ଏହି ଜାମିନ୍ ଆବେଦନକୁ ଖାରଜ କରି ଦେଇଛନ୍ତି । ଅପରପକ୍ଷରେ ଏହି ମାମଲାରେ ୧ କୋଟି ଟଙ୍କାରୁ ଅଧିକ ଜାଲିଆତି ହୋଇଥିବା ଜଣାପଡ଼ିବା ପରେ ଏହାର ତଦନ୍ତ ଭାର କ୍ରାଇମ୍‌ବ୍ରାଞ୍ଚ ହାତକୁ ଦିଆଯିବ ବୋଲି ଜଣାପଡ଼ିଛି। କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲୁ) ଏହି ଘଟଣାର ତଦନ୍ତ କରିବ। ଇ-ଚେକ୍ ପୋଷ୍ଟ ବ୍ୟବସ୍ଥା ଅନୁସାରେ ରାଜ୍ୟ ବାହାରୁ ଆସୁଥିବା ମାଲବାହୀ ଗାଡ଼ି, ଯାତ୍ରୀବାହୀ ବସ୍, ତୀର୍ଥଯାତ୍ରୀ ଗାଡ଼ି, ଘରୋଇ କାର୍ ଆଦି ଗାଡ଼ି ଅନ୍‌ଲାଇନ୍‌ରେ ମୋଟରଯାନ ଟିକସ୍ ଦାଖଲ କରି ରାଜ୍ୟ ଭିତରକୁ ପ୍ରବେଶ ଅନୁମତି-ପାଇଥାଆନ୍ତି। ଗାଡ଼ି ମାଲିକମାନେ ଇ-ଚେକ୍ ପୋଷ୍ଟ ପୋର୍ଟାଲ୍‌ରେ ଲଗ୍ ଇନ୍ କରିବା ପରେ ଟିକସ ପଇଠି ବ୍ୟବସ୍ଥା କରାଯାଇଛି। ଗ୍ରୀନ୍‌ଲାଇନ୍ ନାଁରେ କୋଲକାତା -ପୁରୀ ଚାଲୁଥିବା ୪ଟି ବସ୍‌ର ଟିକସ ବାବଦକୁ ମାର୍ଚ୍ଚ ମାସରେ ୪୦ ହଜାର ଟଙ୍କା ପଇଠ କରିଥିଲେ ବସ୍ ମାଲିକ। ଏସ୍‌ଟିଏରେ ଡାଟା ଏଣ୍ଟ୍ରି ଅପରେଟର୍ ଭାବେ କାମ କରୁଥିବା ପ୍ରୀତିରଞ୍ଜନ ସ୍ୱାଇଁଙ୍କୁ ନଗଦ ଟଙ୍କା ଦେଇ ଅନ୍‌ଲାଇନ୍‌ରେ ଅର୍ଥ ପଇଠ କରିବାକୁ କହିଥିଲେ। ଅର୍ଥ ନେଇ ପ୍ରୀତିରଞ୍ଜନ ୪ଟି ରସିଦ୍ ଦେଇଥିଲେ। ପରେ ବସ୍ ମାଲିକ ଉକ୍ତ ରସିଦ୍‌କୁ ୱେବ୍‌ସାଇଟ୍‌ରେ ଯାଞ୍ଚ କରିବାରୁ ସେଥିରେ କିଛି ତଥ୍ୟ ଅପ୍‌ଲୋଡ୍ ହୋଇନଥିବା ଜାଣିବାକୁ ପାଇଲେ। ଫଳରେ ଗାଡ଼ି ମାଲିକ ଏସ୍‌ଟିଏ କର୍ତ୍ତୃପକ୍ଷଙ୍କୁ ଏ ସଂପର୍କରେ ଅବଗତ କରିଥିଲେ। ଉକ୍ତ ରସିଦ୍‌ଗୁଡ଼ିକୁ ଏସ୍‌ଟିଏ କର୍ତ୍ତୃପକ୍ଷ ଯାଞ୍ଚ କରିବା ସହିତ ନାସନାଲ୍ ଇନ୍‌ଫର୍ମାଟିକ୍ସ ସେଣ୍ଟର୍‌କୁ ପଠାଇଥିଲେ । ହେଲେ ଉକ୍ତ ରସିଦ୍ ଜାଲ୍ ଓ କୌଣସି ଦେୟ ଗ୍ରିନ୍‌ଲାଇନ୍ ବସ୍ ନାଁରେ ପଇଠ ହୋଇ ନଥିବା ଯାଞ୍ଚରୁ ଜଣାପଡ଼ିଥିଲା। ଫଳରେ ଟଙ୍କା ହଡ଼ପ ନେଇ ଏସ୍‌ଟିଏର ଅତିରିକ୍ତ ପରିବହନ ଆୟୁକ୍ତ (ବୈଷୟିକ) ସମରେନ୍ଦ୍ର ପଟ୍ଟନାୟକ ଲାଲବାଗ ଥାନାରେ ଏତଲା ଦେଇଥିଲେ। ଏହି ଘଟଣାର ପ୍ରାଥମିକ ତଦନ୍ତ ପରେ ଅଭିଯୁକ୍ତ ପ୍ରୀତିରଞ୍ଜନଙ୍କୁ ପୁଲିସ୍ ଗିରଫ କରିଛି। କେବଳ ପ୍ରୀତିରଞ୍ଜନ କି ଏଥିରେ ଏସ୍‌ଟିଏର ଅନ୍ୟ କେହି କର୍ମଚାରୀ ସମ୍ପୃକ୍ତ ଅଛନ୍ତି ଏହାକୁ ନେଇ ପୁଲିସ୍‌ର ତଦନ୍ତ ଚାଲିଛି। କିନ୍ତୁ ଅଡିଟ୍ ପରେ ଏହି ଘଟଣାରେ ପ୍ରାୟ ୨ କୋଟିରୁ ଅଧିକ ଟଙ୍କା ହଡ଼ପ ହୋଇଥିବା ଜଣାପଡ଼ିଛି। ଫଳରେ ଏହି ଘଟଣାର ତଦନ୍ତ ଖୁବ୍‌ଶୀଘ୍ର କ୍ରାଇମ୍‌ବ୍ରାଞ୍ଚ ହାତକୁ ଯିବ ବୋଲି ଜଣାପଡ଼ିଛି।

# ସହରାଞ୍ଚଳର ଦୁର୍ବଳ ବର୍ଗଙ୍କ ସଶକ୍ତିକରଣରେ 'ସହଯୋଗ

ଭୁବନେଶ୍ୱର, (ସବ୍ୟୁ) : ସହରାଞ୍ଚଳରେ ବାସ କରୁଥିବା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ବଞ୍ଚିତ ବର୍ଗର ଲୋକମାନଙ୍କୁ ବିଭିନ୍ନ ସରକାରୀ କଲ୍ୟାଣକାରୀ ଯୋଜନା ସହ ଯୋଡ଼ିବା ଉଦ୍ଦେଶ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗ, ଟାଟା ଷ୍ଟିଲ୍ ଫାଉଣ୍ଡେସନର ସହଯୋଗରେ 'ସହଯୋଗଦ କାର୍ଯ୍ୟକ୍ରମ ପରିଚାଳନା କରୁଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସହରାଞ୍ଚଳର ହଜାର ହଜାର ପରିବାର ବିଭିନ୍ନ ସରକାରୀ ସେବା ଓ ସୁବିଧା ସହ ଯୋଡ଼ି ହୋଇପାରିଛନ୍ତି।ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ଓଡ଼ିଶା ଅର୍ବାନ୍ ଏକାଡେମୀରେ 'ସହଯୋଗଦ କାର୍ଯ୍ୟକ୍ରମର ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ବିଭିନ୍ନ ଫ୍ରଣ୍ଟଲାଇନ୍ କର୍ମୀଙ୍କ ପାଇଁ ଏକ ଦିନିକିଆ କର୍ମଶାଳା ଆୟୋଜିତ ହୋଇଥିଲା। ଏହି ଅବସରରେ 'ସହଯୋଗଦ ସର୍ଭେ ସମୟରେ ସାଧାରଣତଃ ପଚରାଯାଉଥିବା ପ୍ରଶ୍ନ ଓ ସେଗୁଡ଼ିକର ଉତ୍ତର ସମ୍ବଳିତ ଏଅଖ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, 'ସହଯୋଗଦ କାର୍ଯ୍ୟକ୍ରମ କେବଳ ସରକାରୀ ଯୋଜନାର ସୁବିଧା ପହଞ୍ଚାଇବାରେ ସୀମିତ ନୁହେଁ, ବରଂ ସହରାଞ୍ଚଳର ଦୁର୍ବଳ ବର୍ଗର ଜୀବନମାନରେ ଉନ୍ନତି ଆଣିବା ଦିଗରେ ଏକ ପ୍ରଭାବଶାଳୀ ସେତୁ ଭାବେ କାର୍ଯ୍ୟ କରୁଛି।



ତୃଣମୂଳ ସ୍ତରରେ କାର୍ଯ୍ୟରତ ସ୍ୱଚ୍ଛସାଥୀ, ଏସ୍.ଏ.ଜି. ସଦସ୍ୟା ଏବଂ ବସ୍ତି ବାସିନ୍ଦା ସଂଘର ସଦସ୍ୟମାନଙ୍କ ନିଷ୍ଠା ଓ ପରିଶ୍ରମ ଯୋଗୁଁ ଏହି କାର୍ଯ୍ୟକ୍ରମ ସଫଳତାର ସହ ଆଗେଇ ଚାଲିଛି ବୋଲି ସେ କହିଥିଲେ।

ସହଯୋଗ କାର୍ଯ୍ୟକ୍ରମ ଦ୍ୱାରା ଲୋକମାନଙ୍କ ଜୀବନଶୈଳୀରେ ଆସିଥିବା ପରିବର୍ତ୍ତନ ଓ କାର୍ଯ୍ୟକ୍ରମକୁ ଆହୁରି ପ୍ରଭାବଶାଳୀ କରିବା ସମ୍ପର୍କରେ ସେମାନେ ବିଭିନ୍ନ ପରାମର୍ଶ ମଧ୍ୟ ଦେଇଥିଲେ।ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ମୁଖ୍ୟ ନିର୍ବାହୀ ଅଧିକାରୀ ସୌରଭ ରାୟ, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ଶାସନ ସଚିବ ଶତ୍ରୁଘ୍ନ କର ଏବଂ 'ସହଯୋଗଦ କାର୍ଯ୍ୟକ୍ରମର ନୋଡାଲ ଅଫିସର ସୌରିନ୍ଦ୍ର ରାଉତରାୟ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଅଗ୍ରଗତି ଓ ଭବିଷ୍ୟତ କାର୍ଯ୍ୟଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଫ୍ରଣ୍ଟଲାଇନ୍ କର୍ମୀମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ଅଭିଜ୍ଞତା ଓ ପରାମର୍ଶକୁ ଗୁରୁତ୍ୱର ସହ ବିଚାର କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଶ୍ରୀମତୀ ପାଢୀ ନିର୍ଦ୍ଦେଶ ଦେଇଥିଲେ। ଏହି କର୍ମଶାଳାରେ 'ସହଯୋଗଦ ରାଜ୍ୟ ମୁଖ୍ୟାଳୟର ଶିଶିର ରଞ୍ଜନ ଦାଶଙ୍କ ସମେତ ବିଭିନ୍ନ ପୌରାଞ୍ଚଳର ପ୍ରତିନିଧି ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ ।



## ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀଙ୍କ ନିରନ୍ତର ୪୩୯୯ ଦିବସ

# ଭାରତକୁ ବିଶ୍ୱରେ ନୂତନ ପରିଚୟ ଦେଇଛନ୍ତି ମୋଦିଜୀ : ମନମୋହନ

ଭୁବନେଶ୍ୱର, (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ବୁଧବାର ଭାରତ ଇତିହାସରେ ଏକ ଗୌରବମୟ ଅଧ୍ୟାୟ ରଚନା କରିଛନ୍ତି। ୨୬ ମେ' ୨୦୧୪ ରୁ ଅଦ୍ୟାବଧି ଲଗାତାର ୧୨ବର୍ଷ ଅର୍ଥାତ୍ ୪୩୯୯ ଦିନ ଧରି ଲଗାତାର ଭାବେ ଦେଶ ସେବାରେ ସମର୍ପିତ ହୋଇ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କ ସର୍ବୋଚ୍ଚ ୪୩୯୮ ଦିନର ରେକର୍ଡ ଅତିକ୍ରମ କରି ଦେଶର ସବୁଠୁ ଅଧିକ ସମୟ ସେବା ଦେଇଥିବା ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଇତିହାସ ସୃଷ୍ଟି କରିଛନ୍ତି। ଏହି ଗୌରବମୟ ଓ ଐତିହାସିକ ଉପଲବ୍ଧି ଉପଲକ୍ଷେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟ ସଭାପତି ମନମୋହନ ସାମଲ। ଏହା



କେବଳ ଜଣେ ମହାନ ନେତାର ବ୍ୟକ୍ତିଗତ ଉପଲବ୍ଧି ନୁହେଁ ବରଂ ଏହା ୧୪୦କୋଟି ଦେଶବାସୀଙ୍କ ଅଦମ୍ୟ ବିଶ୍ୱାସ, ଅଫୁରନ୍ତ ସମର୍ଥନ ଓ ଆକାଂକ୍ଷାର ମହାବିଜୟ। ଏହି ଐତିହାସିକ ମୁହୂର୍ତ୍ତ ଆଗାମୀ ପିଢି ପାଇଁ ଏକ ପ୍ରେରଣାର ଉତ୍ସ ହୋଇ ରହିବ। ବିଗତ ୪,୩୯୮ ଦିନର ଏହି ଅତୁଳନୀୟ ଯାତ୍ରା 'ସେବା, ସୁଶାସନ, ସଂକଳ୍ପ ଓ ସମ୍ପୂର୍ଣ୍ଣ ସମର୍ପଣ'ର ଜୀବନ୍ତ ଉଦାହରଣ। ପ୍ରଧାନମନ୍ତ୍ରୀଜୀଙ୍କ ଦୂରଦ୍ରଷ୍ଟା ନେତୃତ୍ୱରେ କୋଟିକୋଟି ଗରିବ ପରିବାର ଆବାସ, ଶୌଚାଳୟ, ବିଦ୍ୟୁତ୍, ରନ୍ଧନ ଗ୍ୟାସ, ସ୍ୱାସ୍ଥ୍ୟ ସୁରକ୍ଷା ଓ ମାଗଣା ରାଶନ ଭଳି ଜୀବନ ଆଧାର ସୁବିଧା ପାଇ ଲାଭାନ୍ୱିତ ହୋଇଛନ୍ତି। ମହିଳା ସଶକ୍ତିକରଣ, ଯୁବ ଉନ୍ନୟନ, କୃଷକ ସମୃଦ୍ଧି, ଡିଜିଟାଲ ବିପ୍ଳବ, ଦ୍ରୁତ ଭିତିଭୂମି ବିକାଶ, ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରତା ଓ ମହାକାଶ ବିଜ୍ଞାନରେ ଅଭୂତପୂର୍ବ ସଫଳତା ହାସଲ କରି ଭାରତ ବର୍ଷ ବିଶ୍ୱ ମଂଚରେ ଆତ୍ମବିଶ୍ୱାସ ଓ ସମ୍ମାନର ସହ ନୂତନ ଉଚ୍ଚତାରେ ଉଭା ହୋଇଛି। ବିକାଶ ଓ ବିରାସତ, ଆଧୁନିକତା ଓ ସଂସ୍କୃତି ମଧ୍ୟରେ ଏକ ଅଦ୍ଭୁତ ସନ୍ତୁଳନ ବଜାୟ ରଖି ମୋଦିଜୀ ଭାରତକୁ ଏକ ନୂତନ ପରିଚୟ ଦେଇଛନ୍ତି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି। 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ'ର ପବିତ୍ର ଭାବନାକୁ ଚରିତାର୍ଥ କରି ବିକଶିତ ଭାରତ-୨୦୪୭ର ସ୍ୱର୍ଣ୍ଣିମ ସ୍ୱପ୍ନ ପୂରଣ ଦିଗରେ ମୋଦିଜୀଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଦୃଢ ସଂକଳ୍ପ ଭାରତକୁ ନିରନ୍ତର ଅଗ୍ରଗତି, ସମୃଦ୍ଧି ଓ ଅନ୍ତର୍ଜାତୀୟ ଗୌରବର ନୂତନ ଶିଖରରେ ପ୍ରତିଷ୍ଠିତ କରୁଥାଉ, ଏହା ମୋର କାମନା ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି। ଏହି ଅବସରରେ ଓଡିଶା ପ୍ରଦେଶ ଭାରତୀୟ ଜନତାପାର୍ଟି ଓ ଭୁବନେଶ୍ୱର ଜିଲ୍ଲା ତରଫରୁ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ପାଖରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଦୀର୍ଘାୟୁ କାମନା କରି ପୂଜାର୍ଚ୍ଚନା ଓ ଦୀପଦାନ କରାଯାଇଛି। ଏଥି ସହ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ କରି ଶ୍ରୀ ଲିଙ୍ଗରାଜ ମନ୍ଦିର ନିକଟରେ ବୃକ୍ଷରୋପଣ କରିବା ସହିତ ଜନସାଧାରଣଙ୍କୁ ପଣା ବଂଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ରାଜ୍ୟ ସାଧାରଣ ସମ୍ପାଦିକା ଶ୍ରୀମତୀ ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାୟକ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ରଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌ବିବିଏସ୍ ନାମ ଲେଖାଇବା ବାହାନାରେ ୧୧.୫ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଏମ୍‌ବିବିଏସ୍ ନାମ ଲେଖାଇଦେବା ବାହାନାରେ ୧୧.୫ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୁକ୍ତ ଶଶାଙ୍କ କିରଣ ମିଶ୍ର (୫୪)କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ରବୀନ୍ଦ୍ର କୁମାର ସାହୁ (୮୪) ଗତ ୨୦୨୧ ଡିସେମ୍ବର ମାସରୁ ୨୦୨୨ ମସିହା ମାର୍ଚ୍ଚ ମାସ ମଧ୍ୟରେ ଅଶୋକନଗରଠାରେ ଥିବା ଶୁଭମ୍ ଏଜୁକେସନାଲ ଚାରିଟେବୁଲ୍ ଟ୍ରଷ୍ଟ ଚେୟାରମ୍ୟାନ୍ ଭାବେ କାର୍ଯ୍ୟ କରୁଥିବା ଅଭିଯୁକ୍ତ ଶଶାଙ୍କ ମିଶ୍ର ଏକ ଘରୋଇ ମେଡିକାଲ କଲେଜରେ ଅଭିଯୋଗକାରୀଙ୍କ ପୁଅକୁ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ । ପ୍ରତିଶ୍ରୁତିକୁ ବିଶ୍ୱାସ କରି ଅଭିଯୋଗକାରୀ ରବୀନ୍ଦ୍ର ନିଜ ବ୍ୟାଙ୍କ ଆକାଉଣ୍ଟରୁ ଏନ୍‌ଇଏଫ୍‌ଟି ମାଧ୍ୟମରେ ମୋଟ ୧୨ଲକ୍ଷ ୫୦ ହଜାର ଟଙ୍କା ଅଭିଯୁକ୍ତକୁ ଦେଇଥିଲେ । ଅଭିଯୁକ୍ତ ପ୍ରତିଶ୍ରୁତି ଅନୁଯାୟୀ ନାମଲେଖା କରାଇବାରେ ବିଫଳ ହେଲା । ପରବର୍ତ୍ତୀ ସମୟରେ ଅଭିଯୋଗକାରୀଙ୍କ ବାରମ୍ବାର ଅନୁରୋଧ ପରେ ସେ ଏକଲକ୍ଷ ଟଙ୍କା ଫେରାଇଥିଲା । ଅବଶିଷ୍ଟ ୧୧.୫ଲକ୍ଷ ଟଙ୍କା ଫେରସ୍ତ ନକରି ବିଭିନ୍ନ ବାହାନା କରି ଅଭିଯୋଗକାରୀଙ୍କୁ ଏଡାଇ ଚାଲିଥିଲା । କ୍ୟାପିଟାଲ ଥାନାରେ ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଟଙ୍କା ଦେବା ନେବାର କେତେକ କାଗଜପତ୍ର ଜବତ କରିବା ସହ ଅଭିଯୁକ୍ତ ଶଶାଙ୍କ କିରଣ ମିଶ୍ର (୫୪)କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଦିଶାନ୍ତ ବରୁଣେଇ ରଜ ମହୋତ୍ସବ

ଖୋର୍ଦ୍ଧା, (ସବ୍ୟୁ) : ଖୋର୍ଦ୍ଧାର ସାଂସ୍କୃତିକ ଅନୁଷ୍ଠାନ ଦିଶାନ୍ତ ପକ୍ଷରୁ ବରୁଣେଇ ରଜ ମହୋତ୍ସବ ଆୟୋଜନ ନେଇ ଏକ ସାମ୍ବାଦିକ ସମ୍ମିଳନୀ ବୁଧବାର ସ୍ଥାନୀୟ ଏକ ଘରୋଇ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ତଥା ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର କହିଲେ ରଜ ଓଡ଼ିଶାର ଗଣ ପର୍ବ। ଚଳିତ ବର୍ଷ ଦିଶାନ୍ତ ପକ୍ଷରୁ ୧୮ତମ ରଜ ମହୋତ୍ସବ ଚଳିତ ମାସ ୧୫ରୁ ଆରମ୍ଭ ହେବ। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାର ୨୧ଟି ସରକାରୀ ଏବଂ ଘରୋଇ ସାଂସ୍କୃତିକ ଅନୁଷ୍ଠାନ କଳା ପ୍ରଦର୍ଶନ କରିବେ। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ, ସିନେ ଅଭିନେତ୍ରୀ ପ୍ରମୁଖ ଯୋଗଦେବେ। ଶୃଙ୍ଖଳିତ ମହୋତ୍ସବ ଆୟୋଜନ ନେଇ ଜିଲା ପ୍ରଶାସନ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସମ୍ପାଦକ ତଥା କାଉନସିଲର ଦିଲ୍ଲୀପ କୁମାର ପରିଡା କହିଲେ ଉତ୍ସବ ପୂର୍ବରୁ ଅନୁଷ୍ଠାନ ପକ୍ଷରୁ ଯୁବତୀ ମାନଙ୍କୁ




ନେଇ ଝୋଟି, ଚିତା, ରଜ ପିଠା, ପଶାଖେଳ ପ୍ରଭୃତି ପ୍ରତିଯୋଗିତା ଆୟୋଜନ କରାଯାଇଛି। ମହୋତ୍ସବ ସମୟରେ ସେମାନଙ୍କୁ ସମ୍ମାନିତ କରାଯିବ। ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କଳାକାର, କ୍ରୀଡାବିତ, ଲେଖକ, ସାହିତ୍ୟିକ, ସାମ୍ବାଦିକଏବଂ ସାମାଜିକ କର୍ମୀଙ୍କୁ ଦିଶାନ୍ତ ରଜ ମହୋତ୍ସବ ସମ୍ମାନରେ ସମ୍ମାନିତ କରାଯିବ। ଶୃଙ୍ଖଳା, ସୁପରିଚାଳନା ପାଇଁ ଅନୁଷ୍ଠାନ ପକ୍ଷରୁ ପ୍ରାୟ ୧୫୦ଜଣ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ। ପ୍ରଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା କରାଯିବ। ଏହି ସମ୍ମିଳନୀରେ ଦିଶାନ୍ତ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀର୍ଘ ୧୨ ବର୍ଷ ଧରି

## ସେବା ଓ ସମର୍ପଣର ମହାନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି : ଧର୍ମେନ୍ଦ୍ର

ନୂଆଦିଲ୍ଲୀ, (ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ସବୁଠାରୁ ଦୀର୍ଘ ସମୟ ନିରନ୍ତର କାର୍ଯ୍ୟ କରିଥିବା ନିର୍ବାଚିତ ଶାସନ ମୁଖ୍ୟ ହେବାର ଗୌରବ ଅର୍ଜନ କରିଛନ୍ତି । ପ୍ରଧାନମନ୍ତ୍ରୀ ଭାବେ ସେ କ୍ରମାଗତ ୧୨ ବର୍ଷ ବା ୪,୩୯୯ ଦିନ ପୂରଣ କରିଥିବା ବେଳେ ତାଙ୍କର ନେତୃତ୍ୱାଧୀନ ସରକାର ୧୩ ବର୍ଷରେ ଅଗ୍ରସର ହେଉଛନ୍ତି । ଏହି ଗୌରବମୟ ତଥା ଐତିହାସିକ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀର ହୌଜ୍ ଖାସ୍ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ନିମନ୍ତେ ପ୍ରାର୍ଥନା



କରିଛନ୍ତି । ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଦେଶର ସେବା ପାଇଁ ନିଜକୁ ଉତ୍ସର୍ଗ କରିଛନ୍ତି । ଦିନରାତି ଏକ କରି ଅକଥ ପରିଶ୍ରମ ମାଧ୍ୟମରେ ଦେଶର ଗରିବ, ମହିଳା, ଯୁବକ ଓ କୃଷକମାନଙ୍କ କଲ୍ୟାଣ କରିବା ସହ ଦେଶର ସର୍ବାଙ୍ଗୀନ ବିକାଶ କରିବା ତାଙ୍କର ଏକମାତ୍ର ଲକ୍ଷ୍ୟ ରହିଛି। ଆଜିର ଦିନଟି ସେବା ଓ ସମର୍ପଣର ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଛି । ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜଣେ ପରମ ଭକ୍ତ ଓ ଅନୁଗାମୀ । ତାଙ୍କର ସାମାଜିକ ଜୀବନ ମହାପ୍ରଭୁଙ୍କ ଆଶୀର୍ବାଦରୁ ହିଁ ଗଢ଼ିଉଠିଛି । ବହୁ ବର୍ଷ ପୂର୍ବେ ଅହମ୍ମଦାବାଦର ଶ୍ରୀ ଜଗନ୍ନାଥ ମନ୍ଦିରରୁ ହିଁ ସେ ନିଜର ସାମାଜିକ ଜୀବନର ଯାତ୍ରା ଆରମ୍ଭ କରିଥିଲେ । ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଓ ପରେ, ସେ ଯେତେବେଳେ ବି ଓଡ଼ିଶା ଯିବାର ସୁଯୋଗ ପାଇଛନ୍ତି, ମହାପ୍ରଭୁଙ୍କ ଶରଣାପନ୍ନ ହୋଇ ଆଶୀର୍ବାଦ ଭିକ୍ଷା କରିବାକୁ କେବେ ହେଲେ ଭୁଲିନାହାନ୍ତି । ମହାପ୍ରଭୁଙ୍କ ଶ୍ରୀଚରଣରେ ପ୍ରାର୍ଥନା କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ମହାପ୍ରଭୁଙ୍କ କୃପା ସମଗ୍ର ଦେଶବାସୀଙ୍କ ଉପରେ ରହିଛି ଏବଂ ଏହା ପ୍ରଧାନମନ୍ତ୍ରୀଙ୍କ ଉପରେ ମଧ୍ୟ ବଜାୟ ରହୁ । ପ୍ରଧାନମନ୍ତ୍ରୀଙ୍କ ସମର୍ଥ ନେତୃତ୍ୱରେ ଆମ ଦେଶ ଜନସେବା ଓ ରାଷ୍ଟ୍ର ଗଠନର ମହାନ ଦାୟିତ୍ୱକୁ ସଫଳତାର ସହ ଆଗକୁ ବଢୁ । ତାଙ୍କ ନେତୃତ୍ୱରେ ୨୦୪୭ ସୁଦ୍ଧା ଭାରତ ଆହୁରି ବିକଶିତ, ସମୃଦ୍ଧ ଓ ପ୍ରଗତିଶୀଳ ହେବ ବୋଲି ଶ୍ରୀ ପ୍ରଧାନ ଆଶାପ୍ରକଟ କରିଛନ୍ତି।

## ଚଣ୍ଡୀ ମନ୍ଦିର ନବୀକରଣ କାର୍ଯ୍ୟରେ ବୈଷୟିକ ଜ୍ଞାନ କୌଶଳର ସଠିକ୍ ପ୍ରୟୋଗ ହୋଇନି

କଟକ, (ସବ୍ୟୁ): ବଜ୍ରପାତରେ କଟକ ଚଣ୍ଡୀ ମନ୍ଦିରର ଦଧିନଉତି କ୍ଷତିଗ୍ରସ୍ତ ହେବା ଦୁଃଖଦାୟକ ଓ ଏଥିରେ ଆବଶ୍ୟକୀୟ ବୈଷୟିକ ଜ୍ଞାନ କୌଶଳର ଉପଯୋଗ କରାଯାଇନାହିଁ ବୋଲି କଟକ ନଗର ଜିଲ୍ଲା କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ଚଣ୍ଡି ମନ୍ଦିର ପରିଦର୍ଶନ କରିବା ଅବସରରେ ମତପ୍ରକାଶ କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ କଟକ ନଗର ଜିଲ୍ଲା କଂଗ୍ରେସ କମିଟିର ସଭାପତି ଶାନ୍ତାୟନ ମିଶ୍ରଙ୍କ ଅଧ୍ୟକ୍ଷତାରେ ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ ଦାସ, ବିଶ୍ୱନାଥ ଶତପଥୀ, ଜଗନ୍ନାଥ ସାହୁ, ନଗର ଜିଲ୍ଲା ଯୁବ କଂଗ୍ରେସ ର ସଭାପତି ବିପ୍ଳବ ଶିଳାଦିତ୍ୟ,ଫେଲୁ ପଟ୍ଟନାୟକ, ପ୍ରଦୀପ କୁମାର ସାହୁ,ଜ୍ଞାନେସ୍ତୁ ନାୟକ ପ୍ରମୁଖ ପୂର୍ବାହ୍ନରେ ଚଣ୍ଡି ମନ୍ଦିରର କ୍ଷତିଗ୍ରସ୍ତ ଦଧିନଉତିକୁ ପରିଦର୍ଶନ କରିବା ସହ ଉନ୍ନୟନ କାର୍ଯ୍ୟ ଗୁଡ଼ିକୁ ବୁଲି ଦେଖିଥିଲେ। ମନ୍ଦିରର ମୁଖ୍ୟ ପୂଜାରୀ ଓ ଅନ୍ୟ



ମାନଙ୍କ ସହ ଆଲୋଚନା କରିବା ପରେ ବଜ୍ରପାତରୁ ସୁରକ୍ଷା ପାଇଁ ଆବଶ୍ୟକୀୟ ଆର୍ଥି କାର୍ଯ୍ୟ କରାଯାଇ ନ ଥିବା ଜାଣିବାକୁ ପାଇଥିଲେ। ମନ୍ଦିର ନିର୍ମାଣ ଓ ନବୀକରଣ କାର୍ଯ୍ୟରେ ସଂପୃକ୍ତ ସଂସ୍ଥା ର ଠିକାଦାର ମନ୍ଦିର ର ମୁଖ୍ୟ ପୂଜକ କିମ୍ବା ପରିଚାଳନା କମିଟି ସହ ଆଲୋଚନା କରୁ ନ ଥିବାରୁ ନିର୍ମାଣ କାର୍ଯ୍ୟ ସଠିକ ବା ଆବଶ୍ୟକତା ଅନୁଯାୟୀ ହୋଇପାରୁ ନ ଥିବା ଜଣାଯାଇଛି। ମନ୍ଦିର ମଧ୍ୟରେ ମା ଙ୍କ ମୁଖ୍ୟ ମନ୍ଦିର ସହ ପାର୍ଶ୍ୱଦେବା ଦେବୀ ଙ୍କ ପାଇଁ ସଠିକ୍ ସ୍ଥାନ ନିରୂପଣ ଓ ଅତ୍ୟାବଶ୍ୟକ ନିର୍ମାଣ କାର୍ଯ୍ୟ ଗୁଡ଼ିକ ମଧ୍ୟ ଅଧାପନ୍ତରିଆ ହୋଇ ରହିଛି। ଚଣ୍ଡି ମନ୍ଦିର କଟକ ସହର ଜନସାଧାରଣଙ୍କର ଉପାସନା ପୀଠ ସହ ସାଂସ୍କୃତିକ ଆଧ୍ୟାତ୍ମିକ ଚେତନାର ଅନନ୍ୟ ସ୍ମାରକୀ। ମହନୀୟ ଦିବ୍ୟ ଚେତନା ଏହାର ଜନନୀ। ଏହାର ଗୁରୁତ୍ୱ ଦୃଷ୍ଟିରୁ ସରକାର , କାର୍ଯ୍ୟ ନିର୍ବାହୀ ସଂସ୍ଥା, ଠିକାଦାର ଓ ପ୍ରଶାସନ ଏଥିପ୍ରତି ବିଶେଷ ଭାବରେ ଦୃଷ୍ଟି ରଖି କାର୍ଯ୍ୟକ୍ରମ କରିବାକୁ ପ୍ରତିନିଧି ମଣ୍ଡଳୀ ପରାମର୍ଶ ରଖିଥିଲେ।ପରେ ପରେ ପ୍ରତିନିଧି ମଣ୍ଡଳୀ ଏହି ନବୀକରଣ କାର୍ଯ୍ୟକୁ କାର୍ଯ୍ୟନିର୍ବାହୀ ସଂସ୍ଥା ଓବିସିସି ର ନିର୍ବାହୀ ଯନ୍ତ୍ରୀ ଓ ଅଧିକ୍ଷକ ଯନ୍ତ୍ରୀଙ୍କ ସହିତ ସମସ୍ୟା ସଂପର୍କରେ ବିଶଦ ଆଲୋଚନା କରିଥିଲେ। ଆଗାମୀ ଦିନରେ ସମସ୍ତ ଦାବୀ ଗୁଡ଼ିକୁ କାର୍ଯ୍ୟକାରୀ କରିବା ସହିତ ନବୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି ବୋଲି ପ୍ରତିନିଧି ମଣ୍ଡଳୀ ପ୍ରକାଶ କରିଛନ୍ତି।

## ଦୀଘାରୁ 'ଧାମ' ଶବ୍ଦ ହଟିବାରୁ ପଶ୍ଚିମବଙ୍ଗ ସରକାରଙ୍କୁ ଉତ୍କଳ ସମ୍ମିଳନୀର ଅଭିନନ୍ଦନ

ଭୁବନେଶ୍ୱର, (ସବ୍ୟୁ) : ଦୀଘା ଜଗନ୍ନାଥ ମନ୍ଦିରରୁ ବିବାଦୀୟ 'ଧାମ' ଶବ୍ଦକୁ ହଟାଇ ଦିଆଯାଇ ଥିବାରୁ ଉତ୍କଳ ସମ୍ମିଳନୀ ପକ୍ଷରୁ ସନ୍ତୋଷ ବ୍ୟକ୍ତ କରାଯାଇ ପଶ୍ଚିମବଙ୍ଗ ସରକାର ମୁଖ୍ୟତଃ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ପଶ୍ଚିମବଙ୍ଗର ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସକାରାତ୍ମକ ଚିନ୍ତାଧାରାକୁ ଦେଖି ଓଡିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ବହୁ ଦିନରୁ ଲାଗି ରହିଥିବା ସୀମା ବିବାଦର ସମାଧାନ ଅତି ଶିଘ୍ର ହୋଇଯିବ ବୋଲି ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ଆଶା ବ୍ୟକ୍ତ କରିଛନ୍ତି ।

## ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଗସ୍ତ, ସୁରକ୍ଷା ସମୀକ୍ଷା କଲେ ଡିଜିପି

ଭୁବନେଶ୍ୱର, (ସବ୍ୟୁ) : ଚଳିତ ମାସ ୧୯ ଓ ୨୦ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି । ଗସ୍ତକୁ ସୁରକ୍ଷିତ, ବ୍ୟବସ୍ଥିତ ଏବଂ ନିର୍ବିଘ୍ନ ଭାବେ ସମ୍ପନ୍ନ କରିବା ନିମନ୍ତେ ବୁଧବାର ପୋଲିସ ମୁଖ୍ୟାଳୟ କଟକଠାରେ ଡିଜିପି ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଡିଜିପି ଭିଆଇପିଙ୍କ ଗସ୍ତ ଅବସରରେ ସୁରକ୍ଷା ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ଘନିଷ୍ଠ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୁରକ୍ଷା ବ୍ୟବସ୍ଥାରେ କୌଣସି ପ୍ରକାର ତ୍ରୁଟି କିମ୍ବା ବ୍ୟତିକ୍ରମ ନଘଟିବା ପାଇଁ ପ୍ରତ୍ୟେକ ବ୍ୟବସ୍ଥାର ନିୟମିତ ସମୀକ୍ଷା ଓ ତଦାରଖ କରିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଜନସମାଗମ ହେବା ସମ୍ଭାବନା ଥିବାରୁ ସବୁ ସ୍ଥାନରେ କଡା ସୁରକ୍ଷା ବନ୍ଦୋବସ୍ତ କରାଯିବ । ହେଲିପ୍ୟାଡ୍, ସଭାସ୍ଥଳ ଏବଂ ଭିଭିଆଇପିଙ୍କୁ ଯାତାୟାତ ମାର୍ଗରେ ବହୁସ୍ତରୀୟ ସୁରକ୍ଷା ବଳୟ ପ୍ରସ୍ତୁତ କରାଯିବା ସହ ବୈଷୟିକ ଯାଞ୍ଚ




ଓ ଆଣ୍ଟି-ସାବୋଟାଜ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କ୍ରିୟାଶୀଳ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ମୟୂରଭଞ୍ଜ ପ୍ରମୁଖ ରାସ୍ତାମାନଙ୍କରେ ଆବଶ୍ୟକ ଟ୍ରାଫିକ୍ ଡାଇଭର୍ସନ ବ୍ୟବସ୍ଥା କରାଯିବ ଏବଂ କାର୍ଯ୍ୟକ୍ରମସ୍ଥଳ ନିକଟରେ ଅତିରିକ୍ତ ପାର୍କିଂସ୍ଥଳୀ ଚିହ୍ନଟ କରାଯାଇଛି । ଭିଡ ନିୟନ୍ତ୍ରଣ ଓ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଏସ୍‌ଓଜି, ଷ୍ଟ୍ରାଇକିଂ ଫୋର୍ସ ଓ କେ-୯ ସ୍ପେଶାଲ ସ୍କ୍ୱାଡ୍ ନିୟୋଜିତ କରାଯିବ । ସେହିପରି ସମଗ୍ର ଅଞ୍ଚଳ ନିରୀକ୍ଷଣ ପାଇଁ ଅତିରିକ୍ତ ସିସିଟିଭି କ୍ୟାମେରା ଓ ଡ୍ରୋନ୍ ସର୍ଭେଲାନ୍ସର ବ୍ୟବସ୍ଥା କରାଯିବ । ମୟୂରଭଞ୍ଜର ଏକ ସୀମାନ୍ତ ଜିଲ୍ଲା ହୋଇଥିବାରୁ ପଡୋଶୀ ରାଜ୍ୟ ସୀମାନ୍ତରେ ନାକାବନ୍ଦୀ ଓ ପାଟ୍ରୋଲିଂକୁ ଅଧିକ କଡାକଡି କରାଯିବ । ସ୍ଥାନୀୟ ହୋଟେଲ, ଲଜ୍ ଓ ଅନ୍ୟାନ୍ୟ ଆବାସିକ ସ୍ଥାନଗୁଡିକରେ ନିୟମିତ ଯାଞ୍ଚ ଓ ତଦାରଖ ଜାରି ରଖିବାକୁ ଡିଜିପି ଯୋଗେଶ ବାହାଦୂର ଖୁରାନିଆ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଆପାତଃକାଳୀନ ଚିକିତ୍ସା ସେବା, ଅଗ୍ନିଶମ ବ୍ୟବସ୍ଥା, ଟ୍ରାଫିକ୍ ପରିଚାଳନା ଏବଂ ଜିଲ୍ଲା ପ୍ରଶାସନ ସହ ତ୍ୱରିତ ସମନ୍ୱୟ ରକ୍ଷା କରି ଯେକୌଣସି ପରିସ୍ଥିତିର ତତ୍କାଳ ମୁକାବିଲା କରିବା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି । ବୈଠକରେ ଏଡିଜିପି ବିନୟତୋଷ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଆର୍‌ପି କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ ବୋଥ୍ରା, ଆଇନଶୃଙ୍ଖଳା ଏଡିଜିପି ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର, ପୋଲିସ କମିଶନର ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର ଓ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ । ଆଭାସୀ ମାଧ୍ୟମରେ ପୂର୍ବାଞ୍ଚଳ ଡିଆଇଜି ପୀନାକ ମିଶ୍ର ଏବଂ ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲି ପ୍ରମୁଖ ଯୋଗ ଦେଇଥିଲେ ।

### ୧୨ ବର୍ଷରେ କେନ୍ଦ୍ର ସରକାରଙ୍କ ବାଣିଜ୍ୟ ବିଭାଗର ଉପଲବ୍ଧି

## ଭାରତ ପ୍ରମୁଖ ରପ୍ତାନିକାରୀ ରାଷ୍ଟ୍ର ରୂପେ ଉଭା ହୋଇଛି

ଭୁବନେଶ୍ୱର,(ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୨ ବର୍ଷ ମଧ୍ୟରେ ଭାରତ ବିଶ୍ୱର ଏକ ପ୍ରମୁଖ ରପ୍ତାନିକାରୀ ରାଷ୍ଟ୍ର ରୂପେ ଉଭା ହୋଇଛି । ଭାରତ ସରକାରଙ୍କ ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନ ବାଣିଜ୍ୟ ବିଭାଗ ପ୍ରଧାନମନ୍ତ୍ରୀଙ୍କ "ଭୋକାଲ୍ ଫର୍ ଲୋକାଲ' ଏବଂ "ଲୋକାଲ ଟୁ ଗ୍ଲୋବାଲ୍' ସଂକଳ୍ପକୁ ସାକାର କରିବା ଲାଗି ସକ୍ରିୟ ରୂପେ କାର୍ଯ୍ୟ କରୁଛି । ଦେଶରେ ଉତ୍ପାଦିତ ସାମଗ୍ରୀକୁ ବିଶ୍ୱ ବଜାରରେ ପହଞ୍ଚାଇବା ଲାଗି ବିଭାଗ ପକ୍ଷରୁ ନିରନ୍ତର ସକ୍ରିୟ ପଦକ୍ଷେପ ନିଆଯାଉଥିବା କହିଛନ୍ତି ଭାରତ ସରକାରଙ୍କ ବାଣିଜ୍ୟ ବିଭାଗର ଅତିରିକ୍ତ ସଚିବ ଯଶବୀର ସିଂ । ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ସେ କେନ୍ଦ୍ର ବାଣିଜ୍ୟ ବିଭାଗର ଉପଲବ୍ଧି ଏବଂ ଓଡ଼ିଶାରେ କୃଷି ଓ ସାମୁଦ୍ରିକ ଉତ୍ପାଦ ରପ୍ତାନି କ୍ଷେତ୍ରରେ ମିଳିଥିବା ସଫଳତାର




• ଓଡ଼ିଶାରେ କୃଷି ରପ୍ତାନି ପାଇଁ ଅପାର ସମ୍ଭାବନା ରହିଛି

ବିବରଣୀ ପ୍ରଦାନ କରିଛନ୍ତି । ଓଡ଼ିଶାରେ ୬୪ ପଞ୍ଜିକୃତ ସାମୁଦ୍ରିକ ଖାଦ୍ୟ ରପ୍ତାନିକାରୀ, ୪୫ ପ୍ରକ୍ରିୟାକରଣ ପ୍ଲାଣ୍ଟ, ଆଧୁନିକ ଶୀତଳ ସଂରକ୍ଷଣ ସୁବିଧା ଏବଂ ଜଳଚାଳନା ବିକାଶକୁ ସମର୍ଥନ କରୁଥିବା ୩୬ଟି ଚିଙ୍ଗୁଡ଼ି ହାଚେରୀ ଅଛି । ପାରାଦୀପ ବନ୍ଦର ଦେଇ କଣ୍ଟେନର ମାଧ୍ୟମରେ ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ରପ୍ତାନିକୁ ବୃଦ୍ଧି କରାଯାଇଛି । ଏଠାରେ କଣ୍ଟେନର ପରିବହନ କ୍ଷମତା ୭୬ରୁ ୧୫୮କୁ ବୃଦ୍ଧି ପାଇଛି, ଅର୍ଥାତ ଏଥିରେ ୧୦୭% ଅଭିବୃଦ୍ଧି ଦେଖିବାକୁ ମିଳିଛି । ଶ୍ରୀ ସିଂ କହିଛନ୍ତି, ସମୃଦ୍ଧ ପ୍ରାକୃତିକ ସମ୍ପଦ, ବିବିଧ କୃଷି ଉତ୍ପାଦନ ଏବଂ ବର୍ଦ୍ଧିତ ଭିତ୍ତିଭୂମି ହେତୁ ଓଡ଼ିଶାରେ କୃଷି ରପ୍ତାନି ପାଇଁ ଅପାର ସମ୍ଭାବନା ରହିଛି । ରାଜ୍ୟ ଅନେକ ଅଭିନବ ଭୌଗୋଳିକ ସୂଚକ (ଜିଆଇ) ଉତ୍ପାଦ ପାଇଁ ପରିଚିତ । ଏଠାରେ କାଜୁ, ଚିନାବାଦାମ, କନ୍ଦମୂଳ, ଆମ୍ବ, ପଣସ, ଡ୍ରାଗନ ଫ୍ରୁଟ୍, ଶ୍ରୀଅନ୍ନ, ମସଲା, ଦୁଗ୍ଧଜାତ ଦ୍ରବ୍ୟ, ଫୁଲ ଚାଷ ଉତ୍ପାଦ ଏବଂ ପ୍ରକ୍ରିୟାକୃତ ଖାଦ୍ୟ ରପ୍ତାନିରେ ମଧ୍ୟ ବ୍ୟାପକ ସମ୍ଭାବନା ରହିଛି । ରାୟଗଡ଼ାରେ ଏମଆଇଟିଏସ ମେଗା ଫୁଡ୍ ପାର୍କ ମୂଲ୍ୟ ବୃଦ୍ଧି, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ରପ୍ତାନି ଆଧାରିତ ଶିଳ୍ପ ବିକାଶ ପାଇଁ ଯଥେଷ୍ଟ ସୁଯୋଗ ପ୍ରଦାନ କରେ । ସାମଗ୍ରିକ ଭାବରେ, ଗତ ବାର ବର୍ଷ ମଧ୍ୟରେ ବାଣିଜ୍ୟ ବିଭାଗର ସଫଳତା ବିଶ୍ୱ ବାଣିଜ୍ୟରେ ଭାରତର ବର୍ଦ୍ଧିତ ଶକ୍ତିକୁ ପ୍ରଦର୍ଶନ କରୁଛି । ରପ୍ତାନି ପ୍ରୋତ୍ସାହନ, ଡିଜିଟାଲ ରୂପାନ୍ତର, ଦୃଢ଼ ବାଣିଜ୍ୟ ସହଭାଗୀତା ଏବଂ କ୍ଷେତ୍ର ଆଧାରିତ ସମର୍ଥନ ମାଧ୍ୟମରେ, ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ କରିବା ସହିତ ଏକ ଅଗ୍ରଣୀ ବିଶ୍ୱ ବାଣିଜ୍ୟ ମହାଶକ୍ତି ହେବା ପାଇଁ ଦୃଢ଼ ସ୍ଥିତିରେ ଅଛି ବୋଲି ଶ୍ରୀ ସିଂ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ସାମୁଦ୍ରିକ ଉତ୍ପାଦ ରପ୍ତାନି ବିକାଶ ପ୍ରାଧିକରଣର ଉପନିର୍ଦ୍ଦେଶକ ଅର୍ଚ୍ଚିମାନ ଲାହିରୀ ଉପସ୍ଥିତ ଥିଲେ ।

### ରେଲୱେ ଉଚ୍ଚ ବିଦ୍ୟାଳୟ

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ପୁରାତନ ଛାତ୍ର ସଂସଦ ପକ୍ଷରୁ ସ୍ୱାଗତ

କଟକ, (ସ୍ୱପ୍ର) : ସ୍ଥାନୀୟ ରେଲୱେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାବେ ରଂଜିତା ପ୍ରଧାନ ନିଯୁକ୍ତ ପାଇଛନ୍ତି । ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ଛାତ୍ର ସଂସଦର କର୍ମକର୍ତ୍ତା ମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଭେଟି ବିଦ୍ୟାଳୟର ପୁରାତନ ଐତିହ୍ୟ ଓ ଗାରିମା ବିଷୟରେ



ଅବଗତ କରାଇଥିଲେ । ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଏବେ ଦେଶର ବିଭିନ୍ନ କୋଣ ଅନୁକୋଣରେ ପ୍ରତିଷ୍ଠିତ ଅଛନ୍ତି । ୧୯୬୦ ମସିହାରେ ପ୍ରତିଷ୍ଠିତ ହୋଇଥିବା ଏହି ବିଦ୍ୟାଳୟ ଏକଦା କଟକ ସହରରେ ସୁନାମ ଅର୍ଜନ କରିପାରିଥିଲା । ଆଗାମି ଦିନରେ ବିଦ୍ୟାଳୟର କିପରି ଉତ୍ତରୋତ୍ତର ଉନ୍ନତି ହୋଇପାରିବ ସେ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ପୂର୍ବତନ ପ୍ରଧାନ ଶିକ୍ଷକ ଆଶୁତୋଷ ମିଶ୍ରଙ୍କ ଉପସ୍ଥିତରେ ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତା ସରୋଜ କୁମାର ରାଉତ, ପ୍ରିୟ ରଞ୍ଜନ ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ସତ୍ୟବ୍ରତ ପଟ୍ଟନାୟକ, ବିନୟ ଭୂଷଣ ପାତ୍ର, କମଳା କାନ୍ତ ଖଟୁଆ, ମହମଦ ଅକିକ, ସନତ ଚନ୍ଦ୍ର ପାଣି, ସଂଜୀବ କୁମାର ମହାରଣା, ଭୀମସେନ ସାବତ ପ୍ରମୁଖ ଉପସ୍ଥିତ ଥିଲେ ।

ସମୟ

# ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ




ନୂଆପଡ଼ା,(ସବ୍ୟୁ): ଖରିଆର ରୋଡ଼ ନଗର ପାଳିକା ପକ୍ଷରୁ ସହରର ବିକାଶ ପ୍ରକ୍ରିୟାକୁ ଅଧିକ ସୂଚାରୁ ଏବଂ ଲୋକାଭିମୁଖୀ କରିବା ପାଇଁ ପଦକ୍ଷେପ ନିଆଯାଇଛି। ୱାର୍ଡ ନମ୍ବର – ୦୧ ଅନ୍ତର୍ଗତ ବନକା ଠାରେ 'ସହରାଞ୍ଚଳ ଜନସମ୍ପର୍କ ଏବଂ ନାଗରିକ ସହଭାଗିତା କାର୍ଯ୍ୟକ୍ରମର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ସହରର ବିକାଶରେ ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବା ଏବଂ ସରକାରୀ ଯୋଜନା ଗୁଡ଼ିକୁ ସିଧାସଳଖ ଲୋକଙ୍କ ପାଖରେ ପହଞ୍ଚାଇବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ। ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରଶାସନର ପ୍ରମୁଖ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଡ଼. ସୋନିଆ ଜୈନ ଅଧକ୍ଷା ଖରିଆର ରୋଡ଼ ନଗର ପାଳିକା, ନିଶାନ୍ତ ଡାଗା ଉପାଧ୍ୟକ୍ଷ, ଖରିଆର ରୋଡ଼ ନଗର ପାଳିକା ଓ କମଳାସନ ରଥ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ସହିତ ସମସ୍ତ ୱାର୍ଡ ସଭ୍ୟ/ସଭ୍ୟା, ବିଭିନ୍ନ ବିଭାଗର ଅଧିକାରୀ ବୃନ୍ଦ ଏବଂ ବହୁ ସଂଖ୍ୟାରେ ସ୍ଥାନୀୟ ନାଗରିକ ସାମିଲ ଥିଲେ।

# ରାଷ୍ଟ୍ର ବିରୋଧୀ କଂଗ୍ରେସ ଲେଖାଥିବା ବ୍ୟାନର ଫାଡ଼ିଲେ କର୍ମୀ

ସମ୍ବଲପୁର,(ସବ୍ୟୁ): ଦେଶରେ ନିଟ୍ ସମେତ ବିଭିନ୍ନ ପ୍ରବେଶିକା ମୂଳକ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ସମ୍ବଲପୁର ଠାରେ ଏନଏସୟୁଆଇ ପକ୍ଷରୁ ଆକ୍ରୋଶ ରାଲି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନଏସୟୁଆଇ ରାଷ୍ଟ୍ରୀୟ ପର୍ଯ୍ୟବେକ୍ଷକ କନ୍ହେୟା କୁମାର ଓ ଏନଏସୟୁଆଇ ରାଷ୍ଟ୍ରୀୟ ଅଧ୍ୟକ୍ଷ ବିନୋଦ ଜାଖଡ ଯୋଗ ଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଥିଲେ। ତେବେ ସମ୍ବଲପୁର ଗସ୍ତ ପୂର୍ବରୁ କିଛି ବିଜେପି କର୍ମୀ ସାମାଜିକ ଗଣମାଧ୍ୟମରେ ତାଙ୍କ ଦେଶ ବିରୋଧୀ ନାରା ଗୁଡ଼ିକୁ ପୋଷ୍ଟ କରିବା ଦେଖିବାକୁ ମିଳିଥିଲା । ଅନ୍ୟପଟେ କଂଗ୍ରେସ ପକ୍ଷରୁ କନ୍ହେୟା କୁମାର ସ୍ୱାଗତଂ ବ୍ୟାନର ଲାଗିଥିବା ବେଳେ ଜିଲ୍ଲା ସ୍କୁଲ ଛକ ନିକଟରେ ରାଷ୍ଟ୍ର ବିରୋଧୀ କଂଗ୍ରେସ ଲେଖାଥିବା ସହ କନ୍ହେୟା କୁମାର ଫଟୋ ଲାଗିଥିବା ବ୍ୟାନର ଦେଖିବାକୁ ମିଳିଥିଲା । ଏହା ଜଣାପଡ଼ିବା ପରେ ଛାତ୍ର କଂଗ୍ରେସ ପକ୍ଷରୁ ବ୍ୟାନରକୁ ଫାଡ଼ି ଦିଆଯାଇଥିଲା। ବିଜେପିର ଏହି ଭଣ୍ଡାମୀ ଚଳିବ ନାହିଁ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି। ଅନ୍ୟପଟେ କନ୍ହେୟା କୁମାର ଝାରସୁଗୁଡା ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ କଂଗ୍ରେସ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା । ପରେ ସେ ନିଜ ପ୍ରତିକ୍ରିୟା କହିଥିଲେ ଯେ, ପ୍ରଥମେ ବୀର ତଥା କ୍ରାନ୍ତିକାରୀ ମାଟି ସମ୍ବଲପୁରକୁ ପ୍ରଣାମ । ତେବେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ମାଟିକୁ ବଦନାମ କରୁଛନ୍ତି । ତାଙ୍କ ସମୟରେ ବାରମ୍ବାର ପରୀକ୍ଷା ପ୍ରଶ୍ନପତ୍ର ଲିକ ହୋଇଛି। ୮୦ରୁ ଅଧିକ ଥର ପେପର ଲିକ ହୋଇଥିବା ବେଳେ ଦେଶର ଯୁବ ତଥା ଛାତ୍ର ମାନଙ୍କ ଭବିଷ୍ୟତକୁ ନେଇ ଖେଳା ଯାଉଛି। ସେଥିପାଇଁ ମୁଁ ସମ୍ବଲପୁର ଧର୍ମେନ୍ଦ୍ର ପ୍ରଧାନଙ୍କ ସଂସଦୀୟ କ୍ଷେତ୍ରକୁ ଆସିଛି । ଏହି ଅଞ୍ଚଳର ଲୋକଙ୍କୁ ଜଣାଇବା ପାଇଁ ଆସିଛି ଯେ, କିପରି ସେମାନଙ୍କ ନିର୍ବାଚିତ ଲୋକସଭା ପ୍ରତିନିଧି ସମ୍ବଲପୁର, ଜଗନ୍ନାଥ, ଓଡିଶା ତଥା ଦେଶର ନାଁକୁ ମାଟିରେ ମିଶେଇବା କାମ କରୁଛନ୍ତି । ଦେଶର ପୁରା ସରକାର ମାଫିଆ ଅଟନ୍ତି । ତାହାସହ ସରକାରୀ ଅଧିକାରୀ ନେତା, ମନ୍ତ୍ରୀ ସମସ୍ତେ ଏଥିରେ ସାମିଲ ରହିଛନ୍ତି । ପେପର ଲିକ୍‌ର କମିସନ ଟଙ୍କା ଖାଇବା ଏମାନଙ୍କର ଧନ୍ଦା ଅଟେ ବୋଲି କହିଥିଲେ।

# ଗଛରେ ପିଟିଲା କାର୍ ଜଣେ ମୃତ, ଦୁଇ ଆହତ

ହରଭଙ୍ଗା,(ସବ୍ୟୁ) : ଖୋର୍ଦ୍ଧା ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଡିଗସିରା ଠାରେ ବୁଧବାର ଅପରାହ୍ଣରେ ଗଛରେ ପିଟିଲା କାର ଘଟଣା ସ୍ଥଳରେ ଜଣେ ମୃତ ଦୁଇ ଆହତ ହୋଇଛନ୍ତି । ଆହତଙ୍କୁ ପୁରୁଣାକଟକ ଡାକ୍ତରଖାନାରେ ଭର୍ତି କରାଯାଇଥିବା ସୂଚନା ମିଳିଛି । ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଅନ୍ତର୍ଗତ ପୁରୁଣାକଟକର ବ୍ୟବସାୟୀ ଅଶ୍ୱିନୀ ଘୋଷ (୪୮) ଓ ତାଙ୍କ ବନ୍ଧୁ ଅଠରନଳା ଗ୍ରାମର ଶ୍ରୀନିବାସ କହଁର (୪୮) ସମେତ ଆଡେଣିଗଡ଼ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦିଲ୍ଲୀପ ମଲ୍ଲିକ(୩୭) ଏକ କାର ଯୋଗେ ଚାରିଛକରୁ ପୁରୁଣାକଟକ ଫେରୁଥିଲେ । ଜାତୀୟ ରାଜପଥ ଡିଗସିରା ନିକଟରେ କାରଟି ଭାରସାମ୍ୟ ହରାଇ ଗୋଟିଏ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଘଟଣା ସ୍ଥଳରେ ହିଁ ଅଶ୍ୱିନୀଙ୍କ ଗୁରୁତର ହୋଇଥିବା ବେଳେ ତାଙ୍କ ବନ୍ଧୁ ଶ୍ରୀନିବାସ ଓ ଦିଲ୍ଲୀପ ଗୁରୁତର ଭାବେ ଆହତ ହୋଇଥିଲେ । ସ୍ଥାନୀୟ ବାସିନ୍ଦା ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଅଶ୍ୱିନୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଦିଲ୍ଲୀପଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାକୁ ଅଧିକ ଚିକିତ୍ସା ପାଇଁ ପରିବାର ଲୋକେ ନେଇଥିବା ଜଣାପଡିଛି । ସେହିପରି ଶ୍ରୀନିବାସଙ୍କୁ ଚିକିତ୍ସା ପରେ ଘରକୁ ଯାଇଥିବା ଜଣାଯାଇଛି । ଅନ୍ୟପଟେ ପୁରୁଣାକଟକ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରି ଶବ ବ୍ୟବଛେଦ ପାଇଁ ବୌଦ୍ଧ ପଠାଇ ଥିବା ବେଳେ ପୁରୁଣା କଟକ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣା ପଡ଼ିଛି। ମୃତ ଅଶ୍ୱିନୀ ଘୋଷ ଜଣେ ମେଳାପୀ ଥିବା ବେଳେ ପୁରୁଣା କଟକ ଭୈରବୀ କ୍ଲବ୍ ର ଜଣେ ବରିଷ୍ଠ ସଦସ୍ୟ ଥିଲେ । ତାଙ୍କ ଦେହାନ୍ତ ଖବର ଶୁଣିବା ପରେ ପୁରୁଣା କଟକ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

# ଟ୍ରେନ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ

ସମ୍ବଲପୁର,(ସବ୍ୟୁ): ପୁରୁଣାକଟକ-ଭୁବନେଶ୍ୱର ଏକ୍ସପ୍ରେସ ଟ୍ରେନ ସମ୍ମୁଖକୁ ଡେଇଁ ଜଣେ ବୃଦ୍ଧ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତେବେ ପାଇଲଟ୍ ଏହା ଦେଖି ପାରି ଟ୍ରେନକୁ ତୁରନ୍ତ ବ୍ରେକ ଦେଇ ଅଟକାଇ ଥିଲେ। ଏଥିଯୋଗୁଁ ବୃଦ୍ଧଙ୍କ ଜୀବନ ବଞ୍ଚି ଯାଇଥିବା ବେଳେ ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇଛି। ତେବେ ଟ୍ରେନ ଧକ୍କାରେ ସେ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ତାଙ୍କୁ ବୁର୍ଲା ଭିମସାରରେ ଭର୍ତ୍ତି କରାଯାଇଛି। ଆହତ ବୃଦ୍ଧ ଜଣକ ସୋନପୁର ଜିଲ୍ଲା ଯଦୁ ମେହେର(୬୦) ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ପୁରୁଣାକଟକ-ଭୁବନେଶ୍ୱର ଏକ୍ସପ୍ରେସ ଟ୍ରେନ ଅପରାହ୍ଣ ସାଢେ ୪ଟାରେ ବୁର୍ଲା ପିସିବ୍ରିଜ ଅତିକ୍ରମ କରୁଥିବା ବେଳେ ବୃଦ୍ଧ ଜଣକ ଆତ୍ମହତ୍ୟା ଉଦ୍ୟମ କରିଥିଲେ।

# ସଂଘବଦ୍ଧ ଆକ୍ରମଣ ଘଟଣାରେ ଆହତ ଯୁବକ ମୃତ

ସମ୍ବଲପୁର, (ସବ୍ୟୁ): ହୀରାକୁଦ ଥାନା ଅନ୍ତର୍ଗତ ଗୁଜାତଳ ସଂଘବଦ୍ଧ ଆକ୍ରମଣ ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। ଖବର ପାଇ ପୋଲିସ ମୃତଦେହକୁ ଜବତ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ । ସୂଚନାଯୋଗ୍ୟ, ହୀରାକୁଦ ଥାନା ଅନ୍ତର୍ଗତ ଗୁଜାତଳ ଅଞ୍ଚଳର ଗଗନ କୁମାର ଜଗଦୀଶ (୧୯) ଗତ ୩ତାରିଖ ପୂର୍ବାହ୍ଣ ସାଢେ ୮ଟାରେ ଆଇଟିଆଇ ଗୁଜାତଳ ଛକ ନିକଟ ଏକ ଦୋକାନକୁ ଯାଉଥିବା ବେଳେ ଅଭିଯୁକ୍ତ ମାନେ ଛୁରୀ ସାହାର୍ଯ୍ୟରେ ସଂଘବଦ୍ଧ ଆକ୍ରମଣ କରିଥିଲେ । ଫଳରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବୁର୍ଲା ଭିମସାରରେ ଭର୍ତ୍ତି କରାଯାଇଥିଲା । ଏନେଇ ହୀରାକୁଦ ଥାନା ପୋଲିସ ୧୨୧/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ମନୋରଞ୍ଜନ ଦୋରାକୁ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତ ମାନେ ଫେରାର ଥିବାବେଳେ ଗୁରୁତର ଆହତ ଯୁବକଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି।

# ପିକ୍‌ଅପ୍ ଧକ୍କାରେ ଆଡଭୋକେଟ୍ ଆହତ



ବଲାଙ୍ଗିର,(ସବ୍ୟୁ): ସହରର କ୍ଲବ ପଡା ସ୍ଥିତ ସୁରୁଚି ବଜାର ନିକଟ ବୁଲାଣି ଠାରେ ଦ୍ରୁତ ଗତିରେ ଆସୁଥିବା ଏକ ମହିନ୍ଦ୍ରା ପିକଅପ୍ ସାମ୍ନା ପଟୁ ଆସୁଥିବା ଗୋଟିଏ ସ୍କୁଟିକୁ ଧକ୍କା ଦେଇଥିଲା। ଡ୍ରାଇଭରର ବେପରୁଆ ଗାଡି ଚାଲଣା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ ମାନେ କହିଛନ୍ତି। ତେବେ ସ୍କୁଟି ଚାଳକ ବଲାଙ୍ଗିର ସହରର ଏଡ଼ଭୋକେଟ କୃଷ୍ଣ କିଶୋର ଆଚାର୍ଯ୍ୟ । ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରୁ ଅଳ୍ପକେ ବର୍ତି ଯାଇଛନ୍ତି। ଆଡ଼ଭୋକେଟ ଶ୍ରୀ ଆଚାର୍ଯ୍ୟ ସାମାନ୍ୟ ଆହତ ହୋଇଛନ୍ତି। ମହିନ୍ଦ୍ରା ପିକ ଅପ୍ ଭେନ୍ ଟି ସ୍କୁଟି କୁ ୩୦ମିଟର୍ ପର୍ଯ୍ୟନ୍ତ ଘୋଷରି ନେଇଯାଇଥିଲା। ଦୁର୍ଘଟଣାରେ ସ୍କୁଟିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଦୁର୍ଘଟଣା ଘଟାଇ ଥିବା ଡ୍ରାଇଭରକୁ ସ୍ଥାନୀୟ ଲୋକେ ମାଡ଼ ମାରିବା ପରେ ପୋଲିସରେ ଜିମା ଦେଇଥିଲେ । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଡ୍ରାଇଭର ଜଣକ ବିନା ଡ୍ରାଇଭିଂ ଲାଇସେନ୍ସ ରେ ଗାଡି ଚଳାଉଥିଲା । ବେପରୁଆ ଗାଡି ଚାଲଣା ଯୋଗୁଁ ମଙ୍ଗଳବାର ବଲାଙ୍ଗିର ସହରରେ ମା ଝିଅ ଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିବା ବେଳେ ଆଜି ଏପରି କିଛି ଘଟଣା ପରେ ରାସ୍ତାରେ ଯାଉଥିବା ଲୋକେ ନିଜ ଜୀବନକୁ ଆଉ ସୁରକ୍ଷିତ ମଣୁ ନାହାନ୍ତି। ଲୋକଙ୍କ ଜୀବନ ସହ ଖେଳ ଖେଳୁଥିବା ଏପରି ଗାଡି ଚଳକଙ୍କ ପାଇଁ କଡା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରଶାସନ ନିକଟରେ ଦାବି କରଯାଇଛି।

# ଦୁର୍ଘଟଣାରେ ମା'–ଝିଅ ମୃତ୍ୟୁ ଘଟଣା
## କ୍ଷତିପୂରଣ ଦାବି ସହ ବିଜେଡ଼ିର ନିରପେକ୍ଷ ତଦନ୍ତ ଦାବି



ବଲାଙ୍ଗିର,(ସବ୍ୟୁ): ମଙ୍ଗଳବାର ସକାଳେ ଗାନ୍ଧୀନଗରପଡାରେ ଟ୍ରକ ଚାପାରେ ତାଲପାଲିପଡାର ମାଆ-ଝିଅ ସୁନୀତା ନାଗ ଓ ଶ୍ରୁତି ନାଗ ମୃତ୍ୟୁବରଣ କରିଥିଲେ । ଦୁର୍ଘଟଣା ପରେ ଟ୍ରକୁ ନେଇ ଡ୍ରାଇଭର ପଳାଇଯାଇଥିଲା । ଟାଉନଥାନା ପୋଲିସ ଖୋଜାଖୋଜି କରି ସେହି ଟ୍ରକକୁ ଥାନାକୁ ଆଣି ଡ୍ରାଇଭର କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାର ଏକ ନିରପେକ୍ଷ ତଦନ୍ତ ସହିତ କୌଣସି କାଗଜପତ୍ର ନଥାଇ ଟ୍ରକକୁ ଚଳାଉଥିବା ଗାଡିର ମାଲିକକୁ ଗିରଫ କରିବାକୁ ବଲାଙ୍ଗିର ବିଜେଡି ଦାବି କରିଛି ।ଏହା ସହିତ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ମାଆ-ଝିଅଙ୍କ ପରିବାରକୁ ଉଚିତ କ୍ଷତିପୂରଣ ଦେବାକୁ ଟାଉନଥାନା ଜରିଆରେ ଜିଲ୍ଲାପ୍ରଶାସନ ପାଖରେ ଦାବି କରିଛି । ବିଜେଡିର ରାଜ୍ୟ ସଂପାଦକ ପ୍ରଭାସ ପାଣିଗ୍ରାହୀ ଓ ଛାତ୍ର ବିଜେଡି ସଭାପତି ସୁମନ ନନ୍ଦଙ୍କ ନେତୃତ୍ୱରେ ଶତାଧିକ ଯୁବକ/ବିଜେଡିକର୍ମି ଟାଉନଥାନାରେ ପହଞ୍ଚି ଥାନା ଅଧିକାରୀ ଅବନୀକୁମାର ସାହୁଙ୍କ ସହିତ ଆଲୋଚନା କରିବା ସହିତ ଅଭିଯୁକ୍ତ ଗାଡିମାଲିକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ରାଜ୍ୟ ବିଜେଡ଼ି ସମ୍ପାଦକ ଶ୍ରୀ ପାଣିଗ୍ରାହୀ,ପୌରଉପାଧ୍ୟକ୍ଷା ଗାୟତ୍ରୀ ଭୋଇ,ନଗର ସଭାପତି ତଥା କାଉନସିଲର ଶମ୍ଭୁ ନାଗ,କାଉନସିଲର ନନ୍ଦୀନି ପୋଢ,ସନ୍ତୋଷିନୀ କଅଁର, କିଶୋର କୁମ୍ଭାର, ଗଙ୍ଗା ଚାନ୍ଦ, ଲଲାଟେନ୍ଦୁ ପଟ୍ଟନାୟକ, ଶତ୍ରୁଘନ ବାଗ ,ଛାତ୍ର ବିଜେଡି ସଭାପତି ସୁମନ ନନ୍ଦ,ବରିଷ୍ଠ ସଭ୍ୟ ନରସିଂହ ବାଗ,ବିଧୁଭୂଷଣ ତ୍ରିପାଠୀ,ସାଗର ସଂଗ୍ରାମ ଶତପଥି,ଦିଲିପ ସା, ଗୁଞ୍ଜ ଖାଁ,ବିଭୁତିଭୂଷଣ ମିଶ୍ରଙ୍କ ସହିତ ଶତାଧିକ ବିଜେଡିକର୍ମି ଯୋଗଦେଇ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଥିଲେ ।

# ନାକଟିଦେଉଳରେ ବ୍ଲକ୍‌ସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା

ନାକଟିଦେଉଳ,(ସବ୍ୟୁ): ଗ୍ରାମୀଣ ଜୀବିକା ମିଶନ ମାଧ୍ୟମରେ ସରକାର କରିଥିବା ବିଭିନ୍ନ ଯୋଜନାକୁ ସଫଳ କରିବା ପାଇଁ ଆଜି ଏକ ଲକ୍ଷପତି ଦିଦି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ନାକଟିଦେଉଳ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିବା ଏହି କର୍ମଶାଳାରେ ଜିଲ୍ଲା ଜୀବିକା ମିଶନ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସଂଜୟ ମହାପାତ୍ର, ଓରମାସ୍ ଯୁଗ୍ମ ସିଇଓ ଶ୍ରୀମନ୍ତ ହୋତା,ରେଢାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତ, ନାକଟିଦେଉଳ ତହସିଲଦାର ଅମର ଯେ ଡୁଙ୍ଗଡୁଙ୍ଗ୍, ବିଡିଓ ଆକାଶ ରଞ୍ଜନ ସାହୁ, ବ୍ଲକ୍ ଅଧ୍ୟକ୍ଷା ସ୍ୱରୂପା ରାଣୀ ସାହୁ, ସାଂସଦ ପ୍ରତିନିଧି ନେତ୍ରାନନ୍ଦ ରାଉଳ, ନାକଟିଦେଉଳ ଡିଗ୍ରୀ କଲେଜ ଅଧ୍ୟକ୍ଷ ସୁଧିର କୁମାର ସାହୁ, ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ହେମାନନ୍ଦ ପ୍ରଧାନ, ସିଡିପିଓ ରେବତୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ତେବେ ମହି ଳା ଶଶକ୍ତି କରଣ ଓ ସାମାଜିକ ନିରାପତା ବୃଦ୍ଧି ପାଇଁ ମହିଳା ମାନେ କିପରି ରୋଜଗାରକ୍ଷମ ହୋଇପାରିବେ ସେନେଇ ସେ ସଂପର୍କରେ ମହିଳା ମାନଙ୍କୁ ଅବଗତ କରାଯାଇଥିଲା । ଏହି ଅବସରରେ ଲକ୍ଷପତି ଦିଦି ମାନେ ନିଜ ଗୋଷ୍ଠିର ମହିଳା ମାନେ ନିଜସ୍ୱ ଉତ୍ପାଦିତ ସାମଗ୍ରୀ ଷ୍ଟଲ୍ ଲଗାଇଥିଲେ ଏବଂ ଏହାକୁ ଅଧିକାରୀ ମାନେ ପରିଦର୍ଶନ କରିଥିଲେ । ଏଥିରେ ବିଭିନ୍ନ ପଞ୍ଚାୟତରୁ ୧୮ଟି ଗୋଷ୍ଠି ଲକ୍ଷପତି ଦିଦି ପ୍ରତିଯୋଗିତା ଅଂଶଗ୍ରହଣ କରିଥିଲେ । ସେଥିମଧ୍ୟରୁ ୪ଟି ଗୋଷ୍ଠିକୁ ପୁରସ୍କୃତ କରାଯାଇଥିଲା ।

# ଗୋରୁ ଚାଲନା ବେଳେ ଦୁର୍ଘଟଣା ବାଇକ୍ ଆରୋହୀ ଗୁରୁତର

ବଙ୍ଗୋମୁଣ୍ଡା,(ସବ୍ୟୁ): ବଙ୍ଗୋମୁଣ୍ଡା ଅଞ୍ଚଳରେ ଗୋ ମାଫିଆଙ୍କ ଗୋ ଚାଲନା ଜାରି ରହିଛି । ବୁଧବାର ଗୋ ଚାଲନା ବେଳେ ଏକ ବାଇକକୁ ଧକ୍କା ଦେଇ ଫେରାର ମାରୁଥିବା ବେଳେ ଭାଲୁମୁଣ୍ଡା ଶ୍ରୀରାମ ସେନା ଅଭିଯୁକ୍ତକୁ କାବୁ କରିଛନ୍ତି। ପରେ ବଙ୍ଗୋମୁଣ୍ଡା ଥାନା ଓ ଖରିଆର ଥାନାକୁ ଯୋଗାଯୋଗ କରି ଜିମା ଦେଇଥିଲେ। ସୂଚନା ଅନୁଯାୟୀ ପ୍ରତେକ ବୁଧବାର କଣ୍ଟାବାଞ୍ଜି ବଜାରରୁ ପିକଅପ ଭ୍ୟାନ ଓଡ଼ି ୦୮-ଏଏ ୨୭୧୭ ନମ୍ବର ଗାଡିରେ ବିତିପାଲି ଗାଁର ଦୋଳଗଞ୍ଜନ ବେହେରା ତାଙ୍କ ଗାଡ଼ିରେ ୮ ଟି ଗାଈ ନେଇ ଯାଉଥିବା ବେଳେ ବାଇକ ଆରୋହୀଙ୍କୁ ଧକ୍କା ଦେଇଥିଲା। ଖରିଆର ଥାନା ବଡମୁଲା ଗାଁର ଡ଼ଲେଶ୍ୱର ମହାକୁଡ଼ (୫୦) କୌଣସି କାମରେ ଜୁଏରପଡା ଗାଁରୁ ଟିଭିଏସ ଗାଡ଼ି ଓଡ଼ି ୨୬ ,୭୭୩୪ ରେ ଘରକୁ ଫେରିବା ସମୟରେ ଭାଲୁମୁଣ୍ଡାରୁ ଘରକୁ ଯାଉଥିବା ବେଳେ ଇସାନି ପେଟ୍ରୋଲ ପମ୍ପ ପାଖରେ ମୁହା ମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ ଆରୋହି ର ଗୋଡ ଭାଙ୍ଗି ଯାଇଥିବା ଜଣାପଡିଛି। ତାଙ୍କୁ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସରେ ଖରିଆର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଯାଇଥିଲା। ଖରିଆର ପୋଲିସ ଆସି ଗାଈ ଚାଳନ କରୁଥିବା ଗାଡ଼ିକୁ ଜବତ କରିଛି ।

# ଦୁର୍ଘଟଣାରେ ମାଁ ଝିଅ ମୃତ୍ୟୁ ଘଟଣା
## ମୃତକଙ୍କ ପରିବାରଙ୍କୁ ଭେଟିଲେ ନରସିଂହ

ବଲାଙ୍ଗିର, (ସବ୍ୟୁ): ଗାନ୍ଧୀନଗରପଡା ମୁଖ୍ୟ ରାସ୍ତାରେ ମଙ୍ଗଳବାର ଘଟିଯାଇଥିବା ହୃଦୟ ବିଦାରକ ଦୁର୍ଘଟଣାରେ ମାଁ ଝିଅ ଦୁଇ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା । ସ୍କୁଟିରେ ଯାଉଥିବା ମାଁ ଝିଅ ଏକ ଟ୍ରକ ସହ ବାଡେଇ ହୋଇ ଏହି ଦୁର୍ଘଟଣା ଘଟିଯାଇଛି । ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ମୃତକଙ୍କ ଡୁଙ୍ଗୁରିପଡା ସ୍ଥିତ ବାସଭବନକୁ ଯାଇ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି । ଏହା ସହ ପରିବାର ବର୍ଗ ସହ ଆଲୋଚନା କରି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ସୁନିତା ନାଗ ଓ ତାଙ୍କ ଝିଅ ସୁଷମା ନାଗଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଆର୍ଥିକ ସହାୟତା ରାଶି ପାଇଁ ସେ ନିଜେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି ।

# ବନ ବିଭାଗର କଡ଼ା କାର୍ଯ୍ୟାନୁଷ୍ଠାନ
## ଦୁଇ ପିକ୍‌ଅପ୍ ଓ ବିପୁଳ ପରିମାଣର କାଠ ଜବତ

ପଦ୍ମପୁର,(ସବ୍ୟୁ): ଅବୈଧ କାଠ ପରିବହନ ବିରୋଧରେ ପଦ୍ମପୁର ବନ ବିଭାଗ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଚଢ଼ାଉରେ ଦୁଇ ଦିନ ମଧ୍ୟରେ ଦୁଇଟି ପିକ୍-ଅପ୍ ଗାଡ଼ି ସହ ବିପୁଳ ପରିମାଣର ବନଜାତ ଦ୍ରବ୍ୟ ଜବତ କରାଯାଇଛି। ଜବତ କାଠର ମୋଟ ଆନୁମାନିକ ମୂଲ୍ୟ ପ୍ରାୟ ୮୩ ହଜାର ଟଙ୍କା ବୋଲି ଜଣାପଡ଼ିଛି। ବନ ବିଭାଗ ସୂତ୍ରରୁ ପ୍ରକାଶ ଯେ, ୧୦ ଜୁନରେ କଟାବାହାଲ ଗ୍ରାମ ନିକଟରେ ଚଢ଼ାଉ କରାଯାଇ ଏକ ମହିନ୍ଦ୍ରା ମ୍ୟାକ୍ସ ପିକ୍-ଅପରୁ ୧୪୬୫ କିଲୋଗ୍ରାମ ଖଇର ବିଲେଟ୍ ଜବତ କରାଯାଇଥିଲା। ଏହାର ଆନୁମାନିକ ମୂଲ୍ୟ ୭୩,୨୫୦ ଟଙ୍କା ହୋଇଥିବା ବେଳେ ଏନେଇ ଏକ ମାମଲା ରୁଜୁ କରାଯାଇଛି। ସେହିପରି ୯ ଜୁନରେ ପୁଟକା ଗ୍ରାମ ନିକଟରେ ବନ ବିଭାଗର ଅନ୍ୟ ଏକ ଚଢ଼ାଉ ବେଳେ ଏକ ମ୍ୟାକ୍ସ ପିକ୍-ଅପରୁ ୦.୭୪୮ ଘନମିଟର ସିମୁଳି କାଠ ଜବତ କରାଯାଇଥିଲା। ଜବତ କାଠର ମୂଲ୍ୟ ପ୍ରାୟ ୧୦,୦୦୦ ଟଙ୍କା ହୋଇଥିବା ବେଳେ ମାମଲା ରୁଜୁ କରାଯାଇଛି। ଉଭୟ ଘଟଣାରେ ଓଡ଼ିଶା ଟିମ୍ବର ଓ ଅନ୍ୟାନ୍ୟ ବନଜାତ ଦ୍ରବ୍ୟ ପରିବହନ ନିୟମ, ୧୯୮୦ର ବିଭିନ୍ନ ଧାରା ଉଲ୍ଲଂଘନ ଅଭିଯୋଗରେ ମାମଲା ରୁଜୁ କରାଯାଇଛି। ଚଢ଼ାଉରେ ରେଞ୍ଜ ଅଧିକାରୀ ରମେଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ବନରକ୍ଷୀ ଓ ସ୍କ୍ୱାଡ୍ କର୍ମଚାରୀମାନେ ସାମିଲ ଥିଲେ।ବନଜାତ ଦ୍ରବ୍ୟର ଅବୈଧ ପରିବହନ ଓ ଚୋରାଚାଲାଣ ରୋକିବା ପାଇଁ ପଦ୍ମପୁର ବନ ବିଭାଗ ପକ୍ଷରୁ ଆଗାମୀ ଦିନରେ ମଧ୍ୟ କଡ଼ା ନଜରଦାରୀ ଓ ଚଢ଼ାଉ ଜାରି ରହିବ ବୋଲି ସୂଚନା ମିଳିଛି।

# ଗଞ୍ଜେଇ ଚୋରା ଚାଲାଣ ମାମଲା : ୪ ଅଭିଯୁକ୍ତ ଗିରଫ

ତରଭା,(ସବ୍ୟୁ): ତରଭା ପୋଲିସ ପକ୍ଷରୁ ନିଶା କାରବାରରେ ସଂପୃକ୍ତ ଥିବା ଅଭିଯୁକ୍ତ ମାନଙ୍କୁ ଧରି କୋର୍ଟ ଚାଲାଣ କରୁଥିବାରୁ ନିଶା ବେପାରିଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି । ସେହିପରି ଗତ ତା ୧୨/୦୪/୨୬ରେ ତରଭା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ କୌଣସି ସୁତ୍ରରୁ ଖବର ପାଇ ଶତ୍ରୁ ପାଲି ପତ୍ରାଜଂଗଲ ରେ ଥିବା ଏକପାଳଗଦାରୁ ୭୩ କେଜି ଗଞ୍ଜେଇ ଧରିଥିଲେ। ଗଞ୍ଜେଇ ଚାଲାଣ କରୁଥିବା ଅଭିଯୁକ୍ତ ମାନେ ଫେରାର ମାରିବାରେ ସଫଳ ହୋଇଥିଲେ। ତରଭା ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ପଣ୍ଡକିମାଲ ଗ୍ରାମର ଆଶିଷ ସାହୁ, କନକେଡା ଗ୍ରାମର ଆଶିନ୍ କୁମ୍ଭାର ଓ କାର୍ତ୍ତିକ ଦଳବେହେରା,ବୈରାଖମନ ଗ୍ରାମର ଦୁର୍ଜପାଣ୍ଡେ, ବୁଦେଲମୁଣ୍ଡା ଗ୍ରାମର ଗୋପାଳ ପାତ୍ରକୁ ଧରିବାରେ ସଫଳ ହୋଇଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଅଭିଯୁକ୍ତ ଆଶିଷ ସାହୁ ନାମରେ ପୂର୍ବରୁ ମଧ୍ୟ ଗଞ୍ଜେଇ ଚାଲାଣ, ଗଣ୍ଡଗୋଳ ଭଳି ଆଦି ଚାରୋଟି କେଶ ତରଭା ଥାନାରେ ହୋଇଥିବା ପୋଲିସ ପକ୍ଷରୁ ଜଣାଯାଇଛି। ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ ।

# ଦିଶା ବୈଠକରେ ରେଳ, ସଡ଼କ, ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା




ରାୟଗଡା, (ସବ୍ୟୁ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟିର ବୈଠକ କୋରାପୁଟ ଲୋକସଭା ସାଂସଦ ତଥା କମିଟିର ସଭାପତି ସପ୍ତଗିରି ଶଙ୍କର ଉଲାକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ରାୟଗଡ଼ା ବିଧାୟକ ଆପଲାସ୍ୱାମୀ କାଡ୍ରାକା, ଗୁଣପୁର ଓ ବିଷମକଟକ ବିଧାୟକଙ୍କ ପ୍ରତିନିଧି, ଜିଲ୍ଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝୀ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ଦୁଧାଳ ଅଭିଷେକ ଦିଲ୍ଲୀପ, ବିଭିନ୍ନ ପଞ୍ଚାୟତ ସମିତିର ନିର୍ବାଚିତ ପ୍ରତିନିଧି ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ଆରମ୍ଭରେ ସାଂସଦ ଉଲାକା ଦିଶା ବୈଠକର ଗୁରୁତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖି ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରିଥିଲେ । ପୂର୍ବତଟ ରେଳବାଇ ଅଧୀନରେ ଚାଲିଥିବା ବିଭିନ୍ନ ରେଳ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଗୋପାଳପୁର ରାୟଗଡ଼ା ୨୫୦ କି.ମି. ନୂତନ ବ୍ରଡ଼ଗଜ୍ ରେଳପଥ, ନୂଆପଡ଼ା ଗୁଣପୁର ଥେରୁବାଲି ୧୬୫ କି.ମି. ଦ୍ୱୈତ ରେଳପଥ ଏବଂ କୋରାପୁଟ ସିଙ୍ଗାପୁର ରୋଡ଼ ୧୬୪.୫୬ କି.ମି. ଦ୍ୱୈତ ରେଳପଥ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ରାମନାଗୁଡ଼ା ପରିବର୍ତ୍ତେ ଗୁଡ଼ାରିରୁ ଟ୍ରେନ ଚଳାଚଳ ଆରମ୍ଭ କରିବା ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସାଂସଦ ପ୍ରକଳ୍ପ ଆରମ୍ଭ ପୂର୍ବରୁ ପର୍ଯ୍ୟାପ୍ତ ଅନୁପୂରକ ପାଣ୍ଠି ବ୍ୟବସ୍ଥା କରିବାକୁ ମତ ପ୍ରକାଶ କରିଥିଲେ। ନୂତନ ଗୁଣପୁର ରେଳ ଷ୍ଟେସନ, ସାଇ ଇଣ୍ଟରନ୍ୟାସନାଲ ନିକଟରେ ଓଭରବ୍ରିଜ ନିର୍ମାଣ, ରାୟଗଡ଼ା ରେଳ ଷ୍ଟେସନର ଦ୍ୱିତୀୟ ପ୍ରବେଶ ପଥର ବିକାଶ ଏବଂ ଦିବ୍ୟାଙ୍ଗ ଓ ବୟସ୍କ ଯାତ୍ରୀଙ୍କ ପାଇଁ ଇ ଭେଇକିଲ ସୁବିଧା ଉପରେ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ରେଳ ଷ୍ଟେସନ ପରିସରରେ ପାର୍କିଂ ସ୍ଥଳରେ ସିସିଟିଭି କ୍ୟାମେରା ସ୍ଥାପନ ଏବଂ ସୁରକ୍ଷା ବ୍ୟବସ୍ଥାର ମଧ୍ୟ ସମୀକ୍ଷା କରାଯାଇଥିଲା। ଜାତୀୟ ରାଜପଥ ୩୨୬ ଅନ୍ତର୍ଗତ ରାୟଗଡ଼ା ସହର ଏବଂ ଜେ.କେ.ପୁର ବାଇପାସ ନିର୍ମାଣ ପ୍ରକଳ୍ପର ବର୍ତ୍ତମାନ ସ୍ଥିତି ନେଇ ଆଲୋଚନା ହୋଇଥିଲା। ୩୬୮.୩୩ କୋଟି ଟଙ୍କା ବ୍ୟୟ ଅଟକଳର ଏହି ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ସମ୍ପନ୍ନ ହୋଇଥିବା ବେଳେ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲିଥିବା ସୂଚନା ଦିଆଯାଇଥିଲା। ନାଗାବଳୀ ନଦୀ ଉପରେ ୧୭.୮୨ କୋଟି ଟଙ୍କା ବ୍ୟୟରେ ନୂତନ ସେତୁ ନିର୍ମାଣ ଏବଂ ରାୟଗଡ଼ା ଲକ୍ଷ୍ମୀପୁର ରାସ୍ତା ପ୍ରଶସ୍ତୀକରଣ ଓ ସିଧାକରଣ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା। ବିଏସଏନଏଲ୍ ପକ୍ଷରୁ ଜିଲ୍ଲାରେ ସ୍ଥାପିତ ୬୬ଟି ୪ଜି ଟାୱାରର କାର୍ଯ୍ୟକ୍ଷମତା, ସୋଲାରଚାଳିତ ବ୍ୟବସ୍ଥା ଓ ଡିଜି ସେଟ୍ର ଉପଲବ୍ଧତା ନେଇ ସମୀକ୍ଷା କରାଯାଇଥିଲା। କୁର୍ଲି ଅଞ୍ଚଳରେ ଡାକ୍ତର ନିଯୁକ୍ତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଆରଡବ୍ଲୁଏସଏସ ବିଭାଗ ପକ୍ଷରୁ ପାନୀୟ ଜଳ ସଙ୍କଟ ଏବଂ ଏହାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ଗ୍ରହଣ କରିଥିବା ପଦକ୍ଷେପ ଉପସ୍ଥାପନ କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ (ଆରଡବ୍ଲୁଡି) ପକ୍ଷରୁ ପିଏମଜିଏସୱାଇ-୪ ପ୍ରକଳ୍ପର ଅଗ୍ରଗତି, ୧୭୫ଟି ଗ୍ରାମକୁ ସଂଯୋଗ କରୁଥିବା ସଡ଼କ ପ୍ରକଳ୍ପ ଏବଂ ରାସ୍ତା ରକ୍ଷଣାବେକ୍ଷଣ କାର୍ଯ୍ୟର ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନରେ ନୂଆପଡ଼ା ଚାମ୍ପିଅନ



ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲାରେ ଆୟୋଜିତ ଏକଦିବସୀୟ ଆନ୍ତଃ ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ବ୍ୟାଡମିଣ୍ଟନ ପ୍ରେମୀଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଖେଳାଳିମାନଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଟୁର୍ଣ୍ଣାମେଣ୍ଟର ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ଟି ବେଶ୍ ସଂଘର୍ଷ ପୂର୍ଣ୍ଣ ଏବଂ ରୋମାଞ୍ଚକର ଥିଲା। ଘରୋଇ ନୂଆପଡ଼ା ଜିଲ୍ଲାର ଷ୍ଟାର ଯୋଡ଼ି ଚିନ୍ମୟ ବେହେରା ଓ ନୀଳମାଧବ, ବଲାଙ୍ଗୀରର ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଇର୍ଫାନ ଓ ତାଙ୍କ ସାଥୀ ଙ୍କୁ ଭେଟିଥିଲେ। ଶେଷରେ ୨-୧ ସେଟ୍ ରେ ବଲାଙ୍ଗିରକୁ ପରାସ୍ତ କରି ଚାମ୍ପିଅନ୍ ଟ୍ରଫି ହାସଲ କରିଛି ନୂଆପଡ଼ା ଦଳ। ଉଦଘାଟନୀ ଉତ୍ସବରେ ଜିଲ୍ଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ଜିଲ୍ଲା କ୍ରିକେଟ ସଂଘର ସମ୍ପାଦକ ସରୋଜ କୁମାର ସାହୁ (ଭୈରବ) ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଜେତା ଦଳକୁ ପୁରସ୍କାର ରୂପେ ନଗଦ ରାଶି ୭,୦୦୦/- ଏବଂ ଦୁଇଟି ଆକର୍ଷଣୀୟ ଟ୍ରଫି ଓଉପ- ବିଜେତା ଦଳକୁ ପୁରସ୍କାର ରୂପେ ନଗଦ ରାଶି ୪,୦୦୦/- ଏବଂ ଦୁଇଟି ଆକର୍ଷଣୀୟ ଟ୍ରଫି ମ୍ୟାଚରେ ପ୍ରଦାନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ନୂଆପଡ଼ା ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରାସାଦ ବଢ଼େଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଓ ରନର୍ସଅପ୍ ଦଳକୁ ପୁରସ୍କାର ରାଶି ଏବଂ ଟ୍ରଫି ପ୍ରଦାନ କରି ଉତ୍ସାହିତ କରିଥିଲେ।

## ଯୁବତୀଙ୍କୁ ପ୍ରେମ, ପ୍ରତାରଣା,ଏବେ ଗର୍ଭବତୀ
# ଜେଲ୍ ଗଲା ଅଭିଯୁକ୍ତ ପ୍ରେମିକ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଗାଁରେ ଗ୍ରାମର ଜଣେ ଯୁବତୀଙ୍କୁ ପ୍ରଥମେ ପ୍ରେମ,ପ୍ରତାରଣା ଓ ଧୋକ୍କା ଦେବା ଅଭିଯୋଗରେ ଜଣେ ଅଭିଯୁକ୍ତ ପ୍ରେମିକ ଜେଲ୍ ଯାଇଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଜେଲ୍ ଯାଇଥିବା ଅଭିଯୁକ୍ତ ପ୍ରେମିକଜଣଙ୍କ ତୁରେକେଲା ଥାନା ମୁରିବାହାଲ ଗ୍ରାମର ଭିକ ନାଗଙ୍କ ପୁଅ ଡଗ୍ରେଶ୍ୱର ନାଗ(୨୩) ଓରଫ ରଞ୍ଜିତ ବୋଲି ଜଣାପଡିଛି। ସଂପୃକ୍ତ ଯୁବତୀଙ୍କ ଏତଲା ଆଧାରରେ ସେ ନିଜ ପରିବାର ସହ ବାହାର ରାଜ୍ୟକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ଅଭିଯୁକ୍ତ ଡଗ୍ରେଶ୍ୱର ମଧ୍ୟ ଦାଦନ ଶ୍ରମିକ ଭାବେ ସେହି ସ୍ଥାନକୁ ଯାଇଥିଲା। ସେଠାରେ ପ୍ରଥମେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏହା ପରେ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ସ୍ଥାପନ ହେବା ସହ ଉଭୟେ ସେଠାରେ ଗୋଟିଏ ସ୍ଥାନରେ ସ୍ୱାମୀ-ସ୍ତ୍ରୀ ଭାବରେ ରହୁଥିଲେ। ଦାଦନରୁ ଫେରିବା ପରେ ଉଭୟ ଗାଁରେଇ ଗ୍ରାମରେ କିଛି ଦିନ ରହିବା ପରେ ଯୁବତୀଙ୍କୁ ଛାଡ଼ି ଯୁବକ ଜଣଙ୍କ ପୁଣି କାମ କରିଯାଉଛି କହି ସେଠାରୁ ଫେରାର ହୋଇଯାଇଥିଲା। ଯୁବତୀ ଜଣଙ୍କ ଯୁବକଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ସେ ଆଉ ଫୋନ୍ ଉଠାଉନଥିଲେ କି ଧରାଛୁଆଁ ଦେଉନଥିଲେ। ଶେଷରେ ଗତ ୨୧/୦୫/୨୬ଦିନ ସେ ଯୁବକଙ୍କ ନାମରେ ମୁରିବାହାଲ ଥାନାରେ ଏକ ଲିଖିତ ଏତଲା ଦେଇଥିଲେ। ଯୁବତୀଙ୍କ ଏତଲା ଆଧାରରେ ପୁଲିସ କେଶ ନଂ ୯୭/୨୬କୁ କରି ଅଧିକ ତଦନ୍ତ ଜାରି ରଖିଥିଲା। ଅଭିଯୁକ୍ତ ଡଗ୍ରେଶ୍ୱର ସେହିଦିନ ଠାରୁ ଫେରାର ଥିଲା। ସଂପୃକ୍ତ ଯୁବତୀ ଜଣଙ୍କ ଏବେ ଗର୍ଭବତୀ ଥିବା ଜଣାପଡିଛି। ବୁଧବାର ଅଭିଯୁକ୍ତ ପ୍ରେମିକ ପ୍ରବର ଡଗ୍ରେଶ୍ୱରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଭାରପ୍ରାପ୍ତ ଥାନା ଓସି ଅଭୟ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

# ସୁନ୍ଦରଗଡ଼ ସୀମାନ୍ତ ଗାଁରେ ବୁଲୁଛନ୍ତି ସନ୍ଦିଗ୍ଧ ମାଓବାଦୀ!

ସୁନ୍ଦରଗଡ଼,(ସବ୍ୟୁ): ଓଡ଼ିଶାରୁ ମାଓବାଦୀ ସଂଗଠନ ପ୍ରାୟତଃ ଲୋପପାଇଯାଇଛି ବୋଲି ଗୃହ ବିଭାଗ ଦାବି କରୁଛି। ଏହି କଥା ଗଲ ଏପ୍ରିଲ୍ ମାସରେ ସରକାର ଘୋଷଣା କରିଥିଲେ। ଏହା ସତ୍ତ୍ୱେ ଓଡ଼ିଶା ଛତିଶଗଡ଼, ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀଙ୍କ ଏକାଧିକ ଡମ୍ପ ଠାବ କରାଯାଇଥିବା ବେଳେ ସନ୍ଦିଗ୍ଧ ଗତିବିଧି ଲକ୍ଷ୍ୟ କରାଯାଉଛି। ଏହି କ୍ରମରେ, ସୁନ୍ଦରଗଡ଼ ଜିଲ୍ଲା କିଞ୍ଜିରକେଲା ଥାନା ଦେଓଗୁରୁବନପୁର ପଞ୍ଚାୟତ ଜଙ୍ଗଲ ସୀମାନ୍ତ ଗାଁଗୁଡିକରେ କିଛି ସନ୍ଦିଗ୍ଧ ଯୁବକଙ୍କୁ ଲୋକେ ଦେଖିଥିବା କୁହାଯାଉଛି। ସେମାନେ ମାଓବାଦୀ ହୋଇପାରନ୍ତି ବୋଲି ଗାଁ ଲୋକଙ୍କ ସନ୍ଦେହ ହୋଇଛି। ସ୍ଥାନୀୟ ଲୋକଙ୍କ ଠାରୁ ମିଳିଥିବା ସୂଚନାନୁସାରେ, ଛତିଶଗଡ଼, ଝାଡ଼ଖଣ୍ଡ ଜଙ୍ଗଲରେ ମାଓଦମନ ଅଭିଯାନ ଜୋରଦାର ହୋଇଛି। ଅନେକ ମାଓବାଦୀ ଆତ୍ମସମର୍ପଣ କରିଥିବାବେଳେ ଆଉ କିଛି ମାଓବାଦୀ ଲୁଚି ଏ ଅଞ୍ଚଳକୁ ପଳାଇ ଆସିଥିବା ଅନୁମାନ କରାଯାଉଛି। ସୂଚନା ପାଇ କିଞ୍ଜିରକେଲା ପୁଲିସ ଗାଁକୁ ଯାଇ ଲୋକଙ୍କୁ ପଚରାଉଚରା କରିବା ସହ ତନାଘନା ଚଳାଇଛି।

କିଛି ଦିନ ତଳେ ମଧ୍ୟରାତ୍ରରେ ଦେଓଗୁରୁବନପୁର ପଞ୍ଚାୟତ ଚିତୁରୁଙ୍ଗୁରି, ବାଗଲ୍ ଜଙ୍ଗଲ ସନ୍ନିକଟ ଗାଁ କଛାରଯୋରରେ ୨ ଜଣ ସନ୍ଦିଗ୍ଧଙ୍କୁ ଦେଖିବାକୁ ମିଳିଥିଲା। ଦ୍ରୁତଗତିରେ ଦୁହେଁ ଗାଁ ଭିତରେ ପଶି ଜଣକ ଘର ଆଗରେ କିଛି ସମୟ ଠିଆ ହୋଇ ଚାଲି ଯାଇଥିଲେ। ସେହି ରାତିରେ ଡଙ୍ଗରାମୁଣ୍ଡାରେ ମଧ୍ୟ ସେମାନଙ୍କୁ ଜଣେ ଯୁବକ ପରିସ୍ରା କରିବାକୁ ବାହାରିଥିବା ବେଳେ ଦେଖି ଭୟରେ ଘରେ ପଶି ଯାଇଥିଲେ। ମଙ୍ଗଳବାର ରାତିରେ କଛାରଯୋରରେ ପୁଣି ୨ ଜଣଙ୍କୁ ଦେଖିଥିଲେ ଜଣେ ଯୁବକଙ୍କ ସନ୍ଦିଗ୍ଧ ବ୍ୟକ୍ତିମାନେ ଏକ ଘର ଛାତ ଉପରେ ଚଢ଼ି କିଛି ସମୟ ବସିଥିଲେ। ପରେ ଓହ୍ଲାଇ ଜଙ୍ଗଲ.ଭିତରକୁ ଚାଲି ଯାଇଥିଲେ। ଗାଁ ଯୁବକ ଟର୍ଚ୍ଚ ଲାଇଟ୍ ପକାଇ ସେମାନଙ୍କୁ ଦେଖିଥିଲ। ସନ୍ଦିଗ୍ଧ ଯୁବକମାନେ କୋବ୍ରା ପୋଷାକ ପିନ୍ଧିଥିବାବେଳେ ପିଠିରେ ବଡ଼ ବ୍ୟାଗ୍ ବୋହିଥିଲେ ବୋଲି ଦେଖଣାହାରୀ କହିଛନ୍ତି। ବାଘଲତା ଘଞ୍ଚ ଜଙ୍ଗଲ ହୋଇଥିବାରୁ ସେମାନେ ସେଠାରେ ଲୁଚିଥିବା କୁହାଯାଉଛି।

ଏ ଖବର ମିଳିବା ପରେ ବୁଧବାର ଅଞ୍ଚଳରେ ଡିଭିଏଫ୍ ପଇଁତରା ମାରିଥିବା ବେଳେ କିଞ୍ଜିରକେଲା ପୁଲିସ ଗାଁକୁ ଯାଇ ତଦନ୍ତ କରିଛିଛ ସୂଚନା ମିଳିବା ପରେ ଅଞ୍ଚଳକୁ ଯାଇ ସେମାନଙ୍କ ଖୋଜଖବର ନେଇଥିଲୁଁ, କିଛି ଜଣାପଡ଼ିନି ବୋଲି କହିଛି ପୁଲିସ।

## ଘରେ ପଶି ଖଣ୍ଡା ଦେଖାଇ ଡକାୟତି

ନର୍ଲା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ନର୍ଲା ଥାନା ତୁଳାଗାଁ ରେ ଦିନ ଦ୍ୱିପହର ସମୟରେ ସଶସ୍ତ୍ର ଡକାୟତି ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ବୁଧବାର ଦିନ ୧୨ ଟା ସମୟରେ ସର୍ଗିଗୁଡ଼ା ଗ୍ରାମପଞ୍ଚାୟତ ତୁଳାଗାଁର କୈଳାଶ ବୁଦ୍ଧିଆ ଓ ତାଙ୍କ ପତ୍ନୀ ନିଜ ନିଜ ବ୍ୟକ୍ତିଗତ କାର୍ଯ୍ୟ ରେ ବାହାରକୁ ଯାଇଥିଲେ। ଘରେ କେବଳ ତାଙ୍କ ୧୦ ବର୍ଷର ଝିଅ ଥିଲେ ଝିଅକୁ ଜୀବନରେ ମାରିଦେବା ଧମକ ଦେବାରୁ ଝିଅ ଡରି ଯାଇଥିଲେ। ଏହାର ସୁଯୋଗ ନେଇ ୩ ଜଣିଆ ଡକାୟତ ଦଳ ନିଜ ହାତରେ ମରଣାସ୍ତ୍ର ଧରି ଘରେ ପଶି ଘର ଅଲମିରା ଭାଙ୍ଗି ୪ ଲକ୍ଷ ନଗଦ ଟଙ୍କା ସହ ୪ ଭରି ସୁନା ଗହଣା ନେଇ ଫେରାର ହୋଇଥିବା ଜଣାପଡିଛି। ଖବର ପାଇ ନର୍ଲା ପୋଲିସ ଘଟଣା ସ୍ଥଳରେ ପହଁଚି ଅଧିକ ତଦନ୍ତ କରୁଛି। ନର୍ଲା ଅଂଚଳରେ ଦୀର୍ଘଦିନ ଧରି ଚୋରି ଡକାୟତି ହେଉଥିବାବେଳେ ନର୍ଲା ପୋଲିସ ଗୋଟିଏ ହେଲେ ଚୋରକୁ ଧରି ପାରୁନ ଥିବାରୁ ନର୍ଲା ପୋଲିସ ପ୍ରତି ଲୋକଙ୍କ ଆସ୍ଥା ତୁଟି ଯାଉଛି ସାଧାରଣରେ ଚର୍ଚ୍ଚା ହେଉଛି।

## ନାଗରିକ ଭାଗୀଦାର କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ

କୁଚିଣ୍ଡା,(ସବ୍ୟୁ): କୁଚିଣ୍ଡା ପଞ୍ଚାୟତ ସମିତି ସଭା ଗୃହରେ ବିଡିଓ ଜୟନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଦର୍ଶନୀ, ବିଷୟଭିତ୍ତିକ ଅଂଶୀଦାର ପରାମର୍ଶ, ଗୋଷ୍ଠୀଗତ ଭାଗିଦାରୀ କାର୍ଯ୍ୟକ୍ରମ, ହିତାଧିକାରୀ-କେନ୍ଦ୍ରିକ କାର୍ଯ୍ୟକଳାପ ଏବଂ ବିଭିନ୍ନ ସରକାରୀ ଯୋଜନା ଅଧୀନରେ ସୁବିଧା ସୁଯୋଗର ବିତରଣ ସାମିଲ ରହିବ। ଏହି କାର୍ଯ୍ୟକଳାପଗୁଡ଼ିକ ଚାଷୀ, ଯୁବକ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ସମୁଦାୟ, ସ୍ୱୟଂ ସହାୟକ ଗୋଷ୍ଠୀ , ବରିଷ୍ଠ ନାଗରିକ, ହିତାଧିକାରୀ ଏବଂ ଗୋଷ୍ଠୀ ପ୍ରତିନିଧିମାନଙ୍କ ସମେତ ପ୍ରମୁଖ ଅଂଶୀଦାର ଗୋଷ୍ଠୀଗୁଡ଼ିକୁ ଜଡ଼ିତ କରିବାକୁ ପରାମର୍ଶ ଦେଇଛନ୍ତି।

# ମୟୂର ସିଂହାସନରେ ବିରାଜମାନ କରିବେ ଦେବ ଦମ୍ପତି

ସମ୍ବଲପୁର,(ସବ୍ୟୁ): ଚଳିତ ବର୍ଷ ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବା ଶୀତଳ ଷଷ୍ଠୀ ଯାତ୍ରା ୨୯ବର୍ଷରେ ପଦାର୍ପଣ କରିଛି। ସେଣୁ ଯାତ୍ରାକୁ ଅଧିକ ଆକର୍ଷଣୀୟ ଓ ଭବ୍ୟ କରିବା ପାଇଁ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ପ୍ରାୟ ୪୦ଲକ୍ଷ ଟଙ୍କାର ବଜେଟ୍ ବ୍ୟବସ୍ଥା ହୋଇଛି। ମୟୂର ସିଂହାସନରେ ଭୁବନେଶ୍ୱରରୁ ଦେବ ମହାଦେବ ଓ ମାତା ପାର୍ବତୀ ବିରାଜମାନ କରିବେ। ତାଙ୍କ ଲୌକିକ ବିବାହରେ ପ୍ରାୟ ୧୮୦୦ଜଣଙ୍କର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବୁଧବାର ବରେଇପାଲି ସ୍ଥିତ ହୋଟେଲ କୋଣାର୍କ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଠାକୁରପଡା ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବା ଶୀତଳ ଷଷ୍ଠୀ ଯାତ୍ରା କମିଟିର ସଭାପତି ଶିବ ପ୍ରଧାନ ଏହି ସୂଚନା ଦେଇଥିଲେ। ସେ ସାଂସ୍କୃତିକ କାର୍ଯ୍ୟକ୍ରମ, ଶୋଭାଯାତ୍ରାର ରୁଟ୍ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଚଳିତବର୍ଷ ଶୋଭାଯାତ୍ରାରେ ଜଗତସିଂହପୁରର କୁକୁଡ଼ ନୃତ୍ୟ, ବଲାଙ୍ଗୀରର ଘଣ୍ଟପାର୍ଟି, ଭବାନୀପାଟଣାର ନର୍ସିଂମା ସେଟ୍‌ଅପ୍, କୋଲକାତାର କାଲି ମାଁ ସେଟ୍ ଅପ୍, ବରପାଲିର କଣ୍ଢେଇ ନାଚ, କେନ୍ଦୁଝରର କଳଶ ନାଚ, ଭୁବନେଶ୍ୱରର ସୁପର ଗ୍ରାଣ୍ଡ ଭିଜେ, ଛତିଶଗଡ଼ର ଝାଞ୍ଜ ଆଦି ସାମିଲ ହେବ। ଏଥିସହ ହନୁମାନ, ରାମସୀତା ଆଦିଙ୍କ ପରଭା ରହିଛି। ତେବେ ଭୁବନେଶ୍ୱରର ଲାଇଟ୍ ଶୋ ବିଶେଷ ଆକର୍ଷଣ ପାଲଟିବ। ଏହି ସାମ୍ବାଦିକ ସମ୍ମିଳନୀରେ ଚଳିତବର୍ଷ କନ୍ୟା ପିତା ସୁଜିତ୍ କୁମାର, ସାଧାରଣ ସମ୍ପାଦକ ସନ୍ତୋଷ ବାଗ, ଉପଦେଷ୍ଟା ଧର୍ମେନ୍ଦ୍ର ସିଂ , ସନ୍ତୋଷ ସିଂ ଓ ରାଜେଶ ବିଭାର ପ୍ରମୁଖ ମଞ୍ଚାସୀନ ଥିଲେ।

# କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକ



କଲମପୁର,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଦୁଲକିବନ୍ଧ ନିକଟରେ ଦୁର୍ଘଟଣା ଜନିତ କ୍ଷତିପୂରଣ ଦାବିରେ ରାସ୍ତାରୋକ କରିଛନ୍ତି ସମ୍ପର୍କୀୟ । ମଙ୍ଗଳବାର ଅପରାହ୍ନରେ ବିଜମରା ନିକଟରେ ଏକ ପିକଅପ ନଂ. ଓଡି ୦୫ ଏ ଡବ୍ଲୁ ୯୦୭୧ ଏବଂ ବୁଲେଟ ହଣ୍ଟର ନ. ଓଡି ୦୮ଏସ ୫୭୮୨ ଦୁଇ ଗାଡ଼ି ମଧ୍ୟରେ ଧକ୍କା ହୋଇଥିଲା । ଫଳରେ ଦୁଲକିବନ୍ଧ ଗ୍ରାମର ସୁମନ୍ତ ମାଝୀ ଏବଂ ଜୟନ୍ତ ନାଏକ ନାମକ ଦୁଇ ଯୁବକ ଗୁରୁତର ହୋଇଥିଲେ । ସେମାନଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇଥିଲା । ଡାକ୍ତର ସେଠାରେ ସୁମନ୍ତଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ବ୍ୟବଚ୍ଛେଦ ପରେ ବୁଧବାର ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା । ସମ୍ପର୍କୀୟ ମାନେ କ୍ଷତିପୂରଣ ଦାବିକରି ବୁଧବାର ଅପରାହ୍ନ ୩ ଘଣ୍ଟା ସମୟ ପରଠାରୁ ମୋଟେର – ଜୟପାଟଣା ରାସ୍ତାର ଦୁଲକିବନ୍ଧ ଛକ ନିକଟରେ ରାସ୍ତା ରୋକ କରିଛନ୍ତି । ଫଳରେ ଏହି ରାସ୍ତାରେ ଯାନବାହାନ ଚଳାଚଳ ପ୍ରଭାବିତ ହୋଇଛି । ଘଟଣା ସ୍ଥଳରେ କଲମପୁର ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ଷଡ଼ଙ୍ଗୀ, ଥାନା ଅଧିକାରୀ ସୁନିଲୋ କନ୍ଦାଗୋରୀ, ଏସ ଆଇ ଶିବଶଙ୍କର ମହାନ୍ତି, ବଡ କୁଟୁ ଫାଣ୍ଡି ଅଧିକାରୀ ଅସିତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ବୁଝାସୁଝା କରିଥିବା ଜଣାପଡିଛି ।

## ଆମ୍ବ ଚାଷୀ ଅଭାବୀ ବିକ୍ରିର ଶିକାର
# ଦେବଗଡ଼ ଜିଲ୍ଲାରେ ଶୀତଳ ଭଣ୍ଡାର ସ୍ଥାପନ କେବେ !

ଦେବଗଡ଼,(ସବ୍ୟୁ) : ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକରେ ଆମ୍ବ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହୋଇ କ୍ଷତି ସହୁଥିବା ଅଭିଯୋଗ ହେଉଛି। ପୂର୍ବରୁ କମଳା, ପିଆଜ,ଟମାଟୋ,ବାଇଗଣ ଆଦି ପନିପରିବା ଚାଷୀ ଅଭାବୀ ବିକ୍ରିର ଶିକାର ହେଉଥିବା ବେଳେ ବର୍ତ୍ତମାନ ଆମ୍ବ ଚାଷୀ ମଧ୍ୟ କ୍ଷତି ସହୁଛନ୍ତି। ସରକାର ଓ ପ୍ରାଶାସନିକ କ୍ଷେତ୍ରରେ ଅବହେଳା ଯୋଗୁଁ ଆଜି ଯାଏଁ ଜିଲ୍ଲାରେ ଶୀତଳ ଭଣ୍ଡାର ସ୍ଥାପନ ହୋଇ ପାରିଲା ନାହିଁ। ଫଳରେ ଚାଷୀମାନେ ବହୁ ମାତ୍ରାରେ କ୍ଷତି ସହୁଛନ୍ତି। ସରକାର ବାରମ୍ବାର ଏହି ଜିଲ୍ଲାକୁ ଅଣ ଦେଖା କରି ଶୀତଳ ଭଣ୍ଡାରଟିଏ ସ୍ଥାପନ କରି ପାରିଲେ ନାହିଁ । ଶିଳ୍ପବିହୀନ ଦେବଗଡ଼ ଜିଲ୍ଲାରେ ୩ଟି ବ୍ଲକକୁ ନେଇ ଗଠିତ । ସେଥିମଧ୍ୟରୁ ରିଆମାଳ ବ୍ଲକ ଅଧୀନରେ ୨ ଟି ଥାନା ରହିଛି । ୨୬ଟି ଗ୍ରାମ ପଂଚାୟତକୁ ନେଇ ଗଠିତ ହୋଇଥିବା ରିଆମାଳ ବ୍ଲକ ଜନସଂଖ୍ୟାର ଘନତ୍ୱ ରହିଛି । ଶିଳ୍ପ ନ ଥିବାରୁ ଏଠାକାର ଜନସାଧାରଣ କୃଷି ଉପରେ ନିର୍ଭର କରିଥାନ୍ତି। ଧାନ ଚାଷ ପରେ କମଳା, ଆମ୍ବ, ପଣସ, ଟମାଟୋ, ପିଆଜ,ବାଇଗଣ,ଆଳୁ ଆଦି ଫଳ ଓ ପନିପରିବା ଚାଷ କରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ଏଠାକାର ଚାଷୀ ସବୁବେଳେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଯେଉଁ ସରକାର ଆସିଲେ ମଧ୍ୟ ସବୁବେଳେ ଅବହେଳା ମନୋଭାବ ପ୍ରଦର୍ଶନ କରୁଛନ୍ତି। ଜିଲ୍ଲା ପ୍ରତି ଥିବା ମୌଳିକ ସମସ୍ୟା ସମାଧାନ ପାଇଁ ଆନ୍ତରିକତା ଦେଖାଉ ନାହାନ୍ତି। ଯାହାକି ଜନସାଧାରଣଙ୍କ ବିକାଶରେ ବାଧା ସୃଷ୍ଟି ହେଉଛି ।

ଆମ୍ବ ଚାଷ କରି ଆତ୍ମନିର୍ଭରଶୀଳ ହୋଇ ଆସୁଥିବା ଅନେକ ଚାଷୀ ସରକାରଙ୍କ ପକ୍ଷରୁ ବିକ୍ରି ବଟାର ସୁବିଧା ନ ଥିବାରୁ ଅଭାବୀ ବିକ୍ରିର ଶିକାର ହୋଇ କ୍ଷତି ସହୁଛନ୍ତି। ବର୍ଷ ବର୍ଷ ଧରି ଏହି ଚାଷ ହେଉଥିଲେ ହେଁ ବ୍ଲକ୍ ରେ ଆଜି ପର୍ଯ୍ୟନ୍ତ ବିକ୍ରିବଟାର ସୁବିଧା ହୋଇ ପାରି ନାହିଁ। ଅନ୍ୟପକ୍ଷରେ ଗଛରେ ବଉଳ ଆସିବା ଠାରୁ ବର୍ତ୍ତମାନ ଗଛରେ ରୋଗ,ପୋକ ସହ କାଳବୈଶାଖୀ ଲାଗି ରହୁଥିବାରୁ ବହୁ ଆମ୍ବ ଝଡ଼ି ପଡୁଛି। ଏବେ ଆମ୍ବ ପାଚି ପାଚି ମଧ୍ୟ ଝଡ଼ି ପଡୁଛି। ବିକ୍ରିବଟାର ସୁବିଧା ନ ଥିବାରୁ ସ୍ୱଳ୍ପ ମୂଲ୍ୟରେ ଅଭାବି ବିକ୍ରି କରି ଚାଷୀ କ୍ଷତି ସହୁଛନ୍ତି। ଫଳରେ ଏସବୁ ସମସ୍ୟା ପାଇଁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଶୀତଳ ଭଣ୍ଡାର ଟିଏ ହେଲେ ସିଜିନର ପରେ ମଧ୍ୟ ଆମ୍ବ ସହ କମଳା , ଟମାଟୋ,ପିଆଜ ସମେତ ବିଭିନ୍ନ ଫଳ ଓ ପନିପରିବା ରଖି ବିକ୍ରିବଟା କରି ଭଲ ରୋଜଗାର କରି ବେଶ ଆତ୍ମନିର୍ଭରଶୀଳ ହୋଇ ପାରନ୍ତେ ଏଥିରେ ସନ୍ଦେହ ନାହିଁ।

# ପିପୁଲ୍ସ ଫୋରମ ପକ୍ଷରୁ ମାନସିକ ଚିକିତ୍ସା କର୍ମଶାଳା

ବଲାଙ୍ଗିର,(ସବ୍ୟୁ): ଓଡିଶା ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ତଥା ଜିଲ୍ଲା ପ୍ରଶାସନର ସହଯୋଗରେ ପିପୁଲ୍ସ ଫୋରମ ଭୁବନେଶ୍ୱରର ଏକ ସାମାଜିକ ସଂଗଠନ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ସମାଜର ବିଭିନ୍ନ ବର୍ଗ ମୁଖ୍ୟତଃ ବରିଷ୍ଠ ନାଗରିକଙ୍କ ପାଇଁ ଏକ ମାନସିକ ଚିକିତ୍ସା କର୍ମଶାଳା ଆୟୋଜନ କରାଯାଇଥିଲା । କର୍ମଶାଳାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା ଉଦ୍ଘାଟନ କରିଥିଲେ। କର୍ମଶାଳାରେ ସଂଗଠନ ତରଫରୁ ମାନସିକ ବିଶେଷଜ୍ଞ ତଥା ଅନ୍ୟାନ୍ୟ କର୍ମଚାରୀ ପ୍ରାୟ ୫୦ ଜଣଙ୍କ ମାନସିକ ସ୍ୱାସ୍ଥ୍ୟ ପରିକ୍ଷା କରିଥିଲେ ଓ ନିଶୁଳ୍କ ଔଷଧ ବିତରଣ କରିଥିଲେ । ଆଗାମୀ ଦିନରେ କିପରି ଭାବରେ ଉତ୍ତମ ସ୍ୱାସ୍ଥ୍ୟ ନେଇ ସମାଜରେ ବିଚରଣ କରିବେ ତା ପାଇଁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ବରିଷ୍ଠ ନାଗରିକ ମଂଚର ସଭାପତି ପ୍ରଭାକର ମିଶ୍ର, ଉପ-ସଭାପତି ଅଶୋକ କୁମାର ଚାନ୍ଦ, ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢ଼ି, ଉପଦେଷ୍ଟା ଦୁର୍ଗା ପ୍ରସାଦ ହୋତା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର ଅମିତ କୁମାର ନାଏକ ସମସ୍ତ ପ୍ରକାର ସହଯୋଗ କରିଥିଲେ ।

## ସହରରେ ରାସ୍ତା ଦୁର୍ଘଟଣା ଜନିତ ସମସ୍ୟା ନେଇ
# ଏନ୍‌ଏଚ୍ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ସାକ୍ଷାତ କଲା ଜିଲ୍ଲା ସିଭିଲ ସୋସାଇଟି



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ସିଭିଲ ସୋସାଇଟି ପକ୍ଷରୁ ବଲାଙ୍ଗିର ଜାତୀୟ ରାଜପଥ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଆଶିଷ କୁମାର ନାୟକଙ୍କୁ ସାକ୍ଷାତ କରି ସହରରେ କ୍ରମବର୍ଦ୍ଧିଷ୍ଣୁ ରାସ୍ତା ଦୁର୍ଘଟଣା ଓ ତାର ନିରକାରଣ ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲା ସିଭିଲ ସୋଇସାଇଟିର ଆବାହକ ଇଂ. ବେଲାରସିଂ ଭୋଇ ଓ ସଂଯୋଜକ ମନୋରଂଜନ ସାହୁଙ୍କ ନେତୃତ୍ୱରେ ଅନ୍ୟ ମାନଙ୍କ ମଧ୍ୟରେ ମନୋରଂଜନ ମିଶ୍ର, ରଘୁ ନନ୍ଦନ ସିଂହ, ଆନନ୍ଦ ମିଶ୍ର, ଅରୁଣ କୁମାର ନାଥ, ଜ୍ଞାନରଂଜନ ପଟ୍ଟନାୟକ ପ୍ରମୁଖ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏନ୍.ଏଚ୍ ରେ ଦୁର୍ଘଟଣାଜନିତ ସମସ୍ୟାକୁ ରୋକିବା ପାଇଁ ସଂପୃକ୍ତ ବିଭାଗ ସହ ସଂପର୍କ ରଖି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ନାୟକ ପ୍ରତିଶୃତି ଦେଇଛନ୍ତି । ଏ ସଂପର୍କରେ ବଲାଙ୍ଗିର ସିଭିଲ ସୋସାଇଟି ତରଫରୁ ଜିଲ୍ଲାପାଳ, ସ୍ଥାନୀୟ ବିଧାୟକ ଓ ମୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଯିବ ବୋଲି ସିଭିଲ ସୋସଇଟିର ସଂଯୋଜକ ଶ୍ରୀ ସାହୁ ପ୍ରକାଶ କରିଛନ୍ତି ।

# ଆନ୍ତର୍ଜାତୀୟ ରେଳ ଫାଟକ ସଚେତନତା ଦିବସ ପାଳିତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ରେଳ ମଣ୍ଡଳରେ ଆନ୍ତର୍ଜାତୀୟ ରେଳ ଫାଟକ ସଚେତନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଗତ ୭ଦିନ ହେବ ଏକ ସଚେତନତା ଅଭିଯାନ କରାଯାଇଥିଲା। ମଣ୍ଡଳ ଦ୍ୱାରା ସଡକ ବ୍ୟବହାରକାରୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପାଇଁ ବିଭିନ୍ନ ମାନବଯୁକ୍ତ ଲେବଲ କ୍ରସିଂ, ପେଟ୍ରୋଲ ପମ୍ପ, ସାପ୍ତାହିକ ବଜାର ସ୍ଥାନ ଏବଂ ନିକଟବର୍ତ୍ତୀ ଗ୍ରାମ ଗୁଡ଼ିକରେ ବିଭିନ୍ନ କାର୍ଯ୍ୟକଳାପ କରାଯାଇଥିଲା। ନିରାପତ୍ତା ସମ୍ପର୍କିତ ପାମ୍ପଲେଟ୍, ପୋଷ୍ଟର, ଷ୍ଟିକର ଇତ୍ୟାଦି ବଣ୍ଟନ କରାଯାଇଥିଲା । ମାନେଶ୍ୱରରେ ମାନବଯୁକ୍ତ ଲେବଲ କ୍ରସିଂ ଏସଟି– ୧୨ ରେ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଦ୍ୱାରା ନୁକ୍କଡ୍ ନାଟକ ପରିବେଷଣ କରାଯାଇଥିଲା। ସମ୍ବଲପୁର ରେଳ ମଣ୍ଡଳର ନିରାପତ୍ତା ବିଭାଗର କର୍ମଚାରୀ, ସଡ଼କ ପରିବହନ ବିଭାଗର ଅଧିକାରୀ ଓ କର୍ମଚାରୀ ତଥା ସମ୍ବଲପୁରର ସୋସିଆଲ ଷ୍ଟାର କ୍ଲବର ସଦସ୍ୟମାନଙ୍କ ସହିତ ମଣ୍ଡଳ ନିରାପତ୍ତା ଅଧିକାରୀ ଲିଙ୍ଗରାଜ ଗଡତିଆ ମାନବଯୁକ୍ତ ଲେବଲ କ୍ରସିଂ ଗେଟରେ ସଡ଼କ ବ୍ୟବହାରକାରୀଙ୍କୁ ନିରାପତ୍ତା ସମ୍ପର୍କିତ ପଦକ୍ଷେପ ଓ ନିର୍ଦ୍ଦେଶାବଳୀ ଗୁଡିକ ସମ୍ପର୍କରେ ପରାମର୍ଶ ଦେଇଥିଲେ । ଏହି ଅବସରରେ, ମଣ୍ଡଳ ରେଳ ପ୍ରବନ୍ଧକ ସମ୍ବଲପୁର ସୁବାଷ ଚନ୍ଦ୍ର ଚୌଧରୀ ସମସ୍ତ ସଡ଼କ ବ୍ୟବହାରକାରୀମାନଙ୍କୁ ନିରାପତ୍ତା ସମ୍ପର୍କିତ ନିୟମ ଗୁଡିକ ପାଳନ କରିବାକୁ ଏବଂ ରେଳ ଫାଟକ ପାର ହେବା ସମୟରେ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ପାଇଁ ଅନୁରୋଧ କରିଛନ୍ତି ।

# କାଳବୈଶାଖୀ ବର୍ଷା ଯୋଗୁ ମଣ୍ଡିରେ ତିନି ହଜାର ବସ୍ତା ଧାନ ଭିଜିଲା

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲାରେ ଗତରାତିରେ କାଳବୈଶାଖୀ ବର୍ଷା ହୋଇଥିବା ବେଳେ ନୂଆପଡ଼ା ବ୍ଲକର ବିଭିନ୍ନ ମଣ୍ଡିରେ ଚାଷୀଙ୍କ ଧାନ ବର୍ଷାରେ ଭିଜି ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ମଣ୍ଡିକୁ ମିଲର୍ସମାନେ ଯାଉ ନଥିବାରୁ ମଣ୍ଡିରେ ଧାନ ପଡ଼ିଛି । ନୂଆପଡ଼ାରେ କିଛି ଦିନ ହେବ ରାତିରେ କାଳବୈଶାଖୀ ବର୍ଷା ହେଉଛି। ନୂଆପଡ଼ା ଜିଲ୍ଲା ସଦର ବ୍ଲକ ନୂଆପଡ଼ା, ପଞ୍ଚମପୁର, ନନ୍ଦପୁର ମଣ୍ଡିରେ ଚାଷୀ ଖୋଲା ଆକାଶ ଚାଲିଥିବା ବେଳେ ଅଦିନିଆ ବର୍ଷାକୁ ଚାଷୀଙ୍କ ଭୟ ରହିଛି। ମଙ୍ଗଳବାର ରାତିରେ ନୂଆପଡ଼ା ବ୍ଲକରେ କାଳବୈଶାଖୀ ଝଡ଼ ସହ ବର୍ଷା ହୋଇଥିବା ବେଳେ ପଞ୍ଚମପୁର ମଣ୍ଡିରେ ୨୭ ଜଣ ଚାଷୀଙ୍କ ୩ ହଜାର ୫୫୩ ବସ୍ତା ଧାନ ରହିଥିଲା ଚାଷୀଙ୍କ ବହୁ ଧାନ ବର୍ଷରେ ଭିଜି ନଷ୍ଟ ହୋଇଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ନୂଆପଡ଼ା ବ୍ଲକ ସାରାବଙ୍ଗ ମଣ୍ଡିରେ ୪୮ ଜଣ ଚାଷୀଙ୍କ ୬ ହଜାର ୪୩୬ ବସ୍ତା, ମହରାଡ଼ିହି ମଣ୍ଡିରେ ୪୦ ଜଣ ଚାଷୀଙ୍କ ୪ ହଜାର ୭୦୬ ବସ୍ତା, ମୋଟନୂଆପଡ଼ା ମଣ୍ଡିରେ ୨୮ ଜଣ ଚାଷୀଙ୍କ ୩ ହଜାର ୨୧୦ ବସ୍ତା, ତୁଲାଭାଟ ମଣ୍ଡିରେ ୧୪ ଜଣ ଚାଷୀଙ୍କ ୧୫୧୬ ବସ୍ତା ମଣ୍ଡିରେ ପଡ଼ିରହିଛି। ଏହା ଉପରେ ନୂଆପଡ଼ା ଆରଏମସି ସଂପାଦକ ଆର୍ଯ୍ୟ କୁମାର ମୁଦୁଲି କାଳବୈଶାଖୀ ବର୍ଷାକୁ ଦେଖି ଖୋଲା ଆକାଶରେ ଥିବା ମଣ୍ଡି ପାଇଁ ପ୍ରଚୁର ପରିମାଣର ତାରପଲିନ ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି।

# ଗୁଣପୁରରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ରାୟଗଡା,(ସବ୍ୟୁ): ରାୟଗଡ଼ ଜିଲ୍ଲା ଗୁଣପୁର ଉପ ଜିଲ୍ଲାପାଳଙ୍କ ସଭାବନା ଗୃହରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳଙ୍କ ସହ ଏସପି ରାଜ ପ୍ରସାଦ, ଡିଏଫଓ ସନିନ ଆନ୍ନା ସାହେବ ଓହୋଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଶାନ୍ତ ମିଶ୍ର, ଗୁଣପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପ ଏବଂ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଶିବିରରେ ମୋଟ ୨୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ୫ଟି ବ୍ୟକ୍ତିଗତ ଏବଂ ୧୫ଟି ସାମୂହିକ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏକ ଆବେଦନର ତତ୍କାଳ ସମାଧାନ ସ୍ୱରୂପ ଜଣେ ହିତାଧିକାରୀଙ୍କୁ ରେଡ୍‌କ୍ରସ ପକ୍ଷରୁ ଚିକିତ୍ସା ସହାୟତା ବାବଦରେ ୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ସମସ୍ତ ଅଭିଯୋଗ ଗ୍ରହଣ କରି ସେଗୁଡ଼ିକର ଶୀଘ୍ର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ଏବଂ ପ୍ରଶାସନିକ ସେବାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏଭଳି ଶିବିର ଆୟୋଜନ କରାଯାଉଥିବା ସେ କହିଥିଲେ। ଶିବିରରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଏସଡ଼ିପିଓ ବାବୁଲି ନାୟକ, ଗୁଣପୁର ବ୍ଲକ ବିଡ଼ିଓ ସ୍ୱସ୍ତିକ ଜମାଦାର, ତହସିଲଦାର ଲୀଳାବତୀ ଆଚାର୍ଯ୍ୟ, ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଏସ୍‌ଓ ପ୍ରଦୀପ୍ତ କୁମାର ଦଳାଇ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିର ପରିଚାଳନା ଏବଂ ଅଭିଯୋଗ ଗ୍ରହଣ କାର୍ଯ୍ୟରେ ଉପଜିଲ୍ଲାପାଳ କାର୍ଯ୍ୟାଳୟର କର୍ମଚାରୀ ଜସ୍ମିନ୍ ଭୂୟାଁ, ଅଜୟ ଶବର, ବିନୋଦ କୁମାର ଶବର, ତପନ ରଥ ଏବଂ ମାଧବ ସାହୁ ସହଯୋଗ କରିଥିଲେ।

# କୋଟିଆରେ ଆନ୍ଧ୍ର କ୍ୟାବିନେଟ୍ ମନ୍ତ୍ରୀଙ୍କ ବିବାଦୀୟ ବୟାନ : 'ଓଡ଼ିଶା ବାସିନ୍ଦାଙ୍କୁ ବାନ୍ଧ'

କୋରାପୁଟ.(ସବ୍ୟୁ): ଓଡ଼ିଶା ସୀମା ଭିତରେ ପଶି ଆନ୍ଧ୍ରପ୍ରଦେଶର ଆଦିବାସୀ ମନ୍ତ୍ରୀ ଜି ସନ୍ଧ୍ୟାରାଣୀ ଏକ ନୂତନ ସଡ଼କର ଉଦ୍ଘାଟନ କଲେ। ନିର୍ଭୟରେ ସାଧାରଣ ସଭା କଲେ। କେବଳ ସଭାନୁହେଁ, ଓଡ଼ିଶା ପୁଲିସ ଓ ସାମ୍ବାଦିକଙ୍କ ବିରୋଧରେ ବିନାଦ୍ୱନ୍ଦ୍ୱରେ ବିବାଦୀୟ ମନ୍ତବ୍ୟ ଦେଲେ। ଆନ୍ଧ୍ର ପ୍ରଦେଶର ଆଦିବାସୀ, ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ତଥା ସାଲୁର ବିଧାୟିକା ଗୁମ୍ମଡି ସନ୍ଧ୍ୟାରାଣୀ କୋଟିଆ ପଞ୍ଚାୟତର ନେରେଡିବାଲସା ଗାଁ ଗସ୍ତ କରି ତାଣ୍ଡିଗାରୁ ନେରେଡିବାଲସା ପର୍ଯ୍ୟନ୍ତ ନିର୍ମିତ ରାସ୍ତାର ଉଦ୍ଘାଟନ କରିଛନ୍ତି। ଏହାସହ ସ୍ଥାନୀୟ ଲୋକଙ୍କ ସହ ବୈଠକ କରି ଆନ୍ଧ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଛନ୍ତି। ତାଙ୍କ ଅଭିଭାଷଣରେ ସିଧାସଳଖ ଓଡ଼ିଶାର ସାମ୍ବାଦିକ ଓ ପୁଲିସକୁ ଅକ୍ଷେପ କରି ମନ୍ତବ୍ୟ ଦେଇଛନ୍ତି। ସୀମାବିବାଦ ସୁପ୍ରିମକୋର୍ଟ ରେ ରହିଥିବା ବେଳେ କୋଟିଆରେ ଉଭୟ ରାଜ୍ୟ ସରକାରଙ୍କ ଅଧିକାର ଅଛି କିନ୍ତୁ ଆନ୍ଧ୍ର ସରକାର କୌଣସି କାର୍ଯ୍ୟକ୍ରମ କରିବା ପାଇଁ ଗଲେ ତାକୁ ଓଡ଼ିଶା ପକ୍ଷରୁ ବିରୋଧ କରାଯାଉଛି। ମିଥ୍ୟା ମକଦ୍ଦମା ରୁଜୁ କରି ନିରୀହ ଆଦିବାସୀଙ୍କୁ ଜେଲ ପଠାଉଛି । ଏହା ଠିକ୍ ନୁହେଁ ବୋଲି କହିବା ସହିତ ମୋର ସଭା ସ୍ଥଳକୁ କାହିଁକି ଓଡ଼ିଶାର ପୁଲିସ ଆସିଛନ୍ତି ଓ ଓଡ଼ିଶାର ସାମ୍ବାଦିକ କାହିଁକି ଆସି ଫଟୋ ଉଠାଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଆମେ କଣ ଓଡ଼ିଶାର କାର୍ଯ୍ୟକ୍ରମକୁ ଯାଉଛୁ କି ବୋଲି ତାଙ୍କ ଅଭିଭାଷଣ ମାଧ୍ୟମରେ କହିଥିଲେ ଏବଂ ଆନ୍ଧ୍ର ସିଆଇଙ୍କୁ ମଞ୍ଚ ଉପରକୁ ଡାକି ଓଡ଼ିଶା ବାସୀଙ୍କୁ ମଧ୍ୟ ହଇରାଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

କୋଟିଆ ଅଞ୍ଚଳକୁ ନେଇ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଥିବା ବେଳେ, ଆନ୍ଧ୍ରର ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କ ଏହି ଗସ୍ତ ଓ କାର୍ଯ୍ୟକ୍ରମ ପୁଣିଥରେ କୋଟିଆ ପ୍ରସଙ୍ଗକୁ ଚର୍ଚ୍ଚାକୁ ଆଣିଛି। ସୀମାନ୍ତ ଅଞ୍ଚଳରେ ଆନ୍ଧ୍ର ସରକାରଙ୍କ ଏଭଳି କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ମହଲରେ ବିଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଉଛି। ଶେଷରେ ମନ୍ତ୍ରୀ କାର୍ଯ୍ୟକ୍ରମ ସାରି ଫେରିବା ସମୟରେ ଓଡ଼ିଶା ସାମ୍ବାଦିକ ଓ ମନ୍ତ୍ରୀଙ୍କ ମଧ୍ୟରେ କିଛି ସମୟ ଯୁକ୍ତି ତର୍କ ହୋଇଥିବା ଦେଖିବାକୁ ମିଳିଥିଲା। ମନ୍ତ୍ରୀଙ୍କ ସହିତ ସାଲୁର ତହସିଲଦାର ଓ ବିଡ଼ିଓ ଉପସ୍ଥିତ ଥିଲେ।

# ଅଜଣା ଟ୍ରକ୍ ଧକ୍କାରେ ଦୁଇ ଚାଳକଙ୍କ ମୃତ୍ୟୁ

କେସିଙ୍ଗା,(ସବ୍ୟୁ): କଳାହାଣ୍ଡି –ଜାତୀୟ ରାଜପଥ ୨୬ କେସିଙ୍ଗା ବ୍ଲକ ଖଜୁରୀପଡା ଗାଁ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଅଜଣା ଟ୍ରକ ଧକ୍କାରେ ଦୁଇ ଟ୍ରକ ଡ୍ରାଇଭର ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ମଣ୍ଡିରୁ ଧାନ ଆଣି ଉତ୍କେଳା ଓରିଆନ ମିଲରେ ଧାନ ଖାଲି କରିବା ପାଇଁ ମିଲକୁ ଆସିଥିଲା ଟ୍ରକ । ରାସ୍ତାରେ ଟ୍ରକ ଛିଡା କରି ଟ୍ରକ ନିକଟରେ ଠିଆ ହୋଇଥିବା ବେଳେ ଅନ୍ୟ ଏକ ଅଜଣା ଟ୍ରକ ଆସି ଦୁଇ ଜଣଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିବା ସୂଚନା । ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭର ଆତ୍ମ ସମର୍ପଣ କରିଥିବା ବେଳେ ଟ୍ରକକୁ ଜବତ କରିଛି ପୁଲିସ୍ ।

ତଥ୍ୟ ନେବାରେ ଜଣାପଡ଼ିଛି କେସିଙ୍ଗା ବ୍ଲକ୍ ଅନ୍ତର୍ଗତ ଖଜୁରପଡ଼ା ଗ୍ରାମରେ ବରଗଡ଼ରୁ ବୋରିଗୁମ୍ମାକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ୨୬ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଉକ୍ତ ଦୁର୍ଘଟଣାରେ ଅକାଳରେ ୨ ଜଣ ଡ୍ରାଇଭର ଙ୍କ ଜୀବନ ଚାଲିଯାଇଛି । ସୂଚନା ମୁତାବକ ବୁଧବାର ପାହାନ୍ତିଆ ୩ ଟା ସମୟରେ ୩ ଟି ଟ୍ରକ୍ କଳାହାଣ୍ଡି ଜିଲ୍ଲା ହରାମାଲ୍ ଗ୍ରାମରୁ ଧାନ ଆଣି ଖଜୁରପଡ଼ା ଗ୍ରାମର ଆରିହନ୍ତ ରାଇସ ମିଲକୁ ଧାନ ଖାଲି କରିବାକୁ ଆସିଥିଲେ । ଭୋର୍ ପାହାନ୍ତିଆ ସମୟ ଥିବାରୁ ଦୁଇ ଟ୍ରକ୍ ର ଦୁଇଜଣ ଡ୍ରାଇଭର ଶୌଚ ହେବା ସକାଶେ ନିଜ ଟ୍ରକ୍ ର କଡ଼ରେ ଛିଡ଼ା ହୋଇଥିବା ବେଳେ ଭବାନୀପାଟଣାରୁ କେସିଙ୍ଗା ପଟେ ଯାଉଥିବା ଗାଡ଼ି ଏକ ମାଲ୍ ବୋଝେଇ କଣ୍ଟେନର ଦ୍ରୁତ ଗତିରେ ଆସି ରାସ୍ତା କଡ଼ରେ ଥିବା ୩ ଟି ଟ୍ରକ୍ କୁ ଜୋର୍ ରେ ଧକ୍କା ଦେଇଥିଲା ଏବଂ ୨ ଟ୍ରକ୍ ଡ୍ରାଇଭର ଙ୍କୁ ପ୍ରାୟ ୫୦ ଫୁଟ୍ ଘୋଷାଡି ନେଇଥିଲା। ଫଳରେ ଘଟଣା ସ୍ଥଳରେ ସେହି ଦୁଇ ଡ୍ରାଇଭରଙ୍କ ମୃତ୍ୟୁ ହୋଇଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ସେହି କଣ୍ଟେନର ଏମିତି ହିସାବରେ ଦୁଇ ଡ୍ରାଇଭରଙ୍କୁ ଘୋଷାଡି ମାରିଲା ଯେ , ବର୍ତ୍ତମାନ ୨ ଡ୍ରାଇଭରଙ୍କ ଖଣ୍ଡ ବିଖଣ୍ଡ ଶରୀର ଦେଖି ଚିହ୍ନଟ କରିବା ସମ୍ଭବ ପର ହୋଇପାରୁନାହିଁ । ଦୁର୍ଘଟଣା ବିଷୟରେ ଜାଣିପାରି କେସିଙ୍ଗା ପୁଲିସ ତୁରନ୍ତ ଆସି ମୃତ୍ୟୁ ହୋଇଥିବା ଦୁଇ ଡ୍ରାଇଭରଙ୍କ ମୃତ ଶରୀର ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି । ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ମାରିଥିବା ବେଳେ ପୁଲିସ ତାକୁ ଠାବ କରି ବର୍ତ୍ତମାନ କାବୁ କରିଥିବା ସୂଚନା ମିଳିଛି ।

## ସମ୍ପାଦକୀୟ



# ପଶ୍ଚିମବଙ୍ଗ ହିଁ ଓଡ଼ିଶାର ପ୍ରକୃତ ବନ୍ଧୁ

ଦିନ ଥିଲା ପଶ୍ଚିମବଙ୍ଗରେ ଓଡ଼ିଆମାନଙ୍କର ଆଧିପତ୍ୟ ଥିଲା । ପଶ୍ଚିମବଙ୍ଗର ଅର୍ଥନୀତିକୁ ସମୃଦ୍ଧ କରିବାକୁ ଓଡ଼ିଆ ଶ୍ରମିକମାନଙ୍କର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା । ଅନେକ ଓଡ଼ିଆ ଧନୀ ଲୋକ ପଶ୍ଚିମବଙ୍ଗରେ ଘରଦ୍ୱାର କରି ରହି ଯାଇଥିଲେ । ପରବର୍ତ୍ତୀ ଅବସ୍ଥାରେ ଅନେକ ଓଡ଼ିଆ ଅଫିସର ମଧ୍ୟ ପଶ୍ଚିମବଙ୍ଗରେ ସରକାରୀ ଓ ଘରୋଇ ପ୍ରତିଷ୍ଠାନମାନଙ୍କରେ ଚାକିରି କରିଥିଲେ । ତେଣୁ ଓଡ଼ିଶାର ପର୍ବପର୍ବାଣୀ ସମୟରେ ଅନେକ ଓଡ଼ିଆ ପଶ୍ଚିମବଙ୍ଗରେ କାର୍ଯ୍ୟରତ ଥିଲେ ମଧ୍ୟ ଓଡ଼ିଶାକୁ ଆସି ପୁଣି ପଶ୍ଚିମବଙ୍ଗକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ଅନେକ ଦିନ ଧରି କଲକତା କେବଳ ପଶ୍ଚିମବଙ୍ଗର ରାଜଧାନୀ ନଥିଲା, ଓଡ଼ିଶା ଓ ବିହାରର ମହାନଗର ମଧ୍ୟ ଥିଲା । ଏବର ପଶ୍ଚିମବଙ୍ଗର ନୂତନ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ପୂର୍ବଜମାନେ କୁଆଡ଼େ ଓଡ଼ିଆ ଥିଲେ ବୋଲି ମଧ୍ୟ କୁହାଯାଏ । ଓଡ଼ିଶା ଓ ପଶ୍ଚିମବଙ୍ଗ ସୀମା ଅନ୍ତର୍ଗତ 'ଦୀଘା'ଠାରେ ନିର୍ମିତ ଜଗନ୍ନାଥ ମନ୍ଦିରକୁ 'ଜଗନ୍ନାଥ ଧାମ' ଭାବେ ନାମିତ କରି ବିଦାୟୀ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଯେଉଁ ଭୁଲ କରିଥିଲେ, ତାହାର ସଂଶୋଧନ କରି ନୂତନ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ପ୍ରକୃତରେ ଓଡ଼ିଶାର ପଡ଼ୋଶୀ ବନ୍ଧୁର ପରିଚୟ ଦେଇଛନ୍ତି ।

**ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପତ୍ର ନେଇ ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନିକଟକୁ ଯାଇଥିଲେ । ପତ୍ର ପାଇବା ମାତ୍ରେ ମୁଖ୍ୟମନ୍ତ୍ରୀ ଶ୍ରୀ ଅଧିକାରୀ ଦୀଘାର ଜଗନ୍ନାଥ ମନ୍ଦିରରୁ 'ଧାମ' ଶବ୍ଦ ହଟାଇବା ଲାଗି ଆଦେଶ ଦେଇଥିଲେ । ଉଭୟ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ କେବଳ ସ୍ଥାପିତ ହୋଇ ନାହିଁ, ବରଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ସବ୍‌କା ସାଥ୍, ସବ୍‌କା ବିକାଶ ଓ ସବ୍‌କା ବିଶ୍ୱାସ' ପାଇଁ ଯେଉଁ ଆହ୍ୱାନ ଦେଇଛନ୍ତି, ତାହା ସତ୍ୟ ବୋଲି ପ୍ରତିପାଦିତ ହୋଇଛି । ବର୍ଷ ବର୍ଷ ଧରି ମୁଖ୍ୟମନ୍ତ୍ରୀ ରହିବା ପରେ ରାଜ୍ୟର ସମ୍ପର୍କ ଓ ବିକାଶ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଠିକ୍ ଭାବେ ହୃଦୟଙ୍ଗମ କରିଛନ୍ତି ।**

ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପତ୍ର ନେଇ ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନିକଟକୁ ଯାଇଥିଲେ । ପତ୍ର ପାଇବା ମାତ୍ରେ ମୁଖ୍ୟମନ୍ତ୍ରୀ ଶ୍ରୀ ଅଧିକାରୀ ଦୀଘାର ଜଗନ୍ନାଥ ମନ୍ଦିରରୁ 'ଧାମ' ଶବ୍ଦ ହଟାଇବା ଲାଗି ଆଦେଶ ଦେଇଥିଲେ । ଉଭୟ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ କେବଳ ସ୍ଥାପିତ ହୋଇ ନାହିଁ, ବରଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ସବ୍‌କା ସାଥ୍, ସବ୍‌କା ବିକାଶ ଓ ସବ୍‌କା ବିଶ୍ୱାସ' ପାଇଁ ଯେଉଁ ଆହ୍ୱାନ ଦେଇଛନ୍ତି, ତାହା ସତ୍ୟ ବୋଲି ପ୍ରତିପାଦିତ ହୋଇଛି । ବର୍ଷ ବର୍ଷ ଧରି ମୁଖ୍ୟମନ୍ତ୍ରୀ ରହିବା ପରେ ରାଜ୍ୟର ସମ୍ପର୍କ ଓ ବିକାଶ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଠିକ୍ ଭାବେ ହୃଦୟଙ୍ଗମ କରିଛନ୍ତି । ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ଭଲ ପାଉଥିବାରୁ, ଓଡ଼ିଆମାନଙ୍କ ଭାବାବେଗକୁ ସେ ଲକ୍ଷ୍ୟ କରିଥିଲେ । ତେଣୁ ଓଡ଼ିଆମାନେ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ କେବେ ଭୁଲି ପାରିବେ ନାହିଁ ।

ପ୍ରକୃତରେ ଇଂରେଜମାନେ ବିଳମ୍ବରେ ଓଡ଼ିଶାକୁ ଦଖଲ କରିଥିଲେ । କୁହାଯାଇଥାଏ ଯେ ବୀର ଓଡ଼ିଆମାନଙ୍କ ଯୋଗୁଁ ବ୍ରିଟିଶ ସୈନିକମାନେ ସହଜରେ ଓଡ଼ିଶାର ସୀମାକୁ ପ୍ରବେଶ କରି ପାରି ନଥିଲେ । ଫଳରେ ଓଡ଼ିଶାର ବିକାଶ ବିଳମ୍ବିତ ହୋଇଥିଲା । ଓଡ଼ିଶାରେ କଲକାତା ପରି ଗୋଟାଏ ମହାନଗର ମଧ୍ୟ ସମ୍ଭବ ହୋଇ ନଥିଲା । ଦିଲ୍ଲୀ ତ ଭାରତର ରାଜଧାନୀ ଥିଲା । ମୁମ୍ବାଇ ଓ ମାଡ୍ରାସ ପରି ମହାନଗର ସବୁ ସ୍ଥାପିତ ହୋଇଥିଲେ ମଧ୍ୟ କଲକାତାର ଗୁରୁତ୍ୱ ସେତେବେଳେ ହ୍ରାସ ପାଇ ନଥିଲା ।

ସେ ଯାହା ହେଉ, ପଶ୍ଚିମବଙ୍ଗବାସୀ ପୁରୀର ଜଗନ୍ନାଥଙ୍କୁ ଖୁବ୍ ଭଲ ପାଆନ୍ତି । ତାଙ୍କର ଦର୍ଶନ ପାଇଁ ବ୍ୟାକୁଳତା ମଧ୍ୟ ପ୍ରକାଶ କରନ୍ତି । ଏହା ହିଁ ଆମମାନଙ୍କ ପାଇଁ ବଡ଼ କଥା । କଲକାତା ମହାନଗରରେ ଇସ୍କନ ପ୍ରଥମେ ଜଗନ୍ନାଥଙ୍କ ରଥଯାତ୍ରା ଆରମ୍ଭ କରିଥିଲା । ଏବେ କଲକାତାରେ କେବଳ ନୁହେଁ ପଶ୍ଚିମବଙ୍ଗରେ ଅନେକ ରଥଯାତ୍ରା ହେଉଛି । ବିଶ୍ୱରେ ସର୍ବତ୍ର ଏବେ ଖୁବ୍ ଆନନ୍ଦ ଓ ଉଲ୍ଲାସ ମଧ୍ୟରେ ଜଗନ୍ନାଥଙ୍କ ରଥଯାତ୍ରା ଯେପରି ହେଉଛି, ତାହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ । ଅବଶ୍ୟ ଅଦିନରେ ବା ତିଥି ନଥାଇ ଅତିଥିରେ ରଥଯାତ୍ରା ଓଡ଼ିଶା ବାହାରେ ବିଦେଶରେ ଇସ୍କନ ସଂସ୍ଥା କରି ଆସୁଥିବାରୁ ଓଡ଼ିଆମାନଙ୍କଦ୍ୱାରା କେହି କେହି ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି । ମାତ୍ର ଅଣଓଡ଼ିଆମାନେ ସେମାନଙ୍କର ପାଣିପାଗ ଓ ଅନ୍ୟାନ୍ୟ ପରିସ୍ଥିତିକୁ ଦେଖି ରଥଯାତ୍ରା ପାଳନ କଲେ କ୍ଷତି କ'ଣ ? ଏ ବିଷୟରେ ଅଧିକରୁ ଅଧିକ ବିଚାରବିମର୍ଷ ହେବା ଉଚିତ ।

ପଶ୍ଚିମବଙ୍ଗ ଓ ଓଡ଼ିଶା ମଧ୍ୟରେ ସାଂସ୍କୃତିକ ଓ ସାମାଜିକ ସମ୍ପର୍କ ମଧ୍ୟ ନିବିଡ଼ ଥିଲା । କଲକାତାର ମିଦନାପୁର ଓ କାନ୍ଥି ପ୍ରଭୃତି ଅଞ୍ଚଳ ସହିତ ଓଡ଼ିଆମାନଙ୍କର ବୈବାହିକ ସମ୍ପର୍କ ମଧ୍ୟ ଅନେକ ଦିନ ଧରି ଅତୁଟ ଥିଲା । କାଳକ୍ରମେ ସେ ସବୁ ବିଭିନ୍ନ ପରିସ୍ଥିତିରେ ମ୍ଳାନ ପଡ଼ିଗଲା ।

୧୮୭୭-୭୯ ମସିହାରେ କଲକାତାର ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ବା 'ପଶ୍ଚିମବଙ୍ଗର ବାଘ' ବୋଲି କୁହାଯାଉଥିବା ଆଶୁତୋଷ ମୁଖାର୍ଜୀଙ୍କୁ ଘରୋଇ ପାଠପଢ଼ାର ଦାୟିତ୍ୱ ନେଇଥିଲେ ଉତ୍କଳଗୌରବ ମଧୁସୂଦନ ଦାସ । କାଳକ୍ରମେ ଆଶୁତୋଷଙ୍କ ପୁତ୍ର ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀ ଥିଲେ ଭାରତୀୟ ଜନ ସଂଘ (ଏବର ଭାରତୀୟ ଜନତା ପାର୍ଟି)ର ପ୍ରତିଷ୍ଠାତା । ତେଣୁ ପଶ୍ଚିମବଙ୍ଗ ଓ ଓଡ଼ିଶାର ସମ୍ପର୍କ ଆହୁରି ଦୀର୍ଘସ୍ଥାୟୀ ହେଉ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର,
ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

## ଆଜିର ଅନୁଚିନ୍ତା :

# ସଂସାର ଅଭିନୟର ମଞ୍ଚ



ରତ୍ନାକର ରାଉତ

ସଂସାରରେ ମଣିଷ ଜୀବନ କାଳରେ ସର୍ବଶେଷ ସତ୍ୟ ବୋଲି କିଛି ନ ଥାଏ । ଯେଉଁଠି ସର୍ବଶେଷ ସତ୍ୟ ବୋଲି କିଛି ନାହିଁ, ସେହି ସ୍ଥାନକୁ ହିଁ ସଂସାର କୁହାଯାଏ । ଜୀବନକୁ ଦେଖି ହୁଏ । ଜୀବନ ଆସେ ପୁଣିଯାଏ, ଫେରିଯାଏ । ଜୀବନ ଶରୀର ଭିତରେ ପ୍ରବେଶ କରେ, ଶରୀରକୁ ଜିଆଁଇ ରଖେ, ଗତିଶୀଳ କରାଏ, ପୁଣି କେତେବେଳେ ଶରୀରକୁ ଛାଡ଼ି ଚାଲିଯାଏ । ଶରୀର ଶବରେ ପରିଣତ ହୁଏ । ଶରୀର ମଧ୍ୟରେ ଜୀବନ ଥିଲେ ତାହା ଶିବ । ଜୀବନ ହେଉଛି ଶକ୍ତି । ଶରୀର ସହିତ ଶକ୍ତି ଅବା ପ୍ରାଣ ଯୋଡ଼ି ହେଲେ ତାହା ପିଣ୍ଡ ହୋଇଯାଏ । ପିଣ୍ଡ ମଧ୍ୟରେ ଶକ୍ତି ଥିବାରୁ କୁହାଯାଏ ପିଣ୍ଡ ବ୍ରହ୍ମାଣ୍ଡ । ଅର୍ଥାତ୍ ବ୍ରହ୍ମାଣ୍ଡରେ ଯାହା ଉପଲବ୍ଧ, ତାହା ପିଣ୍ଡରେ ମଧ୍ୟ ଉପଲବ୍ଧ । ଜୀବାତ୍ମାକୁ କୁହାଯାଏ ପ୍ରାଣ, ଜୀବନ ଓ ଶକ୍ତି । ଜୀବାତ୍ମା ଚାଳକ ନୁହେଁ, ସେ ଶରୀରକୁ ପରିଚାଳନା କରେ ନାହିଁ । ମାତ୍ର ସହାୟତା କରେ । ତାର ଉପସ୍ଥିତିରେ ଶରୀର କାର୍ଯ୍ୟକ୍ଷମ ହୁଏ ।

ଶରୀର ମଧ୍ୟରେ ଇନ୍ଧନ ହେଉଛି ଜୀବାତ୍ମା, ବା ପ୍ରାଣ, ବା ଜୀବନ, ବା ଶକ୍ତି । ଯେଉଁ ନାମ ତାକୁ ଦିଆଯାଇ ପାରେ । ଶରୀର ସେହି ଇନ୍ଧନକୁ ଆଧାର କରି ଚାଲେ । ସେହି ଶକ୍ତିକୁ ଉପଜୀବ୍ୟ କରି ବିଭିନ୍ନ କାର୍ଯ୍ୟ ସଂପାଦନ କରେ । ଚିରସ୍ରୋତା ନଦୀ ଭଳି ସେ ଇନ୍ଧନ ଅସୀମ, ଅନନ୍ତ । ତାହା କେବେ ନିଃଶେଷ ହୁଏ ନାହିଁ । ଯେତେବେଳେ ଶରୀର ଇନ୍ଧନକୁ ଉପଯୋଗ କରିବାକୁ ସକ୍ଷମ ହୁଏ ନାହିଁ, ତାହା ମୂଳ ଉତ୍ସକୁ ଫେରି ତା ସହିତ ସାମିଲ ହୋଇଯାଏ । ଏସବୁ ପ୍ରକ୍ରିୟା ଅନୁଭବ କରିହୁଏ, କିନ୍ତୁ ଦେଖିହୁଏ ନାହିଁ, ତାହା କିଭଳି କାର୍ଯ୍ୟକାରୀ ହେଉଛି । ମାତ୍ର ଜୀବନର ଆଗମନ ଓ ପ୍ରସ୍ଥାନକୁ ଚର୍ମଚକ୍ଷୁରେ ସଚରାଚର ଲୋକ ଦେଖନ୍ତି । କିନ୍ତୁ ଜୀବନ ଅବା ଶକ୍ତି ଅବା ଜୀବାତ୍ମାକୁ ଏକ ନିର୍ଦ୍ଦିଷ୍ଟ ଆକାର ଅବା ରୂପରେ ଦେଖି ହୁଏ ନାହିଁ । ଜୀବନର ଆଗମନକୁ ଜନ୍ମ କୁହାଯାଉଥିଲା ବେଳେ ଜୀବନର ପ୍ରସ୍ଥାନକୁ ମୃତ୍ୟୁ କୁହାଯାଏ ।

ମୃତ୍ୟୁ ଅର୍ଥାତ୍ ଜୀବାତ୍ମା ଜୀବଠାରୁ ମୁକ୍ତ ହୋଇ ଚାଲିଯାଏ । ଯେଉଁ ଶରୀର ମଧ୍ୟରେ ଅବସ୍ଥାନ କରୁଥାଏ, ଯେଉଁ ପିଣ୍ଡରେ ଥାଏ, ତାକୁ ଛାଡ଼ି ଚାଲିଯାଏ । ପିଣ୍ଡ ଯେଉଁଥିରୁ ସୃଷ୍ଟି ହୋଇଥାଏ, ପ୍ରାଣ ଗଲା ପରେ ସେ ସେହି ସବୁ ବସ୍ତୁରେ ପରିଣତ ହୋଇ ମୂଳ ଉତ୍ସକୁ ଫେରିଯାଏ । ଏହି ପ୍ରକ୍ରିୟାକୁ ମୃତ୍ୟୁ ବୋଲି ନାମିତ କରାଯାଏ । ଏଠାକୁ ଆସିଲେ ଫେରିବା ସୁନିଶ୍ଚିତ । ସାମୟିକ ସମ୍ମୋହନ ହେଉଛି ଭଲପାଇବା । ଜୀବନ ଏକ କୋଳାହଳ । ମୃତ୍ୟୁ ଶାନ୍ତିର ଉପତ୍ୟକା । ଜୀବନ ସହିତ ଶରୀରକୁ ଆସିଥାଏ ମୃତ୍ୟୁ । ତା' ସହିତ ଅବସ୍ଥାନ କରୁଥାଏ । ଜୀବନ ଶରୀର ସହିତ ନାନାଦି କାର୍ଯ୍ୟରେ ସଂପୃକ୍ତ ହେଉଥିବା ବେଳେ, ନାନାଦି ଘଟଣା ଦୁର୍ଘଟଣା ଶରୀର ସହିତ ସଂଗଠିତ ହେଉଥିବା ବେଳେ, ମୃତ୍ୟୁ ନିରବରେ ସାଥିରେ ଚାଲିଥାଏ, ଜୀବନର ପରମ ସଖା, ସହାୟକ ଭାବେ ତାକୁ ପ୍ରତିନିୟତ ସଖ୍ୟ ପ୍ରଦାନ କରିଥାଏ । ଯେତେବେଳେ ଜୀବନ ଶରୀରର ମୋହ ତ୍ୟାଗ କରି ବାହୁଡ଼ିବାକୁ ବାହାରେ, ସେତେବେଳେ ମୃତ୍ୟୁ କ୍ରିୟାଶୀଳ ହୋଇଯାଏ ।

ଶରୀର କ୍ରିୟାଶୀଳ ଥିବାବେଳେ ମୃତ୍ୟୁ ନିରବ ଥାଏ । ଜୀବନର ନାଟକ ସେ ଶରୀର ମାଧ୍ୟମରେ ଦେଖୁଥାଏ । ସବୁ ଅଭିନୟକୁ ପରଖୁ ଥାଏ । ମାତ୍ର ନିରବ, ମଉନ ଦର୍ଶକ ସାଜିଥାଏ । ଯେତେବେଳେ ଜୀବନ ଶରୀର ଛାଡ଼େ, ସେତେବେଳେ ମୃତ୍ୟୁ ପୁଣି ଜୀବନ ସହିତ ସାଥୀ ହୋଇ ଶରୀରକୁ ତ୍ୟାଗ କରି ଚାଲିଯାଏ । ମୃତ୍ୟୁ ଓ ଜୀବନର ଖେଳ ଛାଇ ଆଲୁଅର ଖେଳ ଭଳି । ମୃତ୍ୟୁକୁ ଦୋଷ ଦିଆଯାଏ । ମାତ୍ର ମୃତ୍ୟୁ କିଛି କରେନି । ସେ କେବଳ ସଖ୍ୟ, ସହାୟତା ପ୍ରଦାନ କରି ଜୀବନକୁ ଶରୀର ମଧ୍ୟରୁ ଉଦ୍ଧାରି ନିଏ । ମୃତ୍ୟୁ ଓ ଜୀବନ ଉଭୟ ଯମଜ ଭ୍ରାତା ପ୍ରାୟ । ଜଣେ ଅନ୍ୟକୁ ଛାଡ଼ି ରହିପାରେନି ।

> **ଶରୀର କ୍ରିୟାଶୀଳ ଥିବାବେଳେ ମୃତ୍ୟୁ ନିରବ ଥାଏ । ଜୀବନର ନାଟକ ସେ ଶରୀର ମାଧ୍ୟମରେ ଦେଖୁଥାଏ । ସବୁ ଅଭିନୟକୁ ପରଖୁ ଥାଏ । ମାତ୍ର ନିରବ, ମଉନ ଦର୍ଶକ ସାଜିଥାଏ । ଯେତେବେଳେ ଜୀବନ ଶରୀର ଛାଡ଼େ, ସେତେବେଳେ ମୃତ୍ୟୁ ପୁଣି ଜୀବନ ସହିତ ସାଥୀ ହୋଇ ଶରୀରକୁ ତ୍ୟାଗ କରି ଚାଲିଯାଏ । ମୃତ୍ୟୁ ଓ ଜୀବନର ଖେଳ ଛାଇ ଆଲୁଅର ଖେଳ ଭଳି ।**

ଜଣେ ଆଲୋକର ପ୍ରତିନିଧିତ୍ୱ କଲାବେଳେ ଆଉ ଜଣେ ଅନ୍ଧାରର ପ୍ରତିନିଧିତ୍ୱ କରେ । ଆଲୋକ ଓ ଅନ୍ଧକାର କେହି କଣ କାହାକୁ ଛାଡ଼ି ପାରନ୍ତି? ଜଣକ ବିନା ଅନ୍ୟ ଜଣକର ଅସ୍ତିତ୍ୱ ଅସମ୍ଭବ । ମୃତ୍ୟୁ ନ ଥିଲେ ଜୀବନ ଯେ ଏତେ ମହନୀୟ, ସେ ଉପଲବ୍ଧି ନ ଥାଆନ୍ତାଛ ମୃତ୍ୟୁ କେବେ କାହା ପାଖକୁ ଆସେନି ।

ସେ ସାଥିରେ ଥାଏ, ସାଥେ ସାଥେ ପ୍ରତିନିୟତ ଚାଲିଥାଏ । ଶରୀରରୁ ଜୀବନ ମୁହଁ ଫେରେଇଲେ, ଶରୀର ଛାଡ଼ି ଚାଲିଯିବାକୁ ଚାହିଁଲେ, ମୃତ୍ୟୁ ଜୀବନକୁ ସାଥୀ କରିନିଏ । ଶରୀରକୁ ପ୍ରଶାନ୍ତି ପ୍ରଦାନ କରି । ଉଭୟ ଜୀବନ ଓ ମୃତ୍ୟୁର ସହାୟତାରେ ଦୁଃଖ, ଦରଦର ପାରାବାରକୁ ଅତିକ୍ରମ କରି ବହୁ ଉର୍ଦ୍ଧ୍ୱକୁ ଚାଲିଯାଆନ୍ତି ।

ଶରୀର ଯେଉଁଠୁ ଆସିଥାଏ, ସେହି ମାଟି ମାଆ କୋଳକୁ ଫେରିଯାଏ ଏବଂ ଜୀବନ ମୃତ୍ୟୁ ସହିତ ସାଥୀ ହୋଇ ଯେଉଁଠି ଆସ୍ଥାନ ସ୍ଥାପିବା କଥା ସେଠାକୁ ଗମନ କରେ । ଏକ କ୍ରିୟାଶୀଳ କଣ୍ଢେଇ ବା ଛବି ବା ଛାଇର ଅଭିନୟର ପରିସମାପ୍ତି ଘଟେ । ସେହି ନାଟକର ଅନ୍ତ ହୁଏ । ଯବନିକାପାତ ହୋଇଯାଏ । ପ୍ରେକ୍ଷାଳୟର ଦର୍ଶକମାନେ କିଛିକାଳ ନାୟକ ଅବା ନାୟିକାର ଅଭିନୟରେ ଅଭିଭୂତ ହୋଇ ରହିବା ପରେ ଆସ୍ତେ ଆସ୍ତେ ପ୍ରକୃତିସ୍ଥ ହୁଅନ୍ତି ଏବଂ ସେ ଅଭିନୟ ଅବା ନାଟକର ପ୍ରଭାବ କ୍ରମେ କ୍ରମେ ତାଙ୍କ ମନ ଭିତରୁ ସ୍ମୃତିର ଅତଳ ଗହ୍ୱରକୁ ଚାଲିଯାଏ ଏବଂ ସକଳେ ଅନ୍ୟ ନାଟକର ଅଭିନୟ ଦେଖିବାରେ ମନୋନିବେଶ କରନ୍ତି ।

କେବେକେବେ ମନର ପରଦାରେ ସ୍ମୃତିରୁ ଉତୁରି ଆସି ସେହି ପୁରୁଣା ନାଟକର ଅଭିନୟ ସବୁ ଦର୍ଶକଙ୍କ ମନକୁ ଆକ୍ରାନ୍ତ କରି ରଖେ ଏବଂ କିଛି କ୍ଷଣ ପରେ ସେ ପୁଣି ସ୍ମୃତିର ଫସିଲ୍ ମଧ୍ୟରେ ସାଇତା ହୋଇ ରହିଯାଏ । ସଂସାର ପ୍ରକୃତରେ ଅଭିନୟର ମଞ୍ଚ ।

ଏହି ମଞ୍ଚରେ ପ୍ରତିନିୟତ କେତେକେତେ ନାଟକ ଅଭିନୀତ ହେଉଥାଏ । ପ୍ରତ୍ୟେକ ଜୀବନ ନାଟକର ଦୃଶ୍ୟ ପରେ ଦୃଶ୍ୟ, ଅଙ୍କ ପରେ ଅଙ୍କ ଅଭିନୀତ ହୁଏ । ଅଭିନୟରେ ଥାଆନ୍ତି କଳାକାର ବିଭିନ୍ନ ଭୂମିକାରେ-ନାୟକ, ନାୟିକା, ଖଳନାୟକ, ଖଳନାୟିକା, ବିଦୂଷକ, ବିଦୂଷିକା, ସୂତ୍ରଧର, ପାର୍ଶ୍ୱ ଅଭିନେତା, ଅଭିନେତ୍ରୀ, କେତେ କିଏ । ନାଟକରେ ଅଭିନୟ କଲାବେଳେ ସମସ୍ତେ ତାଙ୍କ ନିଜ ନିଜର ଭୂମିକା ସଫଳ ଭାବେ ଲିଭାଇ ଥାଆନ୍ତି । ସାମୟିକ ଭାବେ ଦର୍ଶକ ମଧ୍ୟ ଅଭିଭୂତ ହୁଅନ୍ତି ଅଭିନୟରେ ଏବଂ ଭୁଲିଯାଆନ୍ତି ସେ ସବୁ ତୁଚ୍ଛା ଅଭିନୟ । ବାସ୍ତବତା ସହିତ ସେ ସବୁ ଅଭିନୟର କିଛି ସଂପର୍କ ନାହିଁ । ଅଭିନୟ ବେଳେ ରଙ୍ଗମଞ୍ଚରେ ପ୍ରତ୍ୟେକ ପ୍ରତ୍ୟେକଙ୍କ ସହିତ ଜଡ଼ିତ ଓ ସଂପର୍କିତ ଥାଆନ୍ତି । ନଚେତ୍ ନାଟକରେ ଚରିତ୍ର ଫୁଟି ଉଠିବ ନାହିଁ କିବା ସଫଳ ହେବ ନାହିଁ । ନାଟକ ସରିଗଲେ, ଯିଏ ଯାହା ବାଟରେ ଚାଲିଯାଆନ୍ତି ଅଜଣା, ଅଶୁଣା, ଅଚିହ୍ନା ମଣିଷ ଭଳି । ତେଣୁ ଅଭିନୟକୁ ବାସ୍ତବ ଭାବିବା ଯେପରି ନିର୍ବୋଧତା ଓ ବୋକାମୀ, ମଞ୍ଚରେ ଗଢ଼ିଉଠିଥିବା ସଂପର୍କକୁ ସେପରି ସ୍ଥାୟୀ ମନେକରିବା ମଧ୍ୟ ଚରମ ଅଜ୍ଞାନତା ।

ନାଟକର ଅଭିନୟରୁ ମଧ୍ୟ ଓହରିଯିବା ଆଦୌ ସ୍ପୃହଣୀୟ ନୁହେଁ । ମାତ୍ର ବାସ୍ତବତାକୁ ନ ପାସୋରି, ମନେରଖିବାକୁ ହେବ ଯେ ସଂସାର ରଙ୍ଗମଞ୍ଚରେ ନିର୍ଦ୍ଦେଶକ, ଯିଏ ଆଢୁଆଳରେ ଅଛି, ପରଦା ପଛରେ, ତାର ନିର୍ଦ୍ଦେଶ ଅନୁସାରେ ଯେଉଁ ଭୂମିକାରେ ଅବତୀର୍ଣ୍ଣ ହୋଇ ନିଜର ଅଭିନୟ ପଟୁତା ପ୍ରଦର୍ଶନ କରି ଦର୍ଶକଙ୍କୁ ବିମୋହିତ କରିବା ଦାୟିତ୍ୱ ନ୍ୟସ୍ତ ଅଛି, ତାହାକୁ ଠିକ୍ ଭାବେ ନିର୍ବ୍ୟକ୍ତିକ ରହି ସମାପନ କରିବା ଉଚିତ ଏବଂ ନାଟକ ସରିଲେ ଯିଏ ଯାହାର ସ୍ୱାଧୀନ ଓ ନିଜ ପଥର ଅନୁଗାମୀ, ଯେପରି ସ୍ଥିତିରେ ନାଟକର ଅଭିନୟରେ ସଂପୃକ୍ତ ହେବା ପୂର୍ବରୁ ସେମାନେ ପ୍ରତ୍ୟେକ ଥିଲେ । ଅଭିନୟ ପରେ ଚରିତ୍ରର ମୋହରୁ ମୁକ୍ତ ହୋଇ ନ ପାରି, ସେଥିରେ ଜଡ଼ିତ ହୋଇ ରହିଗଲେ, ଭ୍ରାନ୍ତିରେ ପଥହରା ହେବା ଅନିବାର୍ଯ୍ୟ ହୋଇଥାଏ । ତେଣୁ ସାଂସାରିକ ମଞ୍ଚରେ ଭିନ୍ନ ଭିନ୍ନ ନାଟକରେ ଭିନ୍ନ ଭିନ୍ନ ଅଭିନୟରେ ଅବତୀର୍ଣ୍ଣ ହେବା ଯେପରି ଅତି ସ୍ୱାଭାବିକ, ସେଥିରେ ମଜ୍ଜିଯାଇ ସେହି ଅଭିନୟରେ ବୁଡ଼ି ରହିଲେ ନିଜକୁ ସୁରକ୍ଷିତ ରଖି ନ ପାରିବା ମଧ୍ୟ ସେତିକି ଚିନ୍ତାଜନକ ଓ ପୀଡ଼ାଦାୟକ ।

ଯେହେତୁ ଅଭିନୟରୁ ମୁକୁଳିବାର ସବୁ ବାଟ ପ୍ରାୟତଃ ବନ୍ଦ ଥାଏ, ଏପରିକି ଅଭିନୟ ନ କରି ପଳାୟନ କଲେ ମଧ୍ୟ ଯେଉଁଠି ମୁକ୍ତି ନ ଥାଏ ବରଂ ବନ୍ଧନ ସାଥେ ସାଥେ ଅନୁଧାବନ କରୁଥାଏ, ସେହି ପରିସ୍ଥିତିରେ ଭୂମିକାକୁ ସ୍ୱୀକାର କରି ନେଇ ନିପୁଣ ଅଭିନୟରେ ଦର୍ଶକଙ୍କୁ ମୁଗ୍ଧ ଚକିତ କରି, ମଞ୍ଚ ଉପରେ ସମ୍ପର୍କକୁ ଅଙ୍ଗୀକାର କରିବାର ପରକ୍ଷଣରେ ଜୀବନର ଏକାନ୍ତତାକୁ ଆପଣେଇ ନେଲେ, ସକଳ ବନ୍ଧନରୁ ମୁକ୍ତି ମିଳିବାର ସୁଯୋଗ ଶତଗୁଣିତ ହୋଇଥାଏ । ଫଳତଃ ସଫଳ ଅଭିନେତାର ସନ୍ତୋଷ ଓ ସ୍ୱୀକୃତି ସହିତ ଜୀବନ ବିମୁକ୍ତି ଦିଗରେ ଅଗ୍ରସର ହୋଇଥାଏ । ଏହି ଉପଲବ୍ଧି କବିଙ୍କ ଭାଷାରେ କିଭଳି ମହିମାନ୍ୱିତ ହୋଇଛି ତାହା ନିମ୍ନୋକ୍ତ ପଂକ୍ତିରେ ଦେଖାଯାଇ ପାରେ ।

**'କେହି ରହି ନାହିଁ ରହିବେ ନାହିଁଟି / ଭବରଙ୍ଗ ଭୂମି ତଳେ/ ସର୍ବେ ନିଜ ନିଜ ଅଭିନୟ ସାରି/ ବାହୁଡ଼ିବେ କାଳ ବଳେ ।**

ଅତଏବ ଜୀବନ ଓ ମୃତ୍ୟୁର ସନ୍ଧିକ୍ଷଣରେ ଜୀବନ ଏତେଟା ଉଚ୍ଚାଟନର ସମ୍ମୁଖୀନ ନ ହୋଇ ବରଂ ମୃତ୍ୟୁକୁ ଏକ ସ୍ୱାଭାବିକ ପ୍ରକ୍ରିୟା ଓ ଜୀବନର ଅନ୍ତିମ ପରିଣତି ଭାବେ ଅନାୟାସରେ ଗ୍ରହଣ କରି ନିଏ ଏବଂ ଯାହା ଚିରନ୍ତନ ସତ୍ୟ ତା ପ୍ରତି ବିମୁଖତା ଅଥବା ତା ପାଇଁ ଉଦ୍‌ବେଗ, ଉଦ୍‌ବିଗ୍ନତା ଓ ଆବେଗାତ୍ମକତା ରହିବା ଆଦୌ ସମୀଚୀନ ନୁହେଁ ବୋଲି ହୃଦବୋଧ ହୁଏ ।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ଅବସରପ୍ରାପ୍ତ ଅଧିକାରୀ ଓ ସୁଲେଖକ)**
ପ୍ଲଟ ନମ୍ବର -୭୬୭(ପାର୍ଟ)ଜୟଦୁର୍ଗା ନଗର,ଭୁବନେଶ୍ୱର,ପିନ୍-୭୫୧୦୦୬,
ମୋ- ୯୪୩୭୩୮୨୨୮୧

# ଫୁଟବଲ ବିଶ୍ୱକପ୍‌ର ଜନକ ଜୁଲ୍ସ ରିମେଟ



ବିଜନ କୁମାର ମହାପାତ୍ର

ଆଧୁନିକ ଅଲିମ୍ପିକ୍ସ ହେଉ ବା ଫୁଟବଲ ବିଶ୍ୱକପ, ଏସବୁ ଲୋକପ୍ରିୟ କ୍ରୀଡା ପ୍ରତିଯୋଗିତା ପଛରେ ଫ୍ରାନ୍ସର ଦୁଇ ଦୂରଦୃଷ୍ଟି ସଂପନ୍ନ ବ୍ୟକ୍ତିଙ୍କ ଅବଦାନ ଅତୁଳନୀୟ । 'ବାରୋଁ ପିୟର ଡି' କୁବର୍ତ୍ତିନଙ୍କ ଭଳି ଜଣେ ଉଚ୍ଚ ଶିକ୍ଷିତ କ୍ରୀଡାପ୍ରେମୀ ଯଦି ଉଦ୍ୟମ କରି ନଥାଆନ୍ତେ, ତାହା ହେଲେ ଆଧୁନିକ ଅଲିମ୍ପିକ କ୍ରୀଡାର ସୃଷ୍ଟି ହୋଇ ନଥାଆନ୍ତା । ବିଶ୍ୱର ସର୍ବାଧିକ ଲୋକପ୍ରିୟ ଖେଳ ଫୁଟବଲ କଥା ଯଦି କହିବା, ତାହା ହେଲେ ମନେପଡନ୍ତି ଆଉ ଜଣେ ଫରାସୀ ଭଦ୍ରଲୋକ । ସେ ହେଲେ ଜୁଲ୍ସ ରିମେଟ୍ ଯିଏ କି 'ଫୁଟବଲ୍ ବିଶ୍ୱକପ୍'ର ଜନକ ଭାବେ ପରିଚିତ ।

ଉନବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ଇଂଲଣ୍ଡରେ ଆଧୁନିକ ଫୁଟବଲ ଖେଳର ନିୟମାବଳୀ ପ୍ରସ୍ତୁତ ହେଲା । ୧୮୭୨ ମସିହାରେ ଇଂଲଣ୍ଡ ଓ ସ୍କଟଲାଣ୍ଡ ମଧ୍ୟରେ ଖେଳାଯାଇଥିଲା ସର୍ବପ୍ରଥମ ଆନ୍ତର୍ଜାତିକ ଫୁଟବଲ ମ୍ୟାଚ୍ । ୧୮୮୪ ମସିହାରେ ଇଂଲଣ୍ଡ, ୱେଲସ, ସ୍କଟଲାଣ୍ଡ ଓ ଆୟାର୍ଲାଣ୍ଡକୁ ନେଇ ଅନୁଷ୍ଠିତ ହୋଇଥିଲା ବିଶ୍ୱର ପ୍ରଥମ ଆନ୍ତର୍ଜାତିକ ଫୁଟବଲ ଟୁର୍ଣ୍ଣାମେଣ୍ଟ । ଉନବିଂଶ ଶତାବ୍ଦୀର ଶେଷଆଡକୁ ଫୁଟବଲର ଲୋକପ୍ରିୟତା ବୃଦ୍ଧି ପାଇବାକୁ ଲାଗିଲା । ବିଶ୍ୱରେ ଫୁଟବଲ ଖେଳର ପରିଚାଳନା ପାଇଁ ୧୯୦୪ ମସିହାରେ ଗଠିତ ହୋଇଥିଲା ଆନ୍ତର୍ଜାତିକ ଫୁଟବଲ ମହାସଂଘ ( ଫିଫା ) ।

ଫୁଟବଲ ପ୍ରଥମେ ଗ୍ରୀଷ୍ମକାଳୀନ ଅଲିମ୍ପିକ କ୍ରୀଡାରେ ହିଁ ଖେଳା ଯାଉଥିଲା । ୧୯୦୦ ମସିହା ପ୍ୟାରିସ ଅଲିମ୍ପିକ୍ସରେ ପ୍ରଥମ ଥର ପାଇଁ ସ୍ଥାନ ପାଇଥିଲା ଫୁଟବଲ । ତେବେ, ଅଲିମ୍ପିକ୍ସରେ କେବଳ ଅଣପେଶାଦାର ଫୁଟବଲ ଖେଳାଳିମାନଙ୍କ ଅଂଶଗ୍ରହଣ ବାଧ୍ୟତାମୂଳକ ଥିଲା । ତେଣୁ ଆକର୍ଷଣୀୟ ହୋଇପାରୁନଥିଲା ଅଲିମ୍ପିକ୍ସ ଫୁଟବଲ । ଫୁଟବଲ ପାଇଁ ଆବଶ୍ୟକ ହେଉଥିଲା ଏକ ସ୍ୱତନ୍ତ୍ର ଓ ଭବ୍ୟ ବିଶ୍ୱ ପ୍ରତିଯୋଗିତା । ଆଉ ଫିଫାର ତୃତୀୟ ସଭାପତି ଜୁଲ୍ସ ରିମେଟଙ୍କ ଯୋଗୁଁ ଏହା ବାସ୍ତବତାରେ ପରିଣତ ହୋଇପାରିଥିଲା । ୧୯୨୧ରେ ଫିଫାର ସଭାପତି ନିର୍ବାଚିତ ହୋଇଥିଲେ ଜୁଲ୍ସ ରିମେଟ । ସଭାପତି ହେବା ପରେ ଫିଫା ପରିଚାଳିତ ଏକ ସ୍ୱତନ୍ତ୍ର ବିଶ୍ୱ ଫୁଟବଲ ପ୍ରତିଯୋଗିତା ଆୟୋଜନ ପାଇଁ ଉଦ୍ୟମ ଆରମ୍ଭ କରିଥିଲେ ରିମେଟ୍ ।

ପ୍ରଥମ ଆନ୍ତର୍ଜାତିକ ଫୁଟବଲ ମ୍ୟାଚର ବର୍ଷକ ପରେ ଅର୍ଥାତ୍ ୧୮୭୩ରେ ଫ୍ରାନ୍ସର ଏକ ଛୋଟ ଗାଁରେ ଜନ୍ମ ଗ୍ରହଣ କରିଥିଲେ ଜୁଲ୍ସ ରିମେଟ୍ । ବାପା ଥିଲେ ଜଣେ ଦୋକାନୀ । ଜଣ ଭଲ ଛାତ୍ର ଭାବେ ନିଜକୁ ସାବ୍ୟସ୍ତ କରିଥିଲେ ରିମେଟ୍ । ପ୍ୟାରିସରେ ଆଇନ ପଢିବା ପାଇଁ ସ୍କଲାରସିପ୍ ହାସଲ କରିଥିଲେ ରିମେଟ । ପେଷା ଆଇନ ହେଲେ ମଧ୍ୟ ଯୁବକ ରିମେଟଙ୍କ ନିଶା ଥିଲା କ୍ରୀଡା । ବିଶେଷକରି ଫୁଟବଲ ପ୍ରତି ଥିଲା ରିମେଟଙ୍କ ଅହେତୁକ ଆକର୍ଷଣ ।

୧୮୯୭ରେ ପ୍ୟାରିସରେ ରିମେଟ ପ୍ରତିଷ୍ଠା କରିଥିଲେ 'ରେଡ୍ ଷ୍ଟାର୍' ନାମକ ଏକ ସ୍ପୋର୍ଟ୍ସ କ୍ଲବ । କୌଣସି ଭେଦଭାବ ବିନା ସମାଜର ସବୁ ବର୍ଗର ଲୋକଙ୍କ ପାଇଁ ଉନ୍ମୁକ୍ତ ଥିଲା ଏହି କ୍ଲବ୍ । ରେଡ୍ ଷ୍ଟାର୍ ଫୁଟବଲ କ୍ଲବ ହେଉଛି ଫ୍ରାନ୍ସର ଦ୍ୱିତୀୟ ପୁରାତନ କ୍ଲବ୍ । ରେଡ୍ ଷ୍ଟାର କ୍ଲବ୍ ଜରିଆରେ ଫ୍ରାନ୍ସରେ ଫୁଟବଲର ପ୍ରସାର କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ରିମେଟ୍ । ୧୯୧୯ରେ ସେ ଫ୍ରାନ୍ସ ଫୁଟବଲ ସଂଘର ପ୍ରଥମ ସଭାପତି ହୋଇଥିଲେ । ଏହାର ଦୁଇ ବର୍ଷ ପରେ ଆନ୍ତର୍ଜାତିକ ଫୁଟବଲ ମହାସଂଘ ବା ଫିଫାର ତୃତୀୟ ସଭାପତି ଭାବେ ନିର୍ବାଚିତ ହୋଇଥିଲେ ରିମେଟ୍ ।

ରିମେଟ ଫିଫା ସଭାପତି ଥିବା ବେଳେ ୧୯୨୪ ମସିହାରେ ପ୍ୟାରିସରେ ଆୟୋଜିତ ହୋଇଥିଲା ଗ୍ରୀଷ୍ମକାଳୀନ ଅଲିମ୍ପିକ କ୍ରୀଡା । ରିମେଟଙ୍କ ପ୍ରୟାସ ଯୋଗୁଁ ଏହି ଅଲିମ୍ପିକ୍ସର ଫୁଟବଲ ପ୍ରତିଯୋଗିତାରେ ରେକର୍ଡ ସଂଖ୍ୟକ ୨୪ଟି ଦେଶ ଭାଗ ନେଇଥିଲେ । ୧୯୨୪ ଓ ୧୯୨୮ ଅଲିମ୍ପିକ୍ସରେ ଫୁଟବଲର ସଫଳ ଆୟୋଜନ ପଛରେ ଥିଲା ରିମେଟଙ୍କ ସାଂଗଠନିକ ଦକ୍ଷତା । ହେଲେ ଫୁଟବଲ କେବଳ ଅଲିମ୍ପିକ କ୍ରୀଡା ଭାବେ ସୀମିତ ହୋଇ ରହୁ ବୋଲି ଚାହୁଁନଥିଲେ ରିମେଟ୍ । ତେଣୁ ଫୁଟବଲ ପାଇଁ ଫିଫା ପରିଚାଳିତ ଏକ ନିୟମିତ ବିଶ୍ୱ ପ୍ରତିଯୋଗିତା ଆୟୋଜନ ପାଇଁ ସେ ନେଇଥିଲେ ବଜ୍ର ଶପଥ ।

୧୯୨୮ ମସିହା ମେ ୨୮ ତାରିଖରେ ଆମଷ୍ଟରଡାମରେ ଅନୁଷ୍ଠିତ ଫିଫାର ସପ୍ତଦଶ ମହାଧିବେଶନରେ ଫୁଟବଲ ପାଇଁ ଏକ ପୃଥକ ବିଶ୍ୱ ପ୍ରତିଯୋଗିତା ଆୟୋଜନର ପ୍ରସ୍ତାବ ରଖିଥିଲେ ରିମେଟ୍ । ରିମେଟଙ୍କ ପ୍ରସ୍ତାବକୁ ମିଳିଥିଲା ପୂର୍ଣ୍ଣ ସମର୍ଥନ । ୧୯୩୦ ମସିହାରେ ପ୍ରଥମ ଫୁଟବଲ ବିଶ୍ୱକପ ଆୟୋଜନ କରିବାକୁ ନିଷ୍ପତ୍ତି ନିଆ ଯାଇଥିଲା ।

ସେତେବେଳେ ଦକ୍ଷିଣ ଆମେରିକୀୟ ଦେଶ ଉରୁଗୁଏ ଥିଲା ବିଶ୍ୱର ସଫଳ ଫୁଟବଲ ଦେଶ । ଉରୁଗୁଏ ମଧ୍ୟ ୧୯୨୪ ଓ ୧୯୨୮ ଅଲିମ୍ପିକ ଫୁଟବଲରେ ଚାମ୍ପିଅନ ହୋଇଥିଲା । ଫିଫା ଫୁଟବଲ ବିଶ୍ୱକପର ଉଦ୍‌ଘାଟନୀ ସଂସ୍କରଣ ପାଇଁ ଆୟୋଜକ ଦେଶ ମିଳୁ ନଥିବାରୁ ସମସ୍ୟା ସୃଷ୍ଟି ହୋଇଥିଲା ବେଳେ ଆଗେଇ ଆସିଥିଲା ଉରୁଗୁଏ । ଉଦ୍‌ଘାଟନୀ ବିଶ୍ୱକପ ଆୟୋଜନ ପାଇଁ ଏକ ନୂଆ ଷ୍ଟାଡିୟମ ନିର୍ମାଣ ସହ ଭାଗନେବାକୁ ଥିବା ଦଳଗୁଡିକର ଗସ୍ତ ଓ ରହଣୀ ଖର୍ଚ୍ଚ ବହନ କରିବାକୁ ପ୍ରସ୍ତାବ ଦେଇଥିଲା ଉରୁଗୁଏ । ଫଳସ୍ୱରୂପ ଉରୁଗୁଏକୁ ହିଁ ଦିଆଯାଇଥିଲା ପ୍ରଥମ ଫୁଟବଲ ବିଶ୍ୱକପ ଆୟୋଜନର ଦାୟିତ୍ୱ ।

ତେବେ ଫୁଟବଲ ବିଶ୍ୱକପର ପ୍ରଥମ ସଂସ୍କରଣରେ ଭାଗ ନେଇ ନଥିଲେ ଅନେକ ୟୁରୋପୀୟ ଦେଶ । ଉରୁଗୁଏକୁ ଜଳପଥରେ ଯାତ୍ରା କରିବା ଥିଲା ବ୍ୟୟବହୁଳ ଓ ସମୟସାପେକ୍ଷ । ଇଂଲଣ୍ଡ, ଇଟାଲୀ,ସ୍ପେନ, ହଙ୍ଗେରୀ ଭଳି ଶକ୍ତିଶାଳୀ ୟୁରୋପୀୟ ଦେଶ ଟିମ୍ ପଠାଇ ନଥିଲେ । ଫିଫା ସଭାପତି ଜୁଲ୍ସ ରିମେଟଙ୍କ ବ୍ୟକ୍ତିଗତ ଉଦ୍ୟମ ଯୋଗୁଁ ଫ୍ରାନସ, ରୋମାନିଆ, ବେଲଜିୟମ ଓ ତତ୍କାଳୀନ ୟୁଗୋସ୍ଲୋଭିଆ ପ୍ରଥମ ଫୁଟବଲ ବିଶ୍ୱକପରେ ଭାଗ ନେବା ପାଇଁ ରାଜି ହୋଇଥିଲେ । ଆୟୋଜକ ଉରୁଗୁଏ ସମେତ ମୋଟ ୧୩ଟି ଦେଶ ଉଦଘାଟନୀ ଫିଫା ଫୁଟବଲ ବିଶ୍ୱକପରେ ଭାଗ ନେଇଥିଲେ ।

ଜୁନ୍ ୨୧, ୧୯୩୦ରେ ଫିଫା ପ୍ରତିନିଧି ମଣ୍ଡଳ, ରୋମାନିଆ, ଫ୍ରାନ୍ସ ଓ ବେଲଜିୟମ ଫୁଟବଲ ଟିମ ସହ ଫିଫା ସଭାପତି ଜୁଲ୍ସ ରିମେଟ ଏସ.ଏସ କଂଟେଭର୍ଡ ନାମକ ଜାହାଜରେ ଉରୁଗୁଏ ଅଭିମୁଖେ ଯାତ୍ରାରମ୍ଭ କଲେ । ରିମେଟଙ୍କ ଦାୟିତ୍ୱରେ ରଖାଯାଇଥିଲା ପ୍ରଥମ ବିଶ୍ୱକପ୍ ବିଜେତାଙ୍କୁ ଦିଆଯିବାକୁ ଥିବା ଏକ ସୁନ୍ଦର ଟ୍ରଫି, ଯାହାର ଡିଜାଇନ କରିଥିଲେ ଫରାସୀ ସ୍ଥପତି ଅବେଲ୍ ଲଫଲ୍ୟୁର ।

୧୯୩୦ ମସିହା ଜୁଲାଇ ୧୩ ତାରିଖର ଫୁଟବଲ ଇତିହାସରେ ଲେଖାଯାଇଥିଲା ଏକ ନୂଆ ଅଧ୍ୟାୟ । ଖେଳାଯାଇଥିଲା ଉଦ୍‌ଘାଟନୀ ଫୁଟବଲ ବିଶ୍ୱକପର ସର୍ବପ୍ରଥମ ମ୍ୟାଚ୍ । ଆଉ ଏଥିସହ ସାକାର ହୋଇଥିଲା ଫିଫା ସଭାପତି ଜୁଲ୍ସ ରିମେଟଙ୍କ ସ୍ୱପ୍ନ । ଫାଇନାଲରେ ଚିରାଚରିତ ପ୍ରତିଦ୍ୱନ୍ଦୀ ଆର୍ଜେଣ୍ଟିନାକୁ ୨-୪ ଗୋଲରେ ହରାଇ ଆୟୋଜକ ଉରୁଗୁଏ ହୋଇଥିଲା ପ୍ରଥମ ଫୁଟବଲ ବିଶ୍ୱକପର ଚାମ୍ପିଅନ । ରାଜଧାନୀ ମଂଟେଭିଡିଓରେ ନବନିର୍ମିତ ଫୁଟବଲ ଷ୍ଟାଡିୟମରେ ପ୍ରାୟ ୮୦ ହଜାର ଦର୍ଶକ ଉପଭୋଗ କରିଥିଲେ ଫାଇନାଲ୍ ମ୍ୟାଚ୍ ।

ରିମେଟଙ୍କ ନାଁରେ ଫୁଟବଲ ବିଶ୍ୱକପ୍ ଟ୍ରଫିର ନାମକରଣ ହୋଇଥିଲା । ୧୯୭୦ ସଂସ୍କରଣ ଯାଏଁ ବିଜେତାଙ୍କୁ ଦିଆଯାଉଥିଲା ଜୁଲ୍ସ ରିମେଟ ଟ୍ରଫି । ଯେଉଁ ଦେଶ ପ୍ରଥମ ଥର ପାଇଁ ତିନିଥର ବିଶ୍ୱକପ୍ ଜିତିବ, ଜୁଲ୍ସ ରିମେଟ ଟ୍ରଫି ସ୍ଥାୟୀ ଭାବେ ସେହି ଦେଶରେ ରହିବ ବୋଲି ଘୋଷଣା ହୋଇଥିଲା । ପ୍ରଥମ ଦେଶ ଭାବେ ତିନି ଥର ବିଶ୍ୱକପ୍ ଜିତିଥିବାରୁ ସ୍ଥାୟୀ ଭାବେ ବ୍ରାଜିଲକୁ ଜୁଲ୍ସ ରିମେଟ୍ ଟ୍ରଫି ପ୍ରଦାନ କରାଯାଇଥିଲା ।

ଜୁଲ୍ସ ରିମେଟ୍ ୧୯୨୧ରୁ ୧୯୫୪ ଯାଏଁ ଫିଫା ସଭାପତି ରହିଥିଲେ । ରେକର୍ଡ ୩୩ ବର୍ଷ ଧରି ଫିଫା ସଭାପତି ରହିଥିଲେ ରିମେଟ୍ । ତାଙ୍କ କାର୍ଯ୍ୟକାଳରେ ଫିଫାର ସଦସ୍ୟ ସଂଖ୍ୟା ବୃଦ୍ଧି ପାଇଥିଲା । ବିଶ୍ୱର କୋଣେ ଅନୁକୋଣେ ଫୁଟବଲର ପ୍ରସାର ହୋଇଥିଲା । ଯଦି ରିମେଟ ନଥାଆନ୍ତେ, ତାହା ହେଲେ ହୁଏତ ଆଜି ବି ଫୁଟବଲ କେବଳ ଅଲିମ୍ପିକ କ୍ରୀଡା ଭାବେ ସୀମିତ ଥାଆନ୍ତା ।

ଉମା ନଗର, ଚତୁର୍ଥ ଲେନ୍
ଲାଞ୍ଜିପଲ୍ଲୀ, ବ୍ରହ୍ମପୁର -୮
ମୋ-୮୮୪୭୮୪୨୪୨୪

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

### ଝାରସୁଗୁଡା ଏବଂ ସୁନ୍ଦରଗଡ଼ ଜିଲ୍ଲାରେ

# ଋତୁସ୍ରାବ ସ୍ୱଚ୍ଛତା ଏବଂ କିଶୋର ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରୁଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, (ସବ୍ୟୁ) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଜାମଖାନୀ, କୁରାଲୋଇ ଏବଂ ଘୋଗରପାଲି ଅଞ୍ଚଳରେ ମାସିକ ଧର୍ମ (ଋତୁସ୍ରାବ) ସ୍ୱଚ୍ଛତା ଏବଂ କିଶୋର ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ଜରିଆରେ ଗୋଷ୍ଠି କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତାକୁ ଦୋହରାଇଛି, ଯାହା ୬୦୦ ରୁ ଅଧିକ ମହିଳା ଏବଂ କିଶୋରୀଙ୍କୁ ଉପକୃତ କରିଛି। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଆଗଧାଡ଼ିର କର୍ମୀମାନଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ସଚେତନତା ବୃଦ୍ଧି, ସ୍ୱଚ୍ଛତା ସାମଗ୍ରୀର ଉପଲବ୍ଧତା ଏବଂ ଋତୁସ୍ରାବ ସ୍ୱାସ୍ଥ୍ୟ ବିଷୟରେ ଖୋଲାଖୋଲି ଆଲୋଚନାକୁ ପ୍ରୋତ୍ସାହିତ କରିବା। ଋତୁସ୍ରାବ ସମୟରେ ପରିଷ୍କାର ପରିଚ୍ଛନ୍ନତା ସଂକ୍ରାନ୍ତରେ କମ୍ ସଚେତନତା, ପରିମଳ ସାମଗ୍ରୀର ସ୍ୱଳ୍ପ ଉପଲବ୍ଧତା ଏବଂ ନିରନ୍ତର ସାମାଜିକ କଳଙ୍କ ଦ୍ୱାରା ପ୍ରଭାବିତ ହେବାରେ ଲାଗିଛି, ପ୍ରାୟତଃ ଏଥିଯୋଗୁଁ ସଫା ସୁତୁରା ଖରାପ ଅଭ୍ୟାସରେ ପଡିଥାଏ ଏବଂ ଦୈନନ୍ଦିନ କାର୍ଯ୍ୟକଳାପରେ ପ୍ରତିଫଳିତ ହୋଇଥାଏ। ଏହିସବୁ ଆହ୍ୱାନର ମୁକାବିଲା କରିବା ପାଇଁ ଏହି ପଦକ୍ଷେପରେ ଶିକ୍ଷଣୀୟ କର୍ମଶାଳା, ସାନିଟାରୀ ପ୍ୟାଡ୍ ବଣ୍ଟନ ଏବଂ ଚିକିତ୍ସକଙ୍କ ନେତୃତ୍ୱରେ ଏବଂ କର୍ମଚାରୀ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସମର୍ଥିତ ସଚେତନତା ଅଭିଯାନ



ଅନ୍ତର୍ଭୁକ୍ତ ଥିଲା। ଅଧିବେଶନର ନେତୃତ୍ୱ ନେଇଥିଲେ ହେମଗିରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୀମା କୁଆ, ଯିଏ ଛୋଟ ଛୋଟ ହସ୍ତକ୍ଷେପଠାରୁ ଆଗକୁ ବଢ଼ିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଋତୁସ୍ରାବ ସ୍ୱାସ୍ଥ୍ୟକୁ ମର୍ଯ୍ୟାଦା, ସମାନତା ଏବଂ ଅତ୍ୟାବଶ୍ୟକ ସେବାଗୁଡ଼ିକର ପ୍ରବେଶ ପାଇଁ କେନ୍ଦ୍ରୀୟ ଭାବରେ ସ୍ୱୀକୃତି ଦେଇଥିଲେ। ଲକ୍ଷନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ରାହୁଲ ସାହୁଙ୍କର ଏକ ଅଧିବେଶନ ଋତୁସ୍ରାବ ସ୍ୱଚ୍ଛତା ଏବଂ ପ୍ରଜନନ ସ୍ୱାସ୍ଥ୍ୟ ଉପରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲା। ଏହି ପଦକ୍ଷେପର ଏକ ପ୍ରମୁଖ ଆକର୍ଷଣ ଥିଲା ଅଲ୍ଟା ଆପ୍ଲିକେସନ୍ ର ସାଂସ୍କୃତିକ ଏକୀକରଣ, ଓଡ଼ିଶାର ରଜ ପର୍ବ ସହିତ ଜଡିତ ଏକ ପାରମ୍ପାରିକ ଅଭ୍ୟାସ ଯାହା ଋତୁସ୍ରାବ, ଗର୍ଭଧାରଣ ଏବଂ ନାରୀତ୍ୱର ପ୍ରତୀକ, ସକରାତ୍ମକ ସାଂସ୍କୃତିକ ସଙ୍ଗଠନକୁ ମଜବୁତ କରିବାରେ ଏବଂ ଖୋଲା ଆଲୋଚନାକୁ ଉତ୍ସାହିତ କରିବାରେ ସାହାଯ୍ୟ କରେ । ଅଂଶଗ୍ରହଣକାରୀମାନେ କହିଥିଲେ ଯେ ଏହି ଅଧିବେଶନ ସେମାନଙ୍କୁ ଋତୁସ୍ରାବ ସ୍ୱଚ୍ଛତା ଅଭ୍ୟାସ, ସରକାରୀ ସ୍ୱାସ୍ଥ୍ୟ ଯୋଜନା, ପୁଷ୍ଟିସାଧନ ଏବଂ ମାସିକ ଋତୁସ୍ରାବକୁ ନେଇ ଖୋଲା ଆଲୋଚନାର ଗୁରୁତ୍ୱକୁ ଭଲ ଭାବେ ବୁଝିବାରେ ସାହାଯ୍ୟ କରିଥିଲା।

# ମଣିପାଲ ହସ୍ପିଟାଲରେ ମା' ଓ ଶିଶୁଙ୍କୁ ମିଳିଲା ନୂଆ ଜୀବନ

ଭୁବନେଶ୍ୱର, (ସବ୍ୟୁ) : ସଠିକ ସମୟରେ ଚିକିତ୍ସା ଓ ଡାକ୍ତରୀ ଦଳର ନିରନ୍ତର ଉଦ୍ୟମ ଫଳରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ ଜଣେ ଗର୍ଭବତୀ ମହିଳା ଓ ତାଙ୍କ ନବଜାତ ଶିଶୁଙ୍କ ଜୀବନ ରକ୍ଷା କରାଯାଇଛି। ଗର୍ଭାବସ୍ଥାର ଶେଷ ସପ୍ତାହରେ ମହିଳା ଜଣକ ଗୁରୁତର ଜଟିଳତାର ଶିକାର ହେବା ସହ ହଠାତ୍ ତାଙ୍କ ହାର୍ଟ ବନ୍ଦ ହୋଇଯାଇଥିଲା। ତେବେ ମଣିପାଲ ହସ୍ପିଟାଲର ଡାକ୍ତରମାନଙ୍କ ତତ୍ପରତା ଯୋଗୁଁ ମା' ଓ ଶିଶୁ ଉଭୟ ସୁସ୍ଥ ଅଛନ୍ତି। ଢେଙ୍କାନାଳ ଜିଲ୍ଲାର ବାଙ୍ଗୁରା ଗାଁର ଜଣେ ମହିଳା ଗର୍ଭାବସ୍ଥାର ଶେଷ ସପ୍ତାହରେ ଥିବା ବେଳେ ରାତିରେ ହଠାତ୍ ଗୁରୁତର ଅସୁସ୍ଥ ଅନୁଭବ କରିଥିଲେ। ପରୀକ୍ଷା ପରେ ତାଙ୍କ ରକ୍ତଚାପ ୨୦୦/୧୪୦ ଏମ୍ଏମ୍ଏଚ୍‌ଜି ଥିବା ଜଣାପଡ଼ିଥିଲା, ଯାହା ମା' ଓ ଗର୍ଭସ୍ଥ ଶିଶୁ ଉଭୟଙ୍କ ପାଇଁ ଅତ୍ୟନ୍ତ ବିପଦଜନକ ଥିଲା। ପ୍ରଥମେ ନିକଟସ୍ଥ ଏକ ସ୍ଥାନୀୟ ନର୍ସିଂହୋମରେ ତାଙ୍କୁ ନିଆଯାଇଥିଲା। ସେଠାରେ ଡାକ୍ତରମାନେ ତାଙ୍କର ସ୍ୱାସ୍ଥ୍ୟଅବସ୍ଥା ଗୁରୁତ୍ୱ ବୁଝି ଉନ୍ନତ ଜରୁରୀ ଓ କ୍ରିଟିକାଲ କେୟାର ସୁବିଧା ଥିବା ଏକ ବଡ଼ ହସ୍ପିଟାଲକୁ ତୁରନ୍ତ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ମଣିପାଲ ହସ୍ପିଟାଲ ଭୁବନେଶ୍ୱରକୁ ନେଇଆସିଥିଲେ। ମଣିପାଲ ହସ୍ପିଟାଲର ଜରୁରୀ ବିଭାଗରେ ପହଞ୍ଚିବା ପରେ ଡାକ୍ତରମାନେ ତାଙ୍କର ପ୍ରାଥମିକ ପରୀକ୍ଷା ପରେ ମହିଳା ଜଣଙ୍କ 'ସିଭିୟର ପ୍ରି- ଏକ୍ଲାମ୍ପସିଆ'ରେ ପୀଡ଼ିତ ବୋଲି ଚିହ୍ନଟ କରିଥିଲେ। ଏହା ଗର୍ଭାବସ୍ଥାର ଏକ ଗୁରୁତର ଜଟିଳତା, ଯାହାର ତୁରନ୍ତ ଚିକିତ୍ସା ନ ହେଲେ ଜୀବନ ପ୍ରତି ବିପଦ



ସୃଷ୍ଟି ହୋଇପାରେ। ପ୍ରାରମ୍ଭିକ ପରୀକ୍ଷା ସମୟରେ ହଠାତ୍ ମହିଳାଙ୍କ ହାର୍ଟ ବନ୍ଦ ହୋଇଯାଇଥିଲା। ସଙ୍ଗେ ସଙ୍ଗେ ଜରୁରୀ ଚିକିତ୍ସା ଡାକ୍ତରୀ ଦଳ ସିପିଆର୍ ସହିତ ଜୀବନ ରକ୍ଷାକାରୀ ଚିକିତ୍ସା ଆରମ୍ଭ କରି ତାଙ୍କୁ ପୁଣି ଜୀବନ ଦେଇଥିଲେ। ଏହାପରେ ତାଙ୍କୁ ଭେଣ୍ଟିଲେଟର ସହାୟତାରେ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସେଠାରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ଏକ ଟିମ୍ ନିୟମିତ ତାଙ୍କ ଚିକିତ୍ସାରେ ନିୟୋଜିତ ରହିଥିଲେ। ଗର୍ଭାବସ୍ଥାର ଶେଷ ମାସରେ ଥିବାରୁ ଗର୍ଭସ୍ଥ ଶିଶୁର ସୁରକ୍ଷାକୁ ଦୃଷ୍ଟିରେ ରଖି ଭେଣ୍ଟିଲେଟରରେ ଥିବା ଅବସ୍ଥାରେ ଜରୁରୀ ପ୍ରସବ କରାଯାଇଥିଲା। ନବଜାତ ଶିଶୁ ସୁରକ୍ଷିତ ଭାବେ ଜନ୍ମ ନେବା ସହ ସମ୍ପୂର୍ଣ୍ଣ ସମୟ ସୁସ୍ଥ ରହିଥିଲା। ଅନ୍ୟ ପକ୍ଷରେ ମହିଳା ତିନି ଦିନ ପର୍ଯ୍ୟନ୍ତ ଭେଣ୍ଟିଲେଟର ସହାୟତାରେ ରହିବା ପରେ ଧୀରେ ଧୀରେ ସୁସ୍ଥ ହୋଇଥିଲେ। ଏହି ସମ୍ପର୍କରେ ମଣିପାଲ ହସ୍ପିଟାଲର ବରିଷ୍ଠ ପ୍ରସୂତୀ ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ହରପ୍ରୀତ କୌର କହିଛନ୍ତି, "ଏହି ପ୍ରସବ ଅତ୍ୟନ୍ତ ଜଟିଳ ପରିସ୍ଥିତି ଥିଲା, ଯେଉଁଠାରେ ପ୍ରତ୍ୟେକ ମିନିଟ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଗର୍ଭାବସ୍ଥାରେ ମା'ଙ୍କ ହୃଦୟ ବନ୍ଦ ହୋଇଗଲେ ଶିଶୁର ଅମ୍ଳଜାନ ଯୋଗାଣ ମଧ୍ୟ ପ୍ରଭାବିତ ହୁଏ। ତୁରନ୍ତ ଚିକିତ୍ସା ଓ ସମୟୋପଯୋଗୀ ପ୍ରସବ ଯୋଗୁଁ ମା' ଓ ଶିଶୁଙ୍କ ଜୀବନ ରକ୍ଷା ସମ୍ଭବ ହୋଇପାରିଲା।

### ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରର

# ପ୍ରୀତି ଝଙ୍କାରଙ୍କ ବିଶ୍ୱ ଜିମ୍ନାଷ୍ଟିକ୍ସ ସ୍କଲାରସିପ୍ ହାସଲ

ଭୁବନେଶ୍ୱର, (ସବ୍ୟୁ) : ଭାରତୀୟ ଜିମ୍ନାଷ୍ଟିକ୍ସ ଇତିହାସରେ ଏକ ଐତିହାସିକ ସଫଳତା ସ୍ୱରୂପ ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର (ଏଚପିସି)ର ୧୬ ବର୍ଷୀୟା ପ୍ରୀତି ଝଙ୍କାର୍ ପ୍ରଥମ ଭାରତୀୟ ମହିଳା ଜିମ୍ନାଷ୍ଟ ଭାବେ ୱର୍ଲ୍ଡ ଜିମ୍ନାଷ୍ଟିକ୍ସ ସ୍କଲାରସିପ୍ ୨୦୨୬ ହାସଲ କରିଛନ୍ତି। ବିଶ୍ୱ ଜିମ୍ନାଷ୍ଟିକ୍ସ କ୍ଷେତ୍ରରେ ସବୁଠାରୁ ପ୍ରତିଷ୍ଠିତ ଏବଂ ପ୍ରତିସ୍ପର୍ଦ୍ଧାତ୍ମକ ସମ୍ମାନ ମଧ୍ୟରୁ ଅନ୍ୟତମ ଏହି ସ୍କଲାରସିପ୍ ଇଣ୍ଟରନ୍ୟାସନାଲ୍ ଜିମ୍ନାଷ୍ଟିକ୍ସ ଫେଡେରେସନ୍ (ଏଫ୍ଆଇଜି) ଦ୍ୱାରା ଅସାଧାରଣ ପ୍ରତିଭା, ଉଚ୍ଚ ପ୍ରଦର୍ଶନ କ୍ଷମତା ଓ ଆନ୍ତର୍ଜାତୀୟ ସମ୍ଭାବନା ଥିବା ଖୁବ କମ୍ ଖେଳାଳିଙ୍କୁ ପ୍ରଦାନ କରାଯାଇଥାଏ। ଏହି ବର୍ଷ, ବିଶ୍ୱର ୨୦ଟି ଦେଶରୁ ମାତ୍ର ୧୨ ଜଣ ଜିମ୍ନାଷ୍ଟ ମଧ୍ୟରୁ ଚୟନ ହୋଇଥିବା



ପ୍ରୀତି ୬ ଲକ୍ଷ ଟଙ୍କାର ସ୍କଲାରସିପ୍ ରାଶି ପାଇବେ। ଓଡ଼ିଶାର ଭୁବନେଶ୍ୱର ବାସିନ୍ଦା ପ୍ରୀତି ଗତ ତିନି ବର୍ଷ ଧରି ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ସମୟରେ ସେ ନିୟମିତ ଶୃଙ୍ଖଳା, ଦୃଢ଼ତା ଓ ପ୍ରତିସ୍ପର୍ଦ୍ଧାତ୍ମକ ଦକ୍ଷତା ପ୍ରଦର୍ଶନ କରିଆସୁଛନ୍ତି। ଏହି ଅବଧି ମଧ୍ୟରେ ସେ ୧୨ରୁ ଅଧିକ ଜାତୀୟ ଓ ଆନ୍ତର୍ଜାତୀୟ ପଦକ ହାସଲ କରିବା ସହିତ ଭାରତର ଅନ୍ୟତମ ପ୍ରତିଭାଶାଳୀ ଯୁବ ଜିମ୍ନାଷ୍ଟ ଭାବେ ଉଭା ହୋଇଛନ୍ତି। ତାଙ୍କ କ୍ରୀଡା ଯାତ୍ରାରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ଜୁନିୟର ଏସିଆନ୍ ଚାମ୍ପିଅନସିପ୍ ୨୦୨୫, ପର୍ତ୍ତୁଗାଲରେ ଆୟୋଜିତ ଇଣ୍ଟରକଣ୍ଟିନେଣ୍ଟାଲ୍ କପ୍ ୨୦୨୫, ଜୁନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଜାତୀୟ ଚ୍ୟାମ୍ପିୟନସିପ୍ ୨୦୨୪ର୍ଦ୍ଧ୨୫ ଏବଂ ୨୦୨୫ର୍ଦ୍ଧ୨୬ ଭଳି ଗୁରୁତ୍ୱପୂର୍ଣ୍ଣ ଜାତୀୟ ଓ ଆନ୍ତର୍ଜାତୀୟ ପ୍ରତିଯୋଗିତାର ସଫଳତା ସମ୍ମିଳିତ ଅଛି, ଯେଉଁଠାରେ ସେ ବିଶ୍ୱର ଶ୍ରେଷ୍ଠ ଜିମ୍ନାଷ୍ଟମାନଙ୍କ ସହ ପ୍ରତିସ୍ପର୍ଦ୍ଧା କରି ନିଜ ଦକ୍ଷତା ପ୍ରମାଣ କରିଛନ୍ତି। ପ୍ରୀତିଙ୍କୁ ଅଭିନନ୍ଦନ ଜଣାଇ ଏଏମ୍/ଏନ୍ଏସ୍ ଇଣ୍ଡିଆର ମାନବ ସମ୍ବଳ ଏବଂ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ଏବଂ ଭାଇସ୍ ପ୍ରେସିଡେଣ୍ଟ ଆଶୁତୋଷ ତେଲାଙ୍ଗ କହିଛନ୍ତି, "ପ୍ରୀତିଙ୍କ ଏହି ସଫଳତା ନେଇ ଆମେ ଅତ୍ୟନ୍ତ ଗର୍ବିତ। ଏତେ କମ୍ ବୟସରେ ୱର୍ଲ୍ଡ ଜିମ୍ନାଷ୍ଟିକ୍ସ ସ୍କଲାରସିପ୍ ମିଳିବା ତାଙ୍କର ଅସାଧାରଣ ପ୍ରତିଭା, ଶୃଙ୍ଖଳା ଓ ଦୃଢ଼ ସଙ୍କଳ୍ପର ପ୍ରମାଣ। ଏହା ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରରେ ଆମେ ସୃଷ୍ଟି କରିଥିବା ଦୃଢ଼ ବାତାବରଣରକୁ ପ୍ରତିଫଳିତ କରୁଛି । ଏଏମ୍/ଏନ୍ଏସ୍ ଇଣ୍ଡିଆରେ, ଆମେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ପାଇଁ ଆଥଲେଟମାନଙ୍କୁ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ, ସଂଗଠିତ ସମର୍ଥନ ଓ ବିଶ୍ୱ ମଞ୍ଚରେ ଉତ୍କର୍ଷତା ହାସଲ ପାଇଁ ସୁଯୋଗ ପ୍ରଦାନ କରିବାକୁ ପ୍ରତିବଦ୍ଧ ରହିଛୁ। ମୋ କ୍ରୀଡା ଯାତ୍ରାରେ, ଓଡ଼ିଶା ଏଏମ୍/ଏନ୍ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରରେ ଯୋଗ ଦେବା ମୋ ଜୀବନର ସର୍ବଶ୍ରେଷ୍ଠ ନିଷ୍ପତ୍ତି ମଧ୍ୟରୁ ଅନ୍ୟତମ, ଯାହା ମୋତେ ଆନ୍ତର୍ଜାତୀୟ ମଞ୍ଚରେ ପ୍ରଦର୍ଶନ ପାଇଁ ଆବଶ୍ୟକ ସୁଯୋଗ, ମାର୍ଗଦର୍ଶନ ଓ ସହାୟତା ପ୍ରଦାନ କରିଛି। ଏଚପିସିରେ ମୋର କୋଚ୍ ଓ ସିନିୟରମାନଙ୍କୁ ମୁଁ ଗଭୀର କୃତଜ୍ଞତା ଜଣାଉଛି ଏବଂ ଆଗାମୀ ସମସ୍ତ ପ୍ରତିଯୋଗିତାରେ ମୋର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଆଶା ରଖିଛି ବୋଲି ପ୍ରୀତି କହିଛନ୍ତି।

### ଜିନ୍ଦଲ ଷ୍ଟେନଲେସ୍ ବିଶ୍ୱ ପରିବେଶ ଦିବସ ଅବସରରେ

# ବିକ୍ରେତାଙ୍କୁ ୧୦ ହଜାର ସୂତା ବ୍ୟାଗ ବଣ୍ଟନ

ଭୁବନେଶ୍ୱର, (ସବ୍ୟୁ) : ଭାରତର ଅଗ୍ରଣୀ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନଲେସ୍ ବିଶ୍ୱ ପରିବେଶ ଦିବସ ୨୦୨୬ ପାଳନ କରିବା ପାଇଁ ଏହାର ହିସାର ଏବଂ ଯାଜପୁର ୟୁନିଟ୍‌ଗୁଡ଼ିକରେ ସଚେତନତା, ଅପଚୟ ପରିଚାଳନା ଏବଂ ସବୁଜ ଆଚ୍ଛାଦନ ପଦକ୍ଷେପର ଏକ ଶୃଙ୍ଖଳା ଆୟୋଜନ କରିଥିଲା। ଜଳବାୟୁ ପାଇଁ ଆମ ଭବିଷ୍ୟତ ସମନ୍ୱିତ ଏବଂ କାର୍ଯ୍ୟ ଆହ୍ୱାନର ପ୍ରତିକ୍ରିୟାରେ, ଅଧିକ କର୍ମଚାରୀ ଏବଂ ସାମୁଦାୟିକ ଅଂଶଗ୍ରହଣ ମାଧ୍ୟମରେ ଦାୟିତ୍ୱପୂର୍ଣ୍ଣ ପରିବେଶଗତ ଅଭ୍ୟାସଗୁଡ଼ିକୁ ଉତ୍ସାହିତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଥିଲା। ପାଳନର ଏକ ଅଂଶ ଭାବରେ, କମ୍ପାନୀ ହିସାରରେ ଏକ ପ୍ଲାଷ୍ଟିକ୍-ମୁକ୍ତ ଅଭିଯାନ ଆରମ୍ଭ କରିଥିଲା ଏବଂ ସ୍ଥାନୀୟ ବଜାରରେ ପନିପରିବା ବିକ୍ରେତାମାନଙ୍କୁ ୧୦,୦୦୦ ପୁନଃବ୍ୟବହାରଯୋଗ୍ୟ କପା ବ୍ୟାଗ ବଣ୍ଟନ କରିଥିଲା। ଜିନ୍ଦଲ ଷ୍ଟେନଲେସ୍ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଅନୁମୋଦିତ ପୁନଃଚକ୍ରୀକରଣ ଅଂଶୀଦାର ଗୌଭିନ୍ସ ଗ୍ରୀନ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ସହିତ ମିଳିତ ଭାବରେ ଏକ ବଡ଼ ପରିମାଣର ଇ-ବର୍ଜନା ସଂଗ୍ରହ ଅଭିଯାନ ମଧ୍ୟ ଆୟୋଜନ କରିଥିଲା, ଯାହା ଦ୍ୱାରା ପ୍ଲାଣ୍ଟ ପରିସର ଏବଂ ନିକଟସ୍ଥ ଆବାସିକ ଅଂଚଳରୁ ଦାୟିତ୍ୱପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ପୁନଃଚକ୍ରୀକରଣ ପାଇଁ ପ୍ରାୟ ୯୦୦ କିଲୋଗ୍ରାମ ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଥିଲା। ଯାଜପୁରରେ, ଜିନ୍ଦଲ ଷ୍ଟେନଲେସ୍ କର୍ମଚାରୀ, ଚୁକ୍ତିଭିତିକ କର୍ମଚାରୀ, ଆଖପାଖ ସମ୍ପ୍ରଦାୟ ଏବଂ ଛାତ୍ରଛାତ୍ରୀମାନଙ୍କୁ ସବୁଜ ଆବରଣ ବୃଦ୍ଧି, ସ୍ଥାୟୀ ଜୀବନଶୈଳୀ ଅଭ୍ୟାସ, ଅଳିଆ ପୃଥକୀକରଣ ଏବଂ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ ଭଳି ବିଷୟ ଉପରେ ଅନେକ ସଚେତନତା ଏବଂ କାର୍ଯ୍ୟକଳାପ ଅଧିବେଶନ ଆୟୋଜନ




କରିଥିଲା। ଏହି ପଦକ୍ଷେପଗୁଡ଼ିକ ବିଷୟରେ ମତ ଦେଇ, ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, "ପରିବେଶିକ ଦାୟିତ୍ୱ ଆମ ପ୍ଲାଣ୍ଟର ସୀମା ମଧ୍ୟରେ ସୀମିତ ରହିପାରିବ ନାହିଁ; ଆମେ ଏହାକୁ ଦୈନନ୍ଦିନ ଆଚରଣର ଏକ ଅଂଶ କରିବାରେ ବିଶ୍ୱାସ କରୁ। ଏହିପରି ପଦକ୍ଷେପ ମାଧ୍ୟମରେ, ଆମେ କର୍ମଚାରୀ, ସ୍ଥାନୀୟ ସମ୍ପ୍ରଦାୟ ଏବଂ ଭବିଷ୍ୟତ ପିଢ଼ିକୁ ସାମିଲ କରି ସ୍ଥାୟୀତ୍ୱ ପ୍ରତି ଏକ ସହଭାଗୀ ମାଲିକାନା ଭାବନାକୁ ସୁଦୃଢ଼ କରିବାକୁ ଚେଷ୍ଟା କରୁଛୁ।

# ରୋଟାରୀ ପକ୍ଷରୁ ବିଦ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା




ଭୁବନେଶ୍ୱର, (ସବ୍ୟୁ) : ସ୍ଥାନୀୟ ଭୀମପୁରସ୍ଥିତ ଆଦର୍ଶ ଶିଶୁ ବିଦ୍ୟା ମନ୍ଦିରରେ ଏକ ୨୫ ଲିଟର ବିଶିଷ୍ଟ ଜଳ ବିଶୋଧନକାରି ଯନ୍ତ୍ର ସ୍ଥାପନା କରାଯାଇଛି। ଏହା ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ବହୁଦିନର ଆବଶ୍ୟକତା ପୂରଣ କରିବ। ରୋଟାରୀଆନ୍ ସଂଗ୍ରାମ କେଶରୀ ପଟ୍ଟନାୟକ, ରଜନୀକାନ୍ତ ପଟ୍ଟନାୟକ, ପ୍ରମଥ ଚନ୍ଦ୍ର ନାୟକ ଓ ରାଜକୁମାର ସୂତାର ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିକ୍ଷକଶିକ୍ଷୟତ୍ରୀଙ୍କ ଉପସ୍ଥିତିରେ କ୍ଲବର ଚାର୍ଟର୍ଡ ପ୍ରେସିଡେଣ୍ଟ ରୋଟାରୀଆନ୍ ଡ. ହର ପ୍ରସନ୍ନ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ।

# ବ୍ଲେଣ୍ଡର୍ସ ପ୍ରାଇଡର ଏକ ନୂଆ ଉନ୍ମୋଚନ

ଭୁବନେଶ୍ୱର, (ସବ୍ୟୁ) : ବ୍ଲେଣ୍ଡର୍ସ ପ୍ରାଇଡ୍ ପ୍ୟାକେଜ୍ଡ ଡ୍ରିଙ୍କିଙ୍ଗ ୱାଟର ପକ୍ଷରୁ "ବ୍ଲେଣ୍ଡର୍ସ ପ୍ରାଇଡ୍ ରିଜର୍ଭଡ୍ ଏକ୍ସପେରିଏନ୍ସେସଡ଼'ର ଉନ୍ମୋଚନ କରାଯାଇଛି । ଏହା ହେଉଛି ଏକ ନୂତନ ସାଂସ୍କୃତିକ ପ୍ଲାଟଫର୍ମ। ନିଜ ଅନୁଭୂତି ସମ୍ପର୍କରେ ବ୍ୟକ୍ତ କରି ସେଫ୍ କୁନାଲ କପୁର କହିଛନ୍ତି, ଏହାର ପ୍ରକୃତ ରୂପରେ ସ୍ୱାଦ ସ୍ତରୀକୃତ ଏବଂ ବିକଶିତ ହେଉଛି । ରିଜର୍ଭଡ୍ ଏକ୍ସପେରିଏନ୍ସେସ ସହିତ, ଆମେ ବିଭିନ୍ନ ସ୍ୱାଦଗୁଡ଼ିକୁ ବ୍ୟାଖ୍ୟା କରିଛୁ - ଏହାକୁ ବିଭିନ୍ନ ରୂପ ମାଧ୍ୟମରେ ଜୀବନ୍ତ କରିଛୁ ଯାହାଫଳରେ ଲୋକମାନେ ଏହାସହିତ ଅଧିକ ନିମଜ୍ଜିତ ଏବଂ ଅପ୍ରତ୍ୟାଶିତ ଉପାୟରେ ଜଡିତ ହୋଇପାରିବେ ।ସେହିପରି ପର୍ନଡ ରିକାର୍ଡ ଇଣ୍ଡିଆର ସିଏମଓ ଦେବଶ୍ରୀ ଦାସଗୁପ୍ତା କହିଛନ୍ତି, ଆଜି ଗ୍ରାହକମାନେ ଅଧିକ ଉଦ୍ଦେଶ୍ୟମୂଳକ ଏବଂ ଉନ୍ନତ ଅଭିଜ୍ଞତା ଖୋଜୁଛନ୍ତି, ଯାହା ବ୍ଲେଣ୍ଡର୍ସ ପ୍ରାଇଡ୍ ରିଜର୍ଭଡ୍ ଏକ୍ସପେରିଏନ୍ସେସ ସହିତ, ଆମେ ଏକ ସାଂସ୍କୃତିକ ପ୍ଲାଟଫର୍ମ ନିର୍ମାଣ କରୁଛୁ ।

# ହାଇ-ଟେକ୍ ମେଡିକାଲ୍ କଲେଜ କକ୍ଲିୟର ଇମ୍ପ୍ଲାଣ୍ଟ କାର୍ଯ୍ୟକ୍ରମ

### ଲକ୍ଷ୍ୟ- ଆମେ ଶୁଣି ପାରିବୁ, କଥା ମଧ୍ୟ କହିପାରିବୁ

ଭୁବନେଶ୍ୱର, (ସବ୍ୟୁ) : ହାଇ-ଟେକ୍ ମେଡିକାଲ୍ କଲେଜ ଏବଂ ହସ୍ପିଟାଲ୍ର କର୍ଣ୍ଣ,ନାଶା,ଗଳା ବିଭାଗ ଗୁରୁତର ଶ୍ରବଣ ଶକ୍ତି ହରାଇଥିବା ପିଲାମାନଙ୍କର ଶ୍ରବଣ ଏବଂ ଯୋଗାଯୋଗ କ୍ଷମତାର ପୁନରୁଦ୍ଧାର କରିବା ଦିଗରେ ଉଲ୍ଲେଖନୀୟ ସଫଳତା ହାସଲ କରିଚାଲିଛି। ବିଗତ ଏକ ବର୍ଷ ମଧ୍ୟରେ, ହସ୍ପିଟାଲ୍ ସଫଳତାର ସହ ୧୦ଟି କକ୍ଲିୟର ଇମ୍ପ୍ଲାଣ୍ଟ ସର୍ଜରୀ ସମ୍ପନ୍ନ କରିଛି, ଯାହା ଶ୍ରବଣ ବାଧିତ ଶିଶୁମାନଙ୍କ ପାଇଁ ଏକ ନୂତନ ଆଶା ଏବଂ ଉନ୍ନତ ଜୀବନଶୈଳୀ ଆଣିଦେଇଛି। ସର୍ଜରୀ ଏବଂ ସମର୍ପିତ ପୁନର୍ବାସ ପରେ, ସମସ୍ତ ଶିଶୁ ଏବେ ସଫଳତାର ସହ ଶବ୍ଦ ଶୁଣିବାକୁ ସକ୍ଷମ ହେଉଛନ୍ତି। ଆୟୁଷ୍ମାନ ଭାରତ ଯୋଜନାରୁ ପ୍ରଦତ୍ତ ଅର୍ଥ ସହ ହାଇଟେକ୍ ମେଡିକାଲ୍ କଲେଜ୍ ପକ୍ଷରୁ ଆବଶ୍ୟକୀୟ ଅର୍ଥ ପ୍ରଦାନ କରାଯାଇ ଏହି ଅସ୍ତ୍ରୋପଚାର କରାଯାଉଛି। ଯାହାଦ୍ୱାରା ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ପରିବାରଗୁଡ଼ିକ ଉପରୁ ଆର୍ଥିକ ବୋଝକୁ ଯଥେଷ୍ଟ ମାତ୍ରାରେ ହ୍ରାସ କରିପାରିଛି। ଖୁବ୍ କମମୂଲ୍ୟରେ ଏଭଳି ବିରଳ ଓ ବ୍ୟୟବହୁଳ ଅସ୍ତ୍ରୋପଚାର ହୋଇପାରୁଛି। ହାଇଟେକ୍ ଗ୍ରୁପ୍ ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ କହିଛନ୍ତି ଯେ , କଥା



କହିପାରୁନଥିବା ଓ ଶୁଣିପାରୁନଥିବା ପିଲାଙ୍କ ପାଇଁ ସେମାନଙ୍କ ପରିବାର ଚିନ୍ତିତ ଥିବା ବେଳେ, ହାଇଟେକ୍ ମେଡିକାଲ୍ କଲେଜ ଓ ହସ୍ପିଟାଲ ଏଭଳି ପିଲାଙ୍କ ଅସ୍ତ୍ରୋପଚାର କରି ଏକ ନୂତନ ମାଇଲ ଖୁଣ୍ଟ ପ୍ରତିଷ୍ଠା କରିପାରିଛି। ଆସନ୍ତାଦିନରେ ମଧ୍ୟ ହାଇଟେକ୍ ହସପିଟାଲ ଏଭଳି ପିଲାଙ୍କ ଅସ୍ତ୍ରୋପଚାର କରି ସେମାନଙ୍କ ପରିବାରରେ ପୁଣି ହସ ଫୁଟାଇବା ଦାୟିତ୍ୱ ନେଇଛି ସେହିପରି ହାଇଟେକ୍ ଗ୍ରୁପର ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀଙ୍କ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ୧୦ଟି ପିଲାଙ୍କ ସଫଳ ଅସ୍ତ୍ରୋପଚାର ହୋଇସାରିଛି। ଆସନ୍ତା ଦିନରେ ଏଭଳି ଅସ୍ତ୍ରୋପଚାର ଜାରି ରହିବ ବୋଲି ସେ କହିଥିଲେ। କର୍ଣ୍ଣ,ନାଶା ଓ ଗଳା ରୋଗ ବିଭାଗର ବିଭାଗୀୟମୁଖ୍ୟ ପ୍ରଫେସର ଡାକ୍ତର ରାଜଲକ୍ଷ୍ମୀ ପାଣିଗ୍ରାହୀଙ୍କ କହିବା ହେଲା,ଏଭଳି ଅସ୍ତ୍ରୋପଚାର ରାଜ୍ୟର ଅନ୍ୟ ଡାକ୍ତରଖାନା ଗୁଡିକ କରୁନଥିବା ବେଳେ, ହାଇଟେକ୍ ଗ୍ରୁପ୍ ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ଉଦ୍ୟମ ଓ ପୃଷ୍ଠପୋଷକତାରେ ଏହି ଅସ୍ତ୍ରୋପଚାର କରାଯାଉଛି। ଆସନ୍ତାଦିନରେ ମଧ୍ୟ ଏହା ଜାରି ରହିବ, ସେହିପରି ମେଡିକାଲ୍ ଅଧୀକ୍ଷକ ପ୍ରଫେସର ଡାକ୍ତର ସୀତାରାମ ମହାପାତ୍ର କହିଥିଲେ ଯେ, ଆସନ୍ତାଦିନରେ ଏଭଳି ଅସ୍ତ୍ରୋପଚାର କରି ହାଇଟେକ୍ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂତନ ମାଇଲ ଖୁଣ୍ଟ ପ୍ରତିଷ୍ଠା କରିବ। କାର୍ଯ୍ୟକ୍ରମରେ କକ୍ଲିୟର ଇମ୍ପ୍ଲାଣ୍ଟ କରାଯାଇଥିବା ୧୦ଜଣ ପିଲାଙ୍କ ସହ ସେମାନଙ୍କ ପିତାମାତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହ ହାଇଟେକ୍ ମେଡିକାଲ୍ କଲେଜ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ଦେବାନନ୍ଦ ମହାପାତ୍ର, ନିର୍ଦ୍ଦେଶକ ଜେନାରାଲ୍ ସର୍ଜରୀ ଡାକ୍ତର ଅଶୋକ ଆଚାର୍ଯ୍ୟ, ପ୍ରାଶାସନିକ ଅଧିକାରୀ ଗୋପେଶ୍ୱର ଆଚାର୍ଯ୍ୟ,ବହୁ ବରିଷ୍ଠ ଡାକ୍ତର,ପିଜିଛାତ୍ର,ୟୁଜି ଛାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ।

# ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମିଳନୀ ପକ୍ଷରୁ ନିଶୁଳ୍କ ଶୀତଳ ପାନୀୟ ବଣ୍ଟନ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ଚାଲିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ସାଧାରଣ ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଉଦ୍ଦେଶ୍ୟରେ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମିଳନୀ, ଭୁବନେଶ୍ୱର ଶାଖା ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ୍ ଷ୍ଟେସନ୍ ନିକଟରେ ନିଶୁଳ୍କ ଦହି ଲସି, ଆମ୍ବ ରସ, ମିଲ୍କ ଶେକ୍ ଓ ଶୀତଳ ପାନୀୟ ବଣ୍ଟନ କାର୍ଯ୍ୟକ୍ରମ ଚାଲିଛି। ଏହି ସେବା କାର୍ଯ୍ୟକ୍ରମ ୫ ଜୁନ ୨୦୨୬ ଠାରୁ ନିରନ୍ତର ଭାବେ ଜାରି ରହିଛି। ପ୍ରତିଦିନ ପ୍ରାୟ ୧,୫୦୦ରୁ ୨,୦୦୦ ଲୋକ ଏହି ଶୀତଳ ପାନୀୟ ସେବାର ଲାଭ ଉଠାଉଛନ୍ତି। ତୀବ୍ର ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ଆଗାମୀ ଦିନଗୁଡ଼ିକରେ ମଧ୍ୟ ଏହି ସେବା ଜାରି ରହିବ ବୋଲି ସଂସ୍ଥା ପକ୍ଷରୁ ସୂଚନା ମିଳିଛି। ଏହି ମହତ୍




କାର୍ଯ୍ୟରେ ମାରୱାଡ଼ି ସମାଜର ମହିଳାମାନଙ୍କର ସକ୍ରିୟ ସହଯୋଗ ଉଲ୍ଲେଖନୀୟ। ସେମାନେ ନିଜ ହାତରେ ଆମ୍ବ ରସ ଓ ମିଲ୍କ ଶେକ୍ ପ୍ରସ୍ତୁତ କରି ସାଧାରଣ ଲୋକଙ୍କୁ ବଣ୍ଟନ କରୁଛନ୍ତି। ଗୃହ କାର୍ଯ୍ୟ ସହ ସମାଜସେବାରେ ନିଜକୁ ସାମିଲ କରିବା ଏକ ମହାନ ମାନବିକ ସେବା ବୋଲି ସେମାନେ ମନେ କରନ୍ତି। ପ୍ରତିଦିନ ସକାଳ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲୁଥିବା ଏହି ସେବା କାର୍ଯ୍ୟକ୍ରମରେ ସଂସ୍ଥାର ସଭାପତି ମନୋଜ ବାଜୋରିଆ, ସମ୍ପାଦକ କିଶନ ଖଣ୍ଡେଲୱାଲଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀମାନେ ସକ୍ରିୟ ଭାବେ ସହଯୋଗ କରୁଛନ୍ତି।

### ଖାଦ୍ୟ, କୃଷି ଏବଂ ଜୈବ ପ୍ରଯୁକ୍ତିବିଦ୍ୟା ଉପରେ ସମ୍ମିଳନୀ

# କୃଷିକୁ ବାଦଦେଇ ମାନବ ସଭ୍ୟତା ଅସମ୍ଭବ : ରାଜ୍ୟପାଳ

ଭୁବନେଶ୍ୱର, (ସବ୍ୟୁ) : ଇଣ୍ଡିଆନ ଚ୍ୟାମ୍ବର ଅଫ୍ କମର୍ସ(ଆଇସିସି) ପକ୍ଷରୁ ଓଡିଶା କୃଷି ଓ ବୈଷୟିକ ବି ଶ୍ୱ ବି ଦ୍ୟା ଳ ୟ ( ଓ ୟୁ ଏ ଟି ) ସହଯୋଗରେ ପ୍ରଥମ ଖାଦ୍ୟ,କୃଷି ଓ ଜୈବପ୍ରଯୁକ୍ତିବିଦ୍ୟା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ.ହରିବାବୁ କମ୍ଭମପାଟି କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଆମକୁ ନିଜର ଯାନ ପରିବର୍ତ୍ତନ କରିବାକୁ ପଡିବ। ପେଟ୍ରୋଲ, ଡିଜେଲ ଗାଡି ବଦଳରେ ବିଦ୍ୟୁତ ଯାନ ଚଳାଇବାକୁ ପଡିବ। ଓଡିଶା ଏବେ ଭାରତର ଧାନ ଉତ୍ପାଦନ କେନ୍ଦ୍ର ହେବ। ମାନବ ସଭ୍ୟତା କୃଷିକୁ ନେଇ ଗଢି ଉଠିଛି। ଯାହାକୁ ବାଦ ଦେଇ ମାନବ ସଭ୍ୟତା କଳ୍ପନା ଅସମ୍ଭବ। ବହୁତ ପରେ ଶିଳ୍ପର ଉତ୍ଥାନ ହୋଇଛି। ହେଲେ କୃଷି ହିଁ ସଭ୍ୟତାକୁ ବଂଚେଇ ରଖିଛି। ବିଶେଷ କରି ଓଡିଶାରେ କୃଷି ମୁଖ୍ୟ ଆର୍ଥିକ ମେରୁଦଣ୍ଡ ଥିଲା। ଯାହାର ସବୁବେଳେ ଗୁରୁତ୍ୱ ରହିଛି ଓ ରହିବ। ବହୁତ ଲୋକଙ୍କ ଜୀବନ, ଜୀବିକାର ମାଧ୍ୟମ ସାଜିଛି। ଚାଷ ଯୋଗୁଁ ଲୋକଙ୍କୁ ଖାଦ୍ୟ ଓ ଶିଳ୍ପକୁ କଞ୍ଚା ମାଲ ମିଳୁଛି। କୃଷି ହିଁ ଅର୍ଥନୀତିକୁ ସ୍ଥିରତା ଆଣି ଦେଉଛି। ଚାଷର ଉନ୍ନତି ହେଲେ ଚାଷୀର ଉନ୍ନତି ହୁଏ। ଚାଷୀ ଉନ୍ନତି କଲେ ଗାଁର ବିକାଶ ହୁଏ। ଗାଁ ବିକାଶ କଲେ, ଦେଶର ଉନ୍ନତି ହେବ। ଯେ କୌଣସି ଦେଶର ଉନ୍ନତି ଏହାର କୃଷିର ଉନ୍ନତି ଉପରେ ନିର୍ଭର କରେ। ଆମେ ଏବେ ରହୁଥିବା ବିଶ୍ୱରେ ବ୍ୟାପକ ପରିବର୍ତ୍ତନ ଆସୁଛି। ପ୍ରତି ମହୂର୍ତ୍ତରେ



ନୂଆ ଆହ୍ୱାନ ଆସୁଛି। ବିଶେଷ କରି ଜଳବାୟୁ ପରିବର୍ତ୍ତନ କୃଷି ପାଇଁ ଆହ୍ୱାନ ସାଜିଛି। ପୂର୍ବର ଚାଷ ପ୍ରଣାଳୀ ଏହାକୁ ମୁକାବିଲା ପାଇଁ ପର୍ଯ୍ୟାପ୍ତ ନୁହେଁ। ବୈଷୟିକ ଜ୍ଞାନ କୌଶଳ, ନୂଆ ଅନୁସନ୍ଧାନ ଆପଣାଇବା ଏବେ ସମୟର ଆବଶ୍ୟକତା ପାଲଟିଛି। ତୃଣମୂଳ ସ୍ତରରେ ଜଳବାୟୁ ସହଣୀ କୃଷି କରିବାକୁ ପଡିବ। ଏମଏସଏମଇ ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସ୍ୱତନ୍ତ୍ର ଅତିଥି ଯୋଗଦେଇ କହିଥିଲେ ଯେ... ଓଡିଶାରେ ଅପାର ସମ୍ଭାବନା ରହିଛି। ପ୍ରାକୃତିକ ସମ୍ପଦ ଭରପୁର ରହିଛି। ଆମେ ତାକୁ ସଦୁପଯୋଗ କରିବା ଦରକାର। ଆଇସିସି ଅଧ୍ୟକ୍ଷ ରାଜୀବ ସାହୁ ସ୍ୱାଗତ ଭାଷଣ ଦେଇ କହିଥିଲେ ଆଇସିସି ଏକ ପ୍ରମୁଖ ଜାତୀୟ ଚାମ୍ବରରେ ବିକଶିତ ହୋଇଛି, ଯାହା ପାରମ୍ପରିକ ବାଣିଜ୍ୟରୁ କୃତ୍ରିମ ବୁଦ୍ଧିମତ୍ତା ଏବଂ ଓୟୁଏଟି କୂଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗଦେଇ ଖାଦ୍ୟ,କୃଷି ଓ କୃଷି ଓ ଜୈବପ୍ରଯୁକ୍ତିବିଦ୍ୟା ସମାଜର ବିକାଶରେ କିଭଳି ସାରଥି ସାଜିଛି ତାହା ଉପରେ ଆଲୋକପାତ କରିବା ସହ ଏହି କ୍ଷେତ୍ରର ବିକାଶ ପାଇଁ ଆଇସିସିକୁ ନିଆ ଯାଇଥିବା ପଦକ୍ଷେପକୁ ସାଧୁବାଦ ଜଣାଇଥିଲେ। କୃଷକ ସଶକ୍ତିକରଣ ବିଭାଗ ସଚିବ ସଚିନ୍ ରାମଚନ୍ଦ୍ର ଯାଦବ, ଆଇସିସି ରାଜ୍ୟ ପରିଷଦ କୃଷି ଓ ଖାଦ୍ୟ ପକ୍ରିୟାକରଣ କମିଟି ଆବାହକ ଶ୍ରୀରାମ ପଣ୍ଡା କାର୍ଯ୍ୟକ୍ରମ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ଆଇସିସି ରାଜ୍ୟ ପରିଷଦ କୃଷି ଓ ଖାଦ୍ୟ ପକ୍ରିୟାକରଣ କମିଟି ସହ-ଆବାହକ ଅବସରପ୍ରାପ୍ତ କର୍ଣ୍ଣେଲ ସୁଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇଥିବା ବେଳେ ବିଭିନ୍ନ ଅଧିବେଶନରେ ବିଶେଷଜ୍ଞ ଓ ବିଶିଷ୍ଟ ଅତିଥିମାନେ ସାମିଲ ହୋଇଥିଲେ। ଆଇସିସି ଓଡିଶା ଆଞ୍ଚଳିକ ନିର୍ଦ୍ଦେଶକ ଜେପି ପାଲ ଉପସ୍ଥିତ ଥିଲେ।

# ଗୁରୁ ଓ ବରିଷ୍ଠ ଗୁରୁଜନ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର, (ସବ୍ୟୁ) : ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ପକ୍ଷରୁ ଅବସରରେ ଶାନ୍ତ ଓ ପବିତ୍ର ପରିବେଶରେ ପ୍ରଭୁ ବଳଭଦ୍ର ମା ସୁଭଦ୍ରା ପ୍ରଭୁ ଜଗନ୍ନାଥ ଚକ୍ରରାଜ ସୁଦର୍ଶନଙ୍କ ଉପାସନା କେଦାରଶ୍ୱର ମନ୍ଦିର ବାଣୀବିହାର ଠାରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଜଗନ୍ନାଥଙ୍କ ନାମ ଭଜନ ଦାନ କରିବା ପିତୃ ତର୍ପଣ କରିବା ବହୁତ ପୁଣ୍ୟ କାର୍ଯ୍ୟ ହୋଇ ଥାଏ। କାର୍ଯ୍ୟକ୍ରମକୁ ପୂଜ୍ୟ ସ୍ୱାମୀଜୀ ମାଧବାନନ୍ଦ



ସରସ୍ୱତୀ ଚିନ୍ମୟ ମିଶନ ପାତିଆଲା ଉଦ୍‌ଘାଟନ କରି ଆଶ୍ରିବଚନ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପରମହଂସ ଶ୍ରୀମଦ ସ୍ୱାମୀ ବ୍ରହ୍ମନନ୍ଦ ସରସ୍ୱତୀ, ଶ୍ରୀମଦ ସ୍ୱାମୀ ନିଗମା ନନ୍ଦ ସରସ୍ୱତୀ ଶ୍ରୀମଦ ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ବାବା ସ୍ୱାମୀ ଜିଜ୍ଞାଂଶୁ ନନ୍ଦ ସରସ୍ୱତୀ, ମହିମା ଅଲେଖ ବାବା ନାଗା ବାବା ଉପସ୍ଥିତ ଥିଲେ। ଆମର ବରିଷ୍ଠ ଗୁରୁଜନ ଦେବେନ୍ଦ୍ର ଦାସ, ନନ୍ଦ କିଶୋର ଜେନା, ରବି ନାରାୟଣ ମହାପାତ୍ର, ମୃତ୍ୟୁଞ୍ଜୟ ମହାନ୍ତି ଅଜୟ ଦାସ ପ୍ରମୁଖ ଯୋଗ ଦେଇ ଥିଲେ । ଡ଼ ନାରାୟଣ ମହାପାତ୍ରଙ୍କ ଅନୁଷ୍ଠିତ ଏହି ସଭାରେ ଉପସ୍ଥିତ ଅନ୍ୟ ସମସ୍ତ ଗୁରୁ ଓ ବରିଷ୍ଠ ଗୁରୁଜନ ବରିଷ୍ଠ ମହିଳା ସଦସ୍ୟ ଓ ଆମ ସାଙ୍ଗେ ପ୍ରତେକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପ୍ରଧାନମନ୍ତ୍ରୀ ଭାବେ ୧୨ ବର୍ଷ ପୁରଣ କଲେ ମୋଦୀ

# ଦେଶ ବିଦେଶରୁ ଅଭିନନ୍ଦନର ସୁଅ



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଏକ ପ୍ରମୁଖ ରାଜନୈତିକ ମାଇଲଖୁଣ୍ଟ ଅତିକ୍ରମ କରି ସମ୍ବିଧାନ ଲାଗୁ ହେବା ପରଠାରୁ ଭାରତର ସବୁଠାରୁ ଦୀର୍ଘ ସମୟ ଧରି କାର୍ଯ୍ୟରତ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଏହି ଅବସରରେ ସେ ଜନସେବା, ନମ୍ରତା ଓ କର୍ତ୍ତବ୍ୟର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ ଯାହା ଉତ୍ତମ ଶାସନର ମୂଳଦୁଆ ସୃଷ୍ଟି କରେ ବୋଲି ସେ କହିଛନ୍ତି। ୨୦୧୪ ମସିହା ମେ ୨୬ ତାରିଖରେ ପ୍ରଥମ ଥର ପାଇଁ କାର୍ଯ୍ୟଭାର ଗ୍ରହଣ କରିବା ପରେ ସେ ପ୍ରଧାନମନ୍ତ୍ରୀ ଭାବେ ଲଗାତାର ୪,୩୯୯ ଦିନ ପୂରଣ କରିଥିଲେ, ଯାହା ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ରେକର୍ଡକୁ ଅତିକ୍ରମ କରିଥିଲା, ଯିଏକି ୧୯୫୨ ମସିହାର ପ୍ରଥମ ସାଧାରଣ ନିର୍ବାଚନ ପରେ ଏକ ନିର୍ବାଚିତ ସରକାରର ମୁଖ୍ୟ ଭାବରେ ୪,୩୯୮ ଦିନ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିଥିଲେ।ଏକ୍ସରେ ପୋଷ୍ଟ ହୋଇଥିବା ଏକ ବାର୍ତ୍ତାରେ ମୋଦୀ କହିଛନ୍ତି ଯେ, ନିଃସ୍ୱାର୍ଥପର ସେବା ଓ ଲୋକଙ୍କ ପ୍ରତି ଉତ୍ସର୍ଗୀକୃତ ହେବା ଦ୍ୱାରା ହିଁ ଜନସାଧାରଣଙ୍କ ବିଶ୍ୱାସ ଅର୍ଜନ ହୋଇପାରିବ। ଜନସେବା ହେଉଛି ଉତ୍ତମ ଶାସନର ସର୍ବଶ୍ରେଷ୍ଠ ମାପକାଠି ବୋଲି ପ୍ରଧାନମନ୍ତ୍ରୀ ଲେଖିଛନ୍ତି। ନେତୃତ୍ୱ ଉପରେ ଏକ ସଂସ୍କୃତ ଶ୍ଳୋକ ଲେଖି ମୋଦୀ କହିଛନ୍ତି ଯେ ଶାସକମାନେ ନାଗରିକଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧ ରହିବା ଉଚିତ ଏବଂ ନମ୍ରତାର ସହ ଶାସନ କରିବା ଆବଶ୍ୟକ। ସୁଭାଷିତମ୍ମ ମୋଦୀ ଲେଖିଥିବା ଶ୍ଳୋକଟି ହେଉଛି: ସଦାନୁରକ୍ତପ୍ରକୃତିଃ ପ୍ରଜାପାଳନତତ୍ପରଃ। ବିନୀତାତ୍ମା ହି ନୃପତିର୍ଭୂୟସୀ ଶ୍ରିୟମଶ୍ନୁତେ।।ଏନ୍ଡିଏ ନେତାମାନେ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ବାର୍ତ୍ତା ଜଣାଇଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ତାଙ୍କ ଅଭିନନ୍ଦନ ବାର୍ତ୍ତାରେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ୧୨ ବର୍ଷର ଶାସନ ଭାରତର ଗୌରବ, ସାଂସ୍କୃତିକ ନବଜାଗରଣ ଓ ଦେଶକୁ ଦାସତ୍ୱ ମାନସିକତାରୁ ମୁକ୍ତ କରିବା ପାଇଁ ଉଦ୍ଦିଷ୍ଟ। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଇଣ୍ଡିଆ ଟୁଡେ ପାଇଁ ଲେଖିଥିବା ଏକ ସମ୍ପାଦକୀୟ ନିବନ୍ଧରେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ଲୋକଙ୍କୁ କେବଳ ଯୋଜନା ଓ କାର୍ଯ୍ୟକ୍ରମ ପ୍ରଦାନ କରିନାହାନ୍ତି ବରଂ ଏକ ସ୍ପଷ୍ଟ ଲକ୍ଷ୍ୟ, ଏକ ବ୍ୟାପକ ଦୃଷ୍ଟିକୋଣ ଓ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ଏକ ଜାତୀୟ ସଂକଳ୍ପ ମଧ୍ୟ ଦେଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ 'ରାଷ୍ଟ୍ର ପ୍ରଥମ' ନୀତି ଦ୍ୱାରା ପରିଚାଳିତ ଜଣେ 'ଅକ୍ଳାନ୍ତ କର୍ମଯୋଗୀ' ଭାବରେ ପ୍ରଶଂସା କରି କହିଛନ୍ତି ଯେ ତାଙ୍କ କାର୍ଯ୍ୟକାଳ ଭାରତର ପ୍ରଗତି ପାଇଁ ଅତୁଟ ସମର୍ପଣ, ଲୋକଙ୍କ କଲ୍ୟାଣ ପାଇଁ ସ୍ଥିର ପ୍ରତିବଦ୍ଧତା ଏବଂ ଦେଶର ସେବାରେ ପରିବର୍ତ୍ତନଶୀଳ ନେତୃତ୍ୱ ଦ୍ୱାରା ଚିହ୍ନିତ ହୋଇଛି। ଇତିମଧ୍ୟରେ ବିଶ୍ୱସ୍ତରୀୟ ନେତାମାନେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ମାଲେସିଆ ପ୍ରଧାନମନ୍ତ୍ରୀ ଅନୱାର ଇବ୍ରାହିମ୍ ଦେଶର ବିଶ୍ୱସ୍ତରୀୟ ଉତ୍ଥାନରେ ମୋଦୀଙ୍କ ଅତୁଳନୀୟ ଅବଦାନକୁ ପ୍ରଶଂସା କରିଥିଲେ। ଭାରତରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ ସର୍ଜିଓ ଗୋର ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ସଫଳ ରାଜନୈତିକ ଯାତ୍ରାକୁ ପ୍ରଶଂସା କରିଛନ୍ତି। ଏହି ସଫଳତା ତାଙ୍କର ଦଶନ୍ଧିର ଉତ୍ସର୍ଗୀକୃତ ଜନସେବା ଓ ନେତୃତ୍ୱର ଏକ ଶକ୍ତିଶାଳୀ ପ୍ରମାଣ ବୋଲି ସେ କହିଛନ୍ତି।

## ଏମଆଇ-୧୭ ଦୁର୍ଘଟଣା: ପାଇଲଟଙ୍କ ସହ ୨୦ଯବାନଙ୍କ ମୃତ୍ୟୁ ଆଶଙ୍କା



**ମୁଜାଫରାବାଦ:** ପାକିସ୍ତାନ ଅଧୀକୃତ କାଶ୍ମୀର (ପିଓକେ) ର ମୁଜାଫରାବାଦ ନିକଟସ୍ଥ ନୀଲମ୍ ଘାଟିରେ ପାକିସ୍ତାନ ସେନାର ଏକ 'ଏମଆଇ-୧୭' ସାମରିକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି, ଯେଉଁଥିରେ ପାଇଲଟଙ୍କ ସମେତ ପ୍ରାୟ ୨୦ ଜଣ ଯବାନ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ପାକିସ୍ତାନ ସେନାର ଗଣମାଧ୍ୟମ ଶାଖା "ଆଇଏସପିଆର୍" ଏବଂ ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ହେଲିକପ୍ଟରଟି ଉଡ଼ାଣ ଭରିବା ସମୟରେ ହଠାତ୍ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇ କ୍ରାସ୍ ହୋଇଯାଇଥିଲା। ଘଟଣାସ୍ଥଳକୁ ତୁରନ୍ତ ଉଦ୍ଧାରକାରୀ ଦଳ ପଠାଯାଇଥିଲେ ମଧ୍ୟ ହେଲିକପ୍ଟରରେ ଥିବା କୌଣସି ବି ସଦସ୍ୟ ଜୀବିତ ବଞ୍ଚିନଥିବା ସାମରିକ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି। ପିଓକେରେ ଚାଲିଥିବା ବ୍ୟାପକ ସାଧାରଣ ଆନ୍ଦୋଳନ ଓ ହିଂସାତ୍ମକ ପରିସ୍ଥିତି ଉପରେ ଆକାଶମାର୍ଗରୁ ନଜର ରଖିବା ପାଇଁ ପାକିସ୍ତାନ ସେନା ପକ୍ଷରୁ ଏହି ହେଲିକପ୍ଟରଗୁଡ଼ିକୁ ସେଠାରେ ମୁତୟନ କରାଯାଇଥିଲା।ଉଲ୍ଲେଖଯୋଗ୍ୟ ଯେ, ଗତ ଦୁଇ ଦିନ ମଧ୍ୟରେ ପାକିସ୍ତାନ ସେନାର ଏହା ଦ୍ୱିତୀୟ ବଡ଼ ହେଲିକପ୍ଟର ଦୁର୍ଘଟଣା। ଏହା ପୂର୍ବରୁ ବାଲୁଚିସ୍ତାନ ଅଞ୍ଚଳରେ ମଧ୍ୟ ସେନାର ଆଉ ଏକ ହେଲିକପ୍ଟର କ୍ରାସ୍ ହୋଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ସେନା ପକ୍ଷରୁ ମୃତକଙ୍କ ସଠିକ୍ ସଂଖ୍ୟା ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇ ନାହିଁ, ମାତ୍ର ସୂତ୍ର ଅନୁଯାୟୀ ଏହି ରୁଷ-ନିର୍ମିତ ହେଲିକପ୍ଟରରେ ପ୍ରାୟ ୨୦ ଜଣ ସୈନ୍ୟ ଯାତ୍ରା କରୁଥିଲେ। ସମଗ୍ର ପାକିସ୍ତାନ ଏବଂ ପିଓକେରେ ଉପୁଜିଥିବା ଆଭ୍ୟନ୍ତରୀଣ ସୁରକ୍ଷା ସଙ୍କଟ ଓ ସାମରିକ ଗତିବିଧି ମଧ୍ୟରେ ସେନାର ଏଭଳି ଦୁର୍ଘଟଣା ପାକିସ୍ତାନ ପ୍ରତିରକ୍ଷା ବିଭାଗ ପାଇଁ ଏକ ବଡ଼ ଶକ୍ତ ଧକ୍କା ସାବ୍ୟସ୍ତ ହୋଇଛି।

## ଗୁଗଲ କ୍ଲାଉଡ୍ ସେବାରେ ବିଭ୍ରାଟ

**ନୂଆଦିଲ୍ଲୀ:** ଦିଲ୍ଲୀ, ମୁମ୍ବାଇ ଓ ଚେନ୍ନାଇ ଭଳି ଦେଶର ବିଭିନ୍ନ ସ୍ଥାନରେ ଗୁଗଲ୍ କ୍ଲାଉଡ୍ ସେବାରେ ବିଭ୍ରାଟ ଦେଖାଦେଇଛି। ଦିଲ୍ଲୀରେ ଥିବା ଏକ ତୃତୀୟ ପକ୍ଷ ସଂସ୍ଥାର ଡାଟା ସେଣ୍ଟର୍ରେ ଅଗ୍ନିକାଣ୍ଡ ଘଟିବା ପରେ ଏହି ସମସ୍ୟା ସୃଷ୍ଟି ହୋଇଛି।ଅଗ୍ନିକାଣ୍ଡ ପରେ ନେଟ୍ୱର୍କକୁ ବିଦ୍ୟୁତ୍ ଯୋଗାଣ ବନ୍ଦ କରିବାକୁ ପଡ଼ିଥିଲା। ଫଳରେ ସହରରେ କ୍ଲାଉଡ୍ ସେବା ବାଧାପ୍ରାପ୍ତ ହୋଇଥିଲା। ତାହାର ପ୍ରଭାବ ଅନ୍ୟ ଅଞ୍ଚଳଗୁଡ଼ିକରେ ମଧ୍ୟ ଦେଖିବାକୁ ମିଳିଛି। ସମସ୍ୟାର ସମାଧାନ କରିବାକୁ କମ୍ପାନି ଟ୍ରାଫିକ୍କୁ ଅନ୍ୟ ଅଞ୍ଚଳ ଜରିଆରେ ପରିଚାଳନା କରିବାକୁ ଉଦ୍ୟମ କରିଛି। କିନ୍ତୁ ହଠାତ୍ ଚାହିଦା ବଢ଼ିବାରୁ ଏହି ସେବା ପାଇବା ବିଳମ୍ବ ହେଉଛି। ସେବାକୁ ସ୍ୱାଭାବିକ କରିବା ଦିଗରେ କମ୍ପାନି କାର୍ଯ୍ୟ କରୁଛି।

## ବୀମାଧାରକଙ୍କ ପାଇଁ ବୋନସ ଘୋଷଣା

**ମୁମ୍ବାଇ:** ଆକ୍ସିସ ମ୍ୟାକ୍ସ ଲାଇଫ ଇନ୍ସୁରାନ୍ସ ଲିମିଟେଡ ପକ୍ଷରୁ ଏହାର ଯୋଗ୍ୟ ବୀମାଧାରକଙ୍କ ପାଇଁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨୫୩୦ କୋଟି ଟଙ୍କାର ଏକ ପାର୍ଟିସିପେଟିଙ୍ଗ (ପିଏଆର) ବୋନସ୍ ଘୋଷଣା କରାଯାଇଛି । ଏହା କମ୍ପାନୀର କ୍ରମାଗତ ୨୪ତମ ବାର୍ଷିକ ବୋନସକୁ ସୂଚିତ କରୁଛି ଏବଂ ଗତ ୨୪ ବର୍ଷରେ ଘୋଷଣା କରାଯାଇଥିବା ମୋଟ ବୋନସ୍ ରାଶିକୁ ୧୮୩୭୭ କୋଟି ଟଙ୍କାରେ ପହଂଚାଇଛି । ଏହି ଘୋଷିତ ବୋନସ୍ ରାଶିକୁ ଆସନ୍ତା ଜୁଲାଇ ୨୦୨୬ରୁ କମ୍ପାନୀର ୨୧ ଲକ୍ଷରୁ ଅଧିକ ଯୋଗ୍ୟ ପିଏଆର ବିମାଧାରକଙ୍କୁ ପ୍ରଦାନ କରାଯିବ । ସେହିପରି ଗତ ଦଶନ୍ଧିରେ ୧୭%ର ଏକ ସିଏଜିଆର ସହିତ ଆକ୍ସିସ ମ୍ୟାକ୍ସ ଲାଇଫର ପିଏଆର ପା= ଗତ ୨୦୨୪-୨୫ରେ ୭୪୧୧୯ କୋଟି ଟଙ୍କାରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୭୯,୦୦୩ କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

## ଆଫଗାନିସ୍ତାନରେ ପାକିସ୍ତାନର ଏୟାର ଷ୍ଟ୍ରାଇକ

# ୧୧ ପିଲାଙ୍କ ସମେତ ୧୩ ମୃତ



**କାବୁଲ:** ପୁଣିଥରେ ସୀମା ଲଘିଂଛି ପାକିସ୍ତାନ। ପଡ଼ୋଶୀ ଆଫଗାନିସ୍ତାନର ୩ଟି ପ୍ରଦେଶରେ ପାକିସ୍ତାନ ସେନା କରିଛି ଘନଘନ ଏୟାର ଷ୍ଟ୍ରାଇକ। ଏଥିରେ ୧୧ ଛୋଟ ପିଲାଙ୍କ ସମେତ ୧୩ ଜଣ ପ୍ରାଣ ହରାଇଥିବା ଆଫଗାନିସ୍ତାନରେ ଶାସନ କରୁଥିବା ତାଲିବାନ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ ସୂଚନା ଦେଇଛନ୍ତି। ତାଙ୍କ କହିବା କଥା ଯେ ପାକିସ୍ତାନ ସେନା ଆଫଗାନିସ୍ତାନ ବାୟୁସୀମାକୁ ଉଲ୍ଲଙ୍ଘନ କରିଥିଲା। ଏହାପରେ ପାକିସ୍ତାନ ପକ୍ଷରୁ କୁନାର, ଖୋଷ୍ଟ ଓ ପାକଟିକା ପ୍ରଦେଶରେ ବୋମା ମାଡ଼ କରାଯାଇଛି। ଏଥିରେ ଆବାସିକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ୧୧ ଛୋଟ ପିଲାଙ୍କ ସହ ୧୩ ଜଣ ପ୍ରାଣ ହରାଇଛନ୍ତି। ସେହିପରି ଆହତ ହୋଇଥିବା ୧୪ ଜଣ ହେଉଛନ୍ତି ଛୋଟ ପିଲା ଓ ମହିଳା। ପାକିସ୍ତାନ ସାଧାରଣ ଲୋକଙ୍କୁ ଟାର୍ଗେଟ କରୁଥିବାରୁ ଏହାର ପ୍ରତିଶୋଧ ନିଆଯିବ ବୋଲି ମୁଜାହିଦ ଘୋଷଣା କରିଛନ୍ତି। ତାଲିବାନ ମୁଖପାତ୍ର ଏୟାର ଷ୍ଟ୍ରାଇକ କଥା କହିଥିଲେ ହେଁ ଏଯାଏ ପାକିସ୍ତାନ ସେନା କିମ୍ବା ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ କିଛି ବି କୁହାଯାଇନି। କିନ୍ତୁ ସୁରକ୍ଷା ଅଧିକାରୀମାନେ ରୟଟର୍ସକୁ ନିଶ୍ଚିତ କରିଛନ୍ତି ଯେ ପାକିସ୍ତାନ ପକ୍ଷରୁ ଏୟାର ଷ୍ଟ୍ରାଇକ ହୋଇଛି। ତାଲିବାନ ଆତଙ୍କବାଦୀମାନେ ବ୍ୟବହାର କରୁଥିବା ଠିକଣାରେ ପାକିସ୍ତାନ ଏୟାର ଷ୍ଟ୍ରାଇକ କରିଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି। କାବୁଲ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ପାକିସ୍ତାନ କ୍ରମାଗତ ଭାବେ ଅଭିଯୋଗ କରି ଆସୁଛି। ସେହି ଆତଙ୍କବାଦୀମାନେ ପାକିସ୍ତାନ ବିରୋଧରେ ମସୁଧା କରୁଥିବା ଇସଲାମାବାଦ କହୁଛି। ହେଲେ ତାଲିବାନ ଏହାକୁ ଅଗ୍ରାହ୍ୟ କରି ଆସିଛି ଓ ଆତଙ୍କବାଦ ପାକିସ୍ତାନର ଆଭ୍ୟନ୍ତରୀଣ ସମସ୍ୟା ବୋଲି କହିଛି। ଏହାପୂର୍ବରୁ ଫେବୃଆରୀରେ ମଧ୍ୟ ଦୁଇ ଦେଶ ମଧ୍ୟ ତିକ୍ତତା ଦେଖିବାକୁ ମିଳିଥିଲା। ପ୍ରାୟ ମାସେ ଯାଏ ଉଭୟ ପରସ୍ପରକୁ ଆକ୍ରମଣ କରିଥିଲେ। ଏହାପରେ ଚାଇନାର ମଧ୍ୟସ୍ଥତାରେ ଦୁଇ ପକ୍ଷ ଯୁଦ୍ଧ ବିରତି ଲାଗୁ କରିଥିଲେ। ଏବେ ପୁଣି ପାକିସ୍ତାନ ସେନା ଆଫଗାନରେ ଏୟାର ଷ୍ଟ୍ରାଇକ କରିଥିବାରୁ ଆଗକୁ ଦୁଇ ପକ୍ଷ ମଧ୍ୟରେ ତିକ୍ତତା ବଢ଼ିବାର ଆଶଙ୍କା ରହିଛି।

## ଜୋହାନ୍ସବର୍ଗରେ ଗୁଳିକାଣ୍ଡ, ୧୨ ମୃତ

**ଜୋହାନ୍ସବର୍ଗ:** ଦକ୍ଷିଣ ଆଫ୍ରିକୀୟ ସହର ଜୋହାନ୍ସବର୍ଗରେ ମଙ୍ଗଳବାର ବିଳମ୍ବିତ ରାତିରେ ଗଣ ଗୁଳିକାଣ୍ଡ ହୋଇ ୧୨ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନ୍ୟ ୯ ଜଣ ଆହତ ହୋଇଛନ୍ତି। ପୁଲିସ ଅନୁଯାୟୀ ଏକ ମିନିବସ୍ରେ ୧୦ରୁ ଅଧିକ ସନ୍ଦିଗ୍ଧ ଆକ୍ରମଣକାରୀ ଜୋହାନ୍ସବର୍ଗର ଏକ ଉପନଗରୀ କ୍ଲିଭଲାଣ୍ଡ୍ରେ ଏକ ଅନୌପଚାରିକ ବସ୍ତିରେ ଆସି ପହଞ୍ଚିଥିଲେ ଏବଂ ସେମାନେ ଏହି ଅଞ୍ଚଳର ବିଭିନ୍ନ ସ୍ଥାନ ବୁଲି ଲୋକଙ୍କ ଉପରକୁ ଗୁଳି ଚଳାଇଥିଲେ। ସେହି ସମାନ ଗାଡ଼ିରେ ସେମାନେ ସେଠାରୁ ଖସି ପଳାଇଥିଲେ। ମୃତକଙ୍କ ମଧ୍ୟରେ ୯ ଜଣ ପୁରୁଷ ଏବଂ ୩ ଜଣ ମହିଳା ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣଙ୍କର ହସ୍ପିଟାଲରେ ମୃତ୍ୟୁ ହୋଇଥିଲା। ପୁଲିସ ଆକ୍ରମଣକାରୀଙ୍କୁ ଖୋଜୁଛି ଏବଂ ଏଯାବତ ଏହି ମାମଲାରେ କୌଣସି ଜଣଙ୍କୁ ଗିରଫ କରିପାରିନାହିଁ। ତେବେ ଏହି ଗୁଳିକାଣ୍ଡର କାରଣ କ'ଣ ଏଯାବତ ଜଣାପଡ଼ିନାହିଁ। ଉଲ୍ଲେଖଯୋଗ୍ୟ ଦକ୍ଷିଣ ଆଫ୍ରିକାରେ ନିକଟରେ ଅନେକ ହାଇ ପ୍ରୋଫାଇଲ ଗଣ ଗୁଳିକାଣ୍ଡ ହୋଇଛି। ଗତ ଡିସେମ୍ବରରେ ମଧ୍ୟ ଏଠାରେ ୨ ଥର ଗୁଳିକାଣ୍ଡ ହୋଇଛି ଏବଂ ଏଥିରୁ ୨୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା। ଜୋହାନ୍ସବର୍ଗ ଏବଂ ଏହାର ଆଖପାଖ ଅଞ୍ଚଳରେ ବେଆଇନ ଖଣି ଖନନ ଚାଲେ। ଗୁଳିକାଣ୍ଡ ଘଟଣା ଏହି ବେଆଇନ ଖଣି ମାଫିଆଙ୍କ ସହ ଜଡ଼ିତ ବୋଲି ସନ୍ଦେହ କରାଯାଉଛି।

## ଛତିଶଗଡ଼ ପର୍ଯ୍ୟଟନ ଖୋଲିବ ସୂଚନା କେନ୍ଦ୍ର

**ରାୟପୁର:** ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ପର୍ଯ୍ୟଟନ ସମ୍ପର୍କକୁ ମଜବୁତ କରିବା ଏବଂ ପର୍ଯ୍ୟଟନ ଓ ଆତିଥେୟତା କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ ପାଇଁ ନୂତନ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବାର ଲକ୍ଷ୍ୟ ନେଇ ଛତିଶଗଡ଼ ପର୍ଯ୍ୟଟନ ଭୁବନେଶ୍ୱରରେ ଖୋଲିବ ସୂଚନା କେନ୍ଦ୍ର ।ଛତିଶଗଡ଼ ପର୍ଯ୍ୟଟନ ବୋର୍ଡ, ଶିଳ୍ପ ସହଯୋଗୀ ଭାବେ ଫିକିର ମିଳିତ ସହଯୋଗରେ ଛତିଶଗଡ଼ ପର୍ଯ୍ୟଟନ ଆୟୋଜନ କରିଥିବା ରୋଡ ଶୋ"ର ମୂଳ ଲକ୍ଷ୍ୟ । ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତିବିଶେଷ, ପର୍ଯ୍ୟଟନ ବ୍ୟବସାୟ ପ୍ରତିନିଧି, ହୋଟେଲ ମାଲିକ, ଟୁର୍ ଅପରେଟର, ଗଣମାଧ୍ୟମ ପ୍ରତିନିଧି ଏବଂ ସରକାରୀ ଅଧିକାରୀମାନେ ଏକାଠି ହୋଇଥିଲେ । ଏହି ରୋଡ୍ଶୋ'ରେ ଛତିଶଗଡ଼ର ଅନନ୍ୟ ପର୍ଯ୍ୟଟନ ଆକର୍ଷଣ ଗୁଡ଼ିକୁ ସାମ୍ନାକୁ ଅଣାଯାଇଥିଲା । ଏହି ପଦକ୍ଷେପର ଉଦ୍ଦେଶ୍ୟ ଥିଲା ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ପର୍ଯ୍ୟଟନ ସମ୍ପର୍କକୁ ମଜବୁତ କରିବା ଏବଂ ପର୍ଯ୍ୟଟନ ଓ ଆତିଥେୟତା କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ ପାଇଁ ନୂତନ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବା ।ଛତିଶଗଡ଼ ପର୍ଯ୍ୟଟନ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ ଛତିଶଗଡ଼ ପର୍ଯ୍ୟଟନ ବୋର୍ଡର ଅଧ୍ୟକ୍ଷ ନୀଲୁ ଶର୍ମା ।

## ୨୫ ପ୍ରତିଭାଙ୍କୁ "ନିରଞ୍ଜନ ରଥ ସ୍ମୃତି ସମ୍ମାନ'



**କୋଲକାତା:** ବିଶିଷ୍ଟ ସାମ୍ବାଦିକ, ସମାଜସେବୀ ଓ ମାନବିକ ମୂଲ୍ୟବୋଧର ପ୍ରତୀକ ସ୍ୱର୍ଗତ ପଣ୍ଡିତ ନିରଞ୍ଜନ ରଥଙ୍କ ସ୍ମୃତିରେ ଆଜି କଲକାତାସ୍ଥିତ ଉତ୍କଳ ଭବନ ସଭା ଗୃହରେ ଏକ ଭାବଗମ୍ଭୀର ସ୍ମୃତି ସଭା ଏବଂ ନିରଞ୍ଜନ ରଥ ସ୍ମୃତି ରନି ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ୱେଲଫେୟାର ସୋସାଇଟି ପକ୍ଷରୁ ଆୟୋଜିତ ଏହି ଗରିମାମୟ କାର୍ଯ୍ୟକ୍ରମରେ ସମାଜ, ଶିକ୍ଷା, ସାହିତ୍ୟ, ସାମ୍ବାଦିକତା, ସଂସ୍କୃତି ଏବଂ ଜନସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ୨୫ ଜଣ ପ୍ରତିଭାଙ୍କୁ ନିରଞ୍ଜନ ରଥ ସ୍ମୃତି ରନି ସମ୍ମାନ ପ୍ରଦାନ କରାଯାଇଥିଲା । ଅନୁଷ୍ଠାନକୁ ରାମକୃଷ୍ଣ ମିଶନ ବିବେକାନନ୍ଦ ସେଣ୍ଟେନାରୀ କଲେଜର ଅଧ୍ୟକ୍ଷ ସ୍ୱାମୀ କମଳାସ୍ଥାନନନ୍ଦ ମହାରାଜ ଆନୁଷ୍ଠାନିକ ଭାବେ ଉତ୍ସବକୁ ଉ"ାଟନ କରିଥିଲେ । ସଭାରେ ପଶ୍ଚିମବଙ୍ଗ ସରକାରଙ୍କ ପୂର୍ବତନ ଡିଜିପି ଦୁର୍ଗା ପ୍ରସାଦ ତାରେଣିଆ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଥିଲେ ।

## ଓମାନରେ ୨୪ ଭାରତୀୟ ନାବିକ ଥିବା ଜାହାଜ ଉପରେ ଆକ୍ରମଣ କରିଥିଲା ଆମେରିକା

**ନୂଆଦିଲ୍ଲୀ:** ୨୪ ଜଣ ଭାରତୀୟ ନାବିକଙ୍କୁ ନେଇ ଯାଉଥିବା ଏକ ମର୍ଚ୍ଚାଣ୍ଟ ଟ୍ୟାଙ୍କର୍ ଓମାନ ଉପକୂଳରେ ଏକ କ୍ଷେପଣାସ୍ତ୍ର ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିଲା। କ୍ରୁ ସଦସ୍ୟମାନେ ଜାହାଜରେ ନିଆଁ ଲାଗିଥିବା ଓ ଜାହାଜ ବୁଡ଼ି ଯାଉଥିବା ବିଷୟରେ ଜଣାଇ ଜରୁରୀ ସାହାଯ୍ୟ ମାଗିଥିଲେ। ଏହାପରେ ଓମାନ ସେନା ହେଲିକପ୍ଟର ସମସ୍ତ ନାବିକଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ। କିନ୍ତୁ ଆକ୍ରମଣ କିଏ କରିଥିଲା ତାହା ସ୍ପଷ୍ଟ ହୋଇ ନ ଥିଲା। ପରେ ଏହା ଆମେରିକାର କାମ ବୋଲି ଜଣାପଡ଼ିଛି। ଆମେରିକା ସେନା ନିଶ୍ଚିତ କରିଥିଲା ଯେ ଇରାନ ବନ୍ଦର ଉପରେ ୱାସିଂଟନର ଅବରୋଧକୁ କାର୍ଯ୍ୟକାରୀ କରୁଥିବା ଏକ ଆମେରିକୀୟ ଯୁଦ୍ଧ ବିମାନ ଦ୍ୱାରା ଏହି କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ବିବିସିର ଏକ ରିପୋର୍ଟ ଅନୁଯାୟୀ, ଟ୍ୟାଙ୍କର୍ ମାରିଭେକ୍ସରେ ଥିବା କ୍ରୁ ସଦସ୍ୟମାନେ ଆକ୍ରମଣ ପରେ ଜରୁରୀ ସହାୟତା ପାଇଁ ବାରମ୍ବାର ନିବେଦନ କରିଥିଲେ। ସାର୍, ଏହା ହେଉଛି ମୋଟର ଟ୍ୟାଙ୍କର୍ ମାରିଭେକ୍ସ... ଆମ ଜାହାଜରେ ନିଆଁ ଲାଗିଛି ଓ ଜାହାଜ ବୁଡ଼ି ଯାଉଛି। ଆମେରିକା ନୌସେନା ଆକ୍ରମଣ କରିଛି, ଆମ ଇଞ୍ଜିନ୍ ରୁମ୍ ଉପରେ କ୍ଷେପଣାସ୍ତ୍ର ମାଡ଼ ହୋଇଛି। ଆମର ତଳ ଭାଗରେ ଛିଦ୍ର ହୋଇଛି ... ୨୪ ଜଣ କର୍ମଚାରୀ। ସମସ୍ତ କ୍ରୁ ଇଣ୍ଡିଆନ୍। ଦୟାକରି ଶୀଘ୍ର ସାହାଯ୍ୟ କରନ୍ତୁ, ଆମକୁ ତୁରନ୍ତ ସାହାଯ୍ୟ ଦରକାର ବୋଲି କ୍ରୁ ସଦସ୍ୟ କହିଥିଲେ। ପରେ ସମସ୍ତ ୨୪ ଜଣ ଭାରତୀୟ ନାବିକଙ୍କୁ ଓମାନ ସେନା ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ଆଣିଥିଲା ବୋଲି ଭାରତୀୟ କର୍ତ୍ତୃପକ୍ଷ ନିଶ୍ଚିତ କରିଛନ୍ତି। ଭାରତ ପକ୍ଷରୁ ଏଥିପାଇଁ କୃତଜ୍ଞତା ଜ୍ଞାପନ କରାଯାଇଛି। ୟୁଏସ୍ ସେଣ୍ଟ୍ରାଲ୍ କମାଣ୍ଡ (ସେଣ୍ଟକମ୍) ଏହି ଆକ୍ରମଣ କରିଥିବା ସ୍ୱୀକାର କରି କହିଛି ଯେ ଜାହାଜଟି ଇରାନର ଗନ୍ତବ୍ୟ ସ୍ଥଳ ଆଡକୁ ଯାତ୍ରା କରିବାକୁ ଚେଷ୍ଟା କରି ଇରାନ ବନ୍ଦର ଉପରେ ଚାଲିଥିବା ଆମେରିକାର ଅବରୋଧକୁ ଉଲ୍ଲଙ୍ଘନ କରିଥିଲା। ସେଥିପାଇଁ ତା' ଉପରେ ଆକ୍ରମଣ କରାଯାଇଥିଲା। ଫରୱାର୍ଡ ସିମେନ୍ସ ୟୁନିୟନ ଅଫ୍ ଇଣ୍ଡିଆ ଏହି ଆକ୍ରମଣକୁ ତୀବ୍ର ସମାଲୋଚନା କରି ଅଭିଯୋଗ କରିଛି ଯେ ଏହି ଆକ୍ରମଣ ଏକ ଚେତାବନୀଠାରୁ ବହୁ ଅଧିକ ଥିଲା। ଏହା କେବଳ ଚେତାବନୀ ନୁହେଁ, ବରଂ ଜାହାଜକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା ପାଇଁ ପ୍ରୟାସ ବୋଲି ୟୁନିୟନ ସୋସିଆଲ ମିଡିଆରେ ଏକ ବିବୃତିରେ କହିଛି।



## ଦୁଷ୍କର୍ମ ମାମଲାରେ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଦୋଷମୁକ୍ତ ପରେ ବି କରାଯିବ ଡିଏନଏ ପରୀକ୍ଷା



**ନୂଆଦିଲ୍ଲୀ:** ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ଯେ, ପିତୃତ୍ୱ ବିବାଦରେ ଦୁଷ୍କର୍ମ ଅଭିଯୋଗ ମାମଲାରେ ଅଭିଯୁକ୍ତ ଦୋଷମୁକ୍ତ ହେବା ପରେ ମଧ୍ୟ ତାଙ୍କର ଡିଏନଏ ପରୀକ୍ଷା କରାଯାଇପାରିବ। କୋର୍ଟ କହିଛନ୍ତି, ପିତୃତ୍ୱ ବିବାଦ ମାମଲାରେ, କୋର୍ଟ ଡିଏନଏ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇପାରିବେ। ଖଣ୍ଡପୀଠ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଫୌଜଦାରୀ ମାମଲାରେ ଦୋଷମୁକ୍ତ ହେବା ପ୍ରମାଣିତ କରେ ନାହିଁ ଯେ ସମ୍ପୃକ୍ତ ବ୍ୟକ୍ତି ଜୈବିକ ପିତା ହୋଇପାରିବେ ନାହିଁ। ବିଚାରପତି ସଞ୍ଜୟ କାରୋଲ ଏବଂ ଏନ. କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ ଆବେଦନକୁ ଖାରଜ କରି କହିଛନ୍ତି ଯେ, ଏକ ଫୌଜଦାରୀ ମାମଲାରେ ଦୋଷମୁକ୍ତ ହେବାର ଅର୍ଥ ଏହା ନୁହେଁ ଏହି ଯେ ଅଭିଯୋଗଗୁଡ଼ିକ ଯୁକ୍ତିଯୁକ୍ତ ଭାବେ ପ୍ରମାଣିତ ହୋଇପାରିବ ନାହିଁ। ଏହା ସୂଚିତ କରୁ ନାହିଁ ଯେ, ଦୁଇ ବୟସ୍କଙ୍କ ମଧ୍ୟରେ କୌଣସି ଜୈବିକ ସମ୍ପର୍କ ନଥିଲା। ତେଣୁ, ପିତୃତ୍ୱର ପ୍ରଶ୍ନର ଉତ୍ତର ପାଇଁ ଯାଞ୍ଚ କରାଯାଇ ପାରିବ। ପୁଅର ପିତା କିଏ ତାହା ଜାଣିବାର ଅଧିକାର ଅଛି। କୋର୍ଟ କହିଛନ୍ତି ଯେ ଏହି ମାମଲାରେ, ଗୋଟିଏ ପଟେ, ଆବେଦନକାରୀଙ୍କର ଗୋପନୀୟତାର ଅଧିକାର ଅଛି, ଅନ୍ୟପଟେ, ଯୁବକଙ୍କର ତାଙ୍କ ଜୈବିକ ପିତାଙ୍କ ପରିଚୟ ଜାଣିବା ଏବଂ ଏହା ସହିତ ଜଡିତ ଆଇନଗତ ଅଧିକାର ଉପଭୋଗ କରିବାର ଅଧିକାର ଅଛି। ପିଲାଦିନରୁ, ଯୁବକ ଜଣକ ତାଙ୍କ ମାଆଙ୍କୁ କହୁଥିବା ଶୁଣିଥିଲେ ଯେ ଆବେଦନକାରୀ ତାଙ୍କ ପିତା, ତଥାପି ଏହି ଦାବିକୁ ବିଭିନ୍ନ ସ୍ତରରେ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଯଦି ଏହି ପ୍ରଶ୍ନର ଉତ୍ତର ନମିଳିବ ତେବେ ସେ ପ୍ରକୃତରେ ଯେଉଁ ଅଧିକାର ପାଇବାକୁ ହକଦାର ସେଥିରୁ ବଞ୍ଚିତ ହୋଇପାରନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ଏହି ମାମଲାର ସମାଧାନ ପାଇଁ ଡିଏନଏ ପରୀକ୍ଷା ଜରୁରୀ, ତେଣୁ ଶୀର୍ଷକୋର୍ଟ ଆବେଦନକୁ ଖାରଜ କରି ଆବେଦନକାରୀଙ୍କୁ ଡିଏନଏ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପତ୍ତି, ଉତ୍ତରାଧିକାର ଏବଂ ପାରିବାରିକ ଅଧିକାର ସହିତ ଜଡିତ ମାମଲାରେ ଡିଏନଏ ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ ପ୍ରମାଣ। ନିଷ୍ପତ୍ତି ନେବା ପୂର୍ବରୁ କୋର୍ଟଗୁଡ଼ିକୁ ଗୋପନୀୟତାର ଅଧିକାର ଏବଂ ବ୍ୟକ୍ତିଙ୍କର ପରିଚୟ ଜାଣିବାର ଅଧିକାର ମଧ୍ୟରେ ସନ୍ତୁଳନ ରଖିବାକୁ ପଡିବ। ଏହି ବିବାଦ ୧୯୯୯ ମସିହାର। ଜଣେ ବ୍ୟକ୍ତି ନିଜକୁ ଆବେଦନକାରୀଙ୍କ ଜୈବିକ ପୁତ୍ର ବୋଲି ଦାବି କରିଥିଲେ, ଯିଏ ସେପ୍ଟେମ୍ବର ୧୯୯୯ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମାଆ ଦାବି କରିଥିଲେ ଯେ ସେ ଆବେଦନକାରୀଙ୍କ ସହ ସମ୍ପର୍କରୁ ଜନ୍ମଗ୍ରହଣ କରିଛନ୍ତି। ତଥାପି, ଆବେଦନକାରୀ ପ୍ରଥମେ ପିତୃତ୍ୱକୁ ଅସ୍ୱୀକାର କରିଥିଲେ। ତାଙ୍କ ପକ୍ଷରେ, ଆବେଦନକାରୀ ଯୁକ୍ତି ଦେଇଥିଲେ ଯେ ମହିଳାଙ୍କ ଦ୍ୱାରା ଦାୟର କରାଯାଇଥିବା ଦୁଷ୍କର୍ମ ମାମଲାରେ ତାଙ୍କୁ ପୂର୍ବରୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ସେ ଏହା ମଧ୍ୟ ଯୁକ୍ତି ଦେଇଥିଲେ ଯେ, ପୂର୍ବର ଅନ୍ୟ ମାମଲା ଏବଂ କୋର୍ଟ ପର୍ଯ୍ୟବେକ୍ଷଣ ଯୋଗୁଁ ପିତୃତ୍ୱର ପ୍ରସଙ୍ଗ ପୁନର୍ବାର ଉଠାଯାଇପାରିବ ନାହିଁ। ସାବାଳକ ହେବା ପରେ, ଯୁବକ ଜଣକ ସିଭିଲ୍ କୋର୍ଟରେ ଏକ ମାମଲା ଦାୟର କରିଥିଲେ, ଯେଉଁଥିରେ ସେ ଆବେଦନକାରୀଙ୍କ ଜୈବିକ ପୁତ୍ର ବୋଲି ଘୋଷଣା କରିବାକୁ ଅନୁରୋଧ କରାଯାଇଥିଲା ଏବଂ ତେଣୁ ତାଙ୍କ ସମ୍ପତ୍ତିରେ ଅଂଶ ପାଇବାକୁ ହକଦାର ଥିଲେ। ମାମଲାର ଶୁଣାଣି ସମୟରେ, ଟ୍ରାଏଲ୍ କୋର୍ଟ ଡିଏନଏ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯାହାକୁ ପରେ ଛତିଶଗଡ଼ ହାଇକୋର୍ଟ କାଏମ୍ ରଖିଥିଲେ। ତା'ପରେ ଆବେଦନକାରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଫିଫା ବିଶ୍ୱକପ
# ଟିମ ଇଣ୍ଡିଆ ଓ ଫୁଟବଲ



ନୂଆଦିଲ୍ଲୀ,୧୦।୬(ଏଜେନ୍ସି): ଆଉ ଗୋଟିଏ ଦିନ ପରେ ଫିଫା ବିଶ୍ୱକପ ଆରମ୍ଭ ହୋଇଯିବ। ସବୁଦଳ ପ୍ରସ୍ତୁତ ହେଲେଣି। ଚାମ୍ପିଅନ ହେବାକୁ ଗେମ ପ୍ଲାନ ଚାଲିଛି। ଏସବୁ ଭିତରେ ଭାରତ କିନ୍ତୁ ଫିଫା ବିଶ୍ୱକପରେ ନାହିଁ। ୧୯୫୦ ମସିହାରେ ଭାରତକୁ ଫିଫା ବିଶ୍ୱକପ ଖେଳିବାକୁ ସୁଯୋଗ ମିଳିଥିଲା। ଯାହା ବ୍ରାଜିଲରେ ଖେଳାଯାଇଥିଲା। କିନ୍ତୁ ଦଳ ବିଶ୍ୱକପ ଖେଳିପାରିନଥିଲା। ଆହୁରି ଅନେକ ରୋଚକ ତଥ୍ୟ ଭାରତୀୟ ଫୁଟବଲ ଇତିହାସରେ ରହିଛି। ତେବେ ଭାରତ ଏବଂ ଫୁଟବଲ ବିଶ୍ୱକପର ୧୦ଟି ବଡ଼ କଥା ସମ୍ପର୍କରେ ଜାଣିବା।

ଏସିଆରେ ଭାରତ ସହ ବର୍ମା, ଇଣ୍ଡୋନେସିଆ ଏବଂ ଫିଲିପାଇନ୍ସ ବିଶ୍ୱକପ ପାଇଁ ଯୋଗ୍ୟତା ଟୁର୍ଣ୍ଣାମେଣ୍ଟରେ ସାମିଲ ହୋଇଥିଲେ। କିନ୍ତୁ ଭାରତ ବ୍ୟତୀତ ସମସ୍ତ ଦଳ ନିଜ ନାଁ ପ୍ରତ୍ୟାହାର କରିନେଇଥିଲେ। ଫଳରେ ଭାରତ ୧୯୫୦ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ୧୯୫୦ରେ ଖେଳାଯାଇଥିବା ଫିଫା ବିଶ୍ୱକପ ଫୁଟବଲ ଇତିହାସରେ ଚତୁର୍ଥ ସଂସ୍କରଣ ଥିଲା। ଅନେକ ଦେଶ ସେତେଟା ଗୁରୁତ୍ୱ ନଥିଲେ। ୩୪ଟି ଦେଶ ଯୋଗ୍ୟତା ପର୍ଯ୍ୟାୟରେ ମୁକାବିଲାରେ ଭାଗ ନେଇଥିଲେ। କିନ୍ତୁ ୧୩ଟି ଦଳ ବ୍ରାଜିଲ ଯାଇଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପାଇଁ ଅନେକ ଦେଶର ଅର୍ଥନୈତିକ ସ୍ଥିତ ଠିକ୍ ନଥିଲା। ତେଣୁ ଖେଳାଳିଙ୍କୁ ଅର୍ଥ ଦେଇପାରିନଥିଲେ। ଭାରତକୁ ସେତେ ବେଳେ ଗ୍ରୁପ୍ ସିରେ ସ୍ଥାନ ପାଇଥିଲେ। ଏହି ଗ୍ରୁପରେ ସ୍ୱିଡେନ, ପାରାଗୁଏ ଏବଂ ଇଟାଲୀ ରହିଥିଲେ। ଜୁନ୍ ୨୮ରେ ଭାରତ ନିଜର ପ୍ରଥମ ମ୍ୟାଚ ଖେଳିଥାନ୍ତା। ହେଲେ ଏହା ସମ୍ଭବ ହୋଇନଥିଲା। କୁହାଯାଇଥିଲା ଯେ, ଭାରତୀୟ ଖେଳାଳି ଖାଲିପାଦରେ ଖେଳିବାକୁ ଦାବି କରିଥିଲେ। ଯାହା ମିଛ କାରଣ ୧୯୫୩ ଯାଏ ଫିଫା ପକ୍ଷରୁ ସେପରି କିଛି ନୂଆ ନିୟମ ନଥିଲା। ଭାରତ ବିଶ୍ୱକପ ଖେଳିବା ଏବଂ ନଖେଳିବା ନେଇ ଦୀର୍ଘ ସମୟ ଆଲୋଚନା ହୋଇଥିଲା। ଶେଷରେ ୧୯୫୦ ମେ ତାରିଖରେ ଭାରତ ଫିଫା ବିଶ୍ୱକପ ଖେଳିବ ନାହିଁ ବୋଲି ଘୋଷଣା କରିଥିଲା। କାରଣ ଭାରତ ପାଖରେ ବ୍ରାଜିଲରେ ପହଞ୍ଚିବା ପାଇଁ ସମୟ ଏବଂ ପ୍ରାୟୋଜକ ନଥିଲେ। ୧୯୪୮ରେ ଭାରତୀୟ ଖେଳାଳି ପ୍ରଥମେ ଖାଲି ପାଦରେ ଲଣ୍ଡନ ଅଲିମ୍ପିକ୍ସରେ ଫୁଟବଲ ଖେଳିଥିଲେ। ଫ୍ରାନ୍ସ ବିପକ୍ଷରେ ଏହି ମ୍ୟାଚ ଖେଳାଯାଇଥିଲା। ଯାହାର ଫଟୋ ମଧ୍ୟ ରହିଛି। ପୂର୍ବରୁ ଭାରତୀୟ ଫୁଟବଲ ଫେଡେରେସନ ବିଶ୍ୱକପ୍ ଅପେକ୍ଷା ଅଲିମ୍ପିକ୍ସକୁ ଅଧିକ ଫୋକସ କରୁଥିଲା। ଫିଫା ବିଶ୍ୱକପ ସେତେଟା ପ୍ରସିଦ୍ଧୀ ଅର୍ଜନ କରିନଥିଲା। ୧୯୫୦ରେ ବିଶ୍ୱକପ ନଖେଳିବା ନିଷ୍ପତ୍ତି ପରେ ଦଳକୁ ୧୯୮୬ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥିଲା। ୧୯୮୬ରେ ଭାରତ ପୁଣି ଯୋଗ୍ୟତା ପର୍ଯ୍ୟାୟ ମୁକାବିଲା ଖେଳିଥିଲା। ଏବେ ଭାରତ ଫିଫା ର୍ୟାଙ୍କିଙ୍ଗର ୧୩୯ତମ ସ୍ଥାନରେ ରହିଛି।

## ଶ୍ରୀନଗରରେ ଚମକିଲେ ଓଡ଼ିଆ କ୍ରୀଡାବିତ



ଭୁବନେଶ୍ୱର,୧୦।୬(ସବ୍ୟୁ): ଶ୍ରୀନଗରର ସେର ଇ କାଶ୍ମୀର ଇନଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ପ୍ରଥମ ପିଟିଏଫ୍ ଇଣ୍ଟରନ୍ୟାସନାଲ ତାଇକୋଣ୍ଡୋ ଚାମ୍ପିଅନସିପରେ ମେଡ଼ାଲ ଜିତିଛନ୍ତି। ରାଜ୍ୟର ଅନେକ କ୍ରୀଡାବିତ। କୋଚ ଏହସାସ ହୋତାଙ୍କ ପ୍ରଶିକ୍ଷଣ କେନ୍ଦ୍ରରୁ ଏହି ପ୍ରତିଯାଗିତାରେ ୬ ଜଣ କ୍ରୀଡାବିତ ଅଂଶଗ୍ରହଣ କରିଛନ୍ତି। ଏମାନେ ସମସ୍ତେ ପଦକ ହାସଲ କରିଛନ୍ତି। ଅନୁଷ୍କା ଦାସ, ମୀନାକ୍ଷୀ ନାୟକ, ଅନ୍ୱେଶ ହୋତା ଏବଂ କୁମାର କଶ୍ୟପ ଷଡଙ୍ଗୀ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଆରାଭି ମିଶ୍ର ଓ ଅଂଶୁ ଅନନ୍ୟା ମହାପାତ୍ର ରୌପ୍ୟ ପଦକ ହାତେଇଛନ୍ତି। ପ୍ରତିଯୋଗିତାରୁ ୪ଟି ଦେଶରୁ ପାଖା ପାଖି ୭୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମେଡାଲ ବିଜେତା କ୍ରୀଡାବିତଙ୍କୁ ତାଇକୋଣ୍ଡୋ କୋଚ୍ ଏହସାସ ହୋତା ଏବଂ ଓଡ଼ିଶା ତାଇକୋଣ୍ଡୋ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।



ଜାତୀୟ ଉପ କନିଷ୍ଠ ଓ କନିଷ୍ଠ କରାଟେ ପ୍ରତିଯୋଗିତାର ପଦକ ତାଲିକାରେ ଦ୍ୱିତୀୟ ସ୍ଥାନ ସହ ଉପବିଜେତା ଓଡ଼ିଶା ଦଳକୁ ରାଜ୍ୟ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, କ୍ରୀଡା ସଚିବ ଭୂପେନ୍ଦ୍ର ସିଂ ପୁନିଆ, କ୍ରୀଡା ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟ ଓ ଅନ୍ୟାନ୍ୟ କ୍ରୀଡା ପ୍ରଶାସକ କଳିଙ୍ଗ ଷ୍ଟାଡିୟମରେ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଛନ୍ତି।

## ସିଦ୍ଧାନ୍ତ ମେମୋରିଆଲ ପାରାମାଉଣ୍ଟ କପ କ୍ରିକେଟ
# କ୍ୱାର୍ଟରରେ ଏଲଏଲସିସି

ଭୁବନେଶ୍ୱର,୧୦।୬(ସବ୍ୟୁ): ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଆୟୋଜିତ ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାର୍ଟରଫାଇନାଲରେ ଭୁବନେଶ୍ୱର ଏଲଏଲସିସି ବିଜୟୀ ହୋଇଛି। ଏହି ମ୍ୟାଚରେ ଏଲଏଲସିସି ୨୯.୧ ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୩ ରନ୍ କରିଥିଲା। ଏଲଏଲସିସିର ଦୀପକ କୁମାର ବରାଳ ୪୬ ରନ୍ କରିଥିଲେ। ବିବିସିଏ ଦଳର ଆବାହନ ଦାସ ସର୍ବାଧିକ ୩ଟି ଏବଂ ଆଦିତ୍ୟ ବର୍ଦ୍ଧନ ଓ ସାଇ ଶଙ୍କର ସାମାଲ ଦୁଇଟି କରି ୱିକେଟ ଅକ୍ତିଆର କରିଥିଲେ। ୧୩୩ ରନ ଲକ୍ଷ୍ୟକୁ ପିଛା କରି ବିବିସିଏ ୩୦ ଓଭରରେ ୯ ୱିକେଟ୍ ହରାଇ ୧୨୫ ରନ କରିଥିଲା। ତେଣୁ ଏଲଏଲସିସି ୮ ରନ୍ ବ୍ୟବଧାନରେ ବିଜୟଲାଭ କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଏଲଏଲସିସିର ସାରାଂଶ ତିୱାରୀ ୪ଟି ଓ ଆଶୁତୋଷ ନାୟକ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଏହି ମ୍ୟାଚରେ ବିଜୟୀ ଦଳର ସାରାଂଶ ତିୱାରୀଙ୍କୁ ପାରାମାଉଣ୍ଟ ସ୍ପୋର୍ଟିଂର ବରିଷ୍ଠ ସଦସ୍ୟ ତଥା ପୂର୍ବତନ ଖେଳାଳି ସନତ ଦାସ ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଧାନ କରିଥିଲେ। ଗୁରୁବର ପଞ୍ଚମ ପ୍ରି-କ୍ୱାର୍ଟରଫାଇନାଲ ମ୍ୟାଚ ସହିଦ ସ୍ପୋର୍ଟିଂ ଓ ରେଡ ଷ୍ଟାର ମଧ୍ୟରେ ଖେଳଯିବ।



## ମଡର୍ଣ୍ଣ ପେଣ୍ଟାଥଲନ ଓଡ଼ିଶା ଦଳର ସଫଳତା



ଭୁବନେଶ୍ୱର,୧୦।୬(ସବ୍ୟୁ): ମେ ୩୧ରୁ ଜୁନ୍ ୪ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଗୁଜରାଟର ଅହମ୍ମଦାବାଦରେ ଅନୁଷ୍ଠିତ ୧୫ତମ ମେଡାର୍ଣ୍ଣ ପେଣ୍ଟା ଥଲନ ବାଇଥେଲ ଆଣ୍ଡ ଟ୍ରାଏଥେଲ ନ୍ୟାସନାଲ ଚାମ୍ପିଅନସିପରେ ଅଂଶଗ୍ରହଣ କରିଥିବା ଓଡ଼ିଶା ଦଳକୁ ବିଫଳ ସଫଳତା ମିଳିଛି। ସିନିୟର ବିଭାଗର ଟ୍ରାଏଥେଲ ବ୍ୟକ୍ତିଗତ ବର୍ଗରେ ପ୍ରଣବ ଦାସ ରୌପ୍ୟ ପଦକ ଜିତିଛନ୍ତି। ଜୁନିୟର ବିଭାଗର ଟ୍ରାଇଥେଲ ବ୍ୟକ୍ତିଗତରେ ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର ରୌପ୍ୟ ପଦକ ଜିତିଛନ୍ତି। ସିନିୟର ବିଭାଗର ବାଥଲେ ବ୍ୟକ୍ତିଗତ ବର୍ଗରେ ପ୍ରଣବ ଦାସ ରୌପ୍ୟ, ଅନୀୟ କୁମାର ପ୍ରଧାନ ବ୍ରୋଞ୍ଜ ପଦକ ଜିତିଛନ୍ତି। ଜୁନିୟର ବିଭାଗର ବାଇଥେଲ ବ୍ୟକ୍ତିଗତ ବର୍ଗରେ ରାଇଗୁରୁ ସୂର୍ଯ୍ୟାଂଶ ମହାପାତ୍ର ସ୍ୱର୍ଣ୍ଣ ଜିତିଛନ୍ତି। ୧୭ ବର୍ଷରୁ କମ ବ୍ୟକ୍ତିଗତ ବାଇଥେଲ ଇଭେଣ୍ଟରେ ଆୟୁଷ୍ମାନ ପ୍ରଧାନ ସ୍ୱର୍ଣ୍ଣ ଜିତିଛନ୍ତି। ଓଡ଼ିଶା ଦଳ ଫେରିବା ପରେ ସ୍ଥାନୀୟ କ୍ରୀଡା ବିଭାଗ ତରଫରୁ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଅଶୋକ କୁମାର ପଣ୍ଡା ଏବଂ ଓସଡି ଧୀରଜ କୁମାର ପ୍ରଧାନ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସଫଳତା ପାଇଁ ଉତ୍ତର ଭୁବନେଶ୍ୱର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶା ଅଲିମ୍ପିକ ଆସୋସିଏସନର ସାଧାରଣ ସମ୍ପାଦକ ଅଭିଜିତ ପାଲ, ବାସୁଦେବ ଓଝା, ଏମଡି ଆଜାମ, ଇଫସିତା ଦଳେଇ, ଏମଡି ଅମନ, ଚିଦାନନ୍ଦ ସ୍ୱାଇଁ , ଦେବାଶିଷ ପଣ୍ଡା କ୍ରୀଡା ବିଭାଗର ଅଭିନନ୍ଦନ ଜଣାଇଛନ୍ତି।

## ଆଜିଠୁ ରାଜ୍ୟ ଉପକନିଷ୍ଠ ବାଳକ, ବାଳିକା ହ୍ୟାଣ୍ଡବଲ

ଭୁବନେଶ୍ୱର,୧୦।୬(ସବ୍ୟୁ): ଚଳିତ ମାସ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି କେନ୍ଦୁଝର ଠାରେ ୨୨ତମ ରାଜ୍ୟ ଉପକନିଷ୍ଠ ବାଳକ, ବାଳିକା ହ୍ୟାଣ୍ଡବଲ ପ୍ରତିଯୋଗିତା ଆୟୋଜିତ ହେବାକୁଯାଉଛି। ଏହି ପ୍ରତିଯୋଗିତାରେ ୨୮ଟି ଜିଲ୍ଲାରୁ ପ୍ରାୟ ୪୫୦ ପ୍ରତିଯୋଗୀ ଭାଗ ନେବେ। ଏହି ପ୍ରତିଯୋଗିତାରୁ ଶ୍ରେଷ୍ଠ ୧୬ ଜଣ ବାଳକ ଓ ବାଳିକା ଚୟନ ହୋଇ ରାଜ୍ୟ ଦଳ ପାଇଁ ଜାତୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି କେନ୍ଦୁଝର ସାଂସଦ ଅନନ୍ତ ନାୟକ ଓ ସମ୍ମାନନୀୟ ଅତିଥି ସନ୍ଦୀପ ପ୍ରଧାନ (ପ୍ରଜେକ୍ଟ ମୁଖ୍ୟ ବୈତରଣୀ ଆଇରନ ଓର ମାଇନିଂ) ଯୋଗଦେବେ ବୋଲି ଓଡ଼ିଶା ହ୍ୟାଣ୍ଡବଲ ସଂଘ ସମ୍ପାଦକ ମାନସ କୁମାର ସିଂ ଏବଂ ହ୍ୟାଣ୍ଡବଲ ଆସୋସିଏସନର ଯୁଗ୍ମ ସମ୍ପାଦକ ରିତିକ ଅଧିକାରୀ ଜଣାଇଛନ୍ତି।

## ଫ୍ରେଣ୍ଡସିପ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସେମିରେ ଗଣିଆ , ଢୋଲମରା

ଗଣିଆ,୧୦।୬(ସବ୍ୟୁ):ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ବେଠିଆ ସାହି ଠାରେ ସମାଜ ସେବୀ ଗଣେଶ୍ୱର ସାମଲ ଓ ସାତକୋଶିଆ ସ୍ୟାଣ୍ଡସ ରିସୋର୍ଟ ଦ୍ୱାରା ପ୍ରାୟୋଜିତ ଫ୍ରେଣ୍ଡସିପ କ୍ରିକେଟ କ୍ଲବ ଫ୍ରେଣ୍ଡସିପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିଜିନ ୩ ବେଠିଆସାହି ଜଗନ୍ନାଥ ମନ୍ଦିର ପଛ ଖେଳ ପଡିଆ ଠାରେ ପ୍ରଥମ କ୍ୱାଲି ଫାୟାର ମ୍ୟାଚ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମ ମ୍ୟାଚ ରେ ଏମ ବି ସି ସି କମଳାଡିହ ବନାମ ଏମ ସି ଏ ଗଣିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଗଣିଆ ଟିମ ଟସ ଜିତି ଫିଲିଂ କରିବାକୁ ନିଷ୍ପତି ନେଇଥିଲା । କମଳାଡିହ ନିର୍ଦ୍ଧାରିତ ୧୦ ଓଭରରେ ୭ ଓ୍ୱିକେଟ ହରାଇ ୧୩୪ ରନ କରିବାରେ ସକ୍ଷମ ହୋଇଥିଲା । ଜବାବରେ ଗଣିଆ ନିର୍ଦ୍ଧାରିତ ୧୦ଓଭରରୁ ୮.୪ ଓଭର ରେ ୩ଓ୍ୱିକେଟ ହରାଇ ୧୩୭ ରନ କରି ୭ଓ୍ୱିକେଟ ରେ ବିଜୟୀ ହୋଇଛି । ଆଜିର ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ସାତକୋଶିଆ ସ୍ୟାଣ୍ଡସ ରିସର୍ଟ ର ସାଇଡି ମ୍ୟାନେଜର ପ୍ରକାଶ ବେହେରା ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ରମେଶ ଚନ୍ଦ୍ର ବାରିକ ଯୋଗ ଦେଇଥିଲେ । ଫ୍ରେଣ୍ଡସିପ କ୍ରିକେଟ କ୍ଲବ ର ଅଧକ୍ଷ ବିଜୟନନ୍ଦ ତରେଇ,ସଭାପତି ପ୍ରଶାନ୍ତ ବେହେରା , କୋଷାଧକ୍ଷ ମଧୁସୁଦନ ନାୟକ ଯୋଗ ଦେଇଥିଲେ । ପ୍ରଥମ ମ୍ୟାଚରେ ଗଣିଆ ଟିମର ଗୋପ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇ ଅତିଥି ଙ୍କ ଠାରୁ ଟ୍ରୋଫି ଗ୍ରହଣ କରି ଥିଲେ । ସେହି ପରି ଦିତୀୟ କ୍ୱାଲିଫାୟର ମ୍ୟାଚ ଢୋଲମରା ବନାମ ରଙ୍ଗମାଟିଆ (ଦଶପଲ୍ଲା) ମଧ୍ୟରେ ଅନୁଷ୍ଠିତ ହେବାର ଥିଲା । ଢୋଲମାର ଟିମକୁ ଦେଇ ନପାରିବା ଭାବି ଆସି ନଥିଲା ଯାହା ଫଳରେ ଫ୍ରେଣ୍ଡସିପ କ୍ରିକେଟ କମିଟି ଢୋଲମରା ଟିମ କୁ ବିଜୟୀ ଘୋଷଣା କରିଥିଲା । ଆଜିର ମ୍ୟାଚ ରେ ସରୋଜ କୁମାର ରଣା ଓ ସିଲୁ ଖେଳ ପରିଚାଳନା କରିଥିଲେ । ବହୁ ଦର୍ଶକ ଖେଳ ଉପଭୋଗ କରୁଥିଲେ । ଆସନ୍ତା କାଲି ଦ୍ୱିତୀୟ କ୍ୱାଲିଫାୟାର ମ୍ୟାଚ ରାଜିଙ୍ଗି ବନାମ ହାତିଗଡ ଏବଂ ସାଗର ଇଲେଭେନ ( ନରସିଂହପୁର) ବନାମ ଚକ୍ରଗଡ଼ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଏଫ ସି ସି ର ଅଧକ୍ଷ ବିଜୟାନନ୍ଦ ତରେଇ ସୂଚନା ଦେଇଛନ୍ତି ।

## ଆଫଗାନିସ୍ତାନ ବିପକ୍ଷ ଦିନିକିଆ
# ଫିଟ ହେଲେ ରୋହିତ, ହାର୍ଦ୍ଦିକ

ନୂଆଦିଲ୍ଲୀ,୧୦।୬(ଏଜେନ୍ସି): ଏକମାତ୍ର ଟେଷ୍ଟ ମ୍ୟାଚ ପରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଆଗାମୀ ୧୩ ତାରିଖରୁ ଦିନିକିଆ ଶୃଙ୍ଖଳା ଆରମ୍ଭ ହେବାକୁଯାଉଛି। ଏହା ପୂର୍ବରୁ ଭାରତୀୟ କ୍ରିକେଟ ପାଇଁ ଖୁସି ଖବର ଆସିଛି। ଦଳର ଦୁଇ ପ୍ରମୁଖ ତାରକା ଖେଳାଳି ରୋହିତ ଶର୍ମା ଏବଂ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ସମ୍ପୂର୍ଣ୍ଣ ଫିଟ ହୋଇଛନ୍ତି। ଆଫଗାନିସ୍ତାନ ବିପକ୍ଷ ଦିନିକିଆ ଶୃଙ୍ଖଳା ପୂର୍ବରୁ ବିସିସିଆଇ ସେମାନଙ୍କ ଫିଟନେସକୁ ନେଇ ଗ୍ରୀନ ସିଗନାଲ ଦେଇଛି। ଏହି ଦୁଇ ମ୍ୟାଚ ଦଳକୁ ଫେରିବା ପରେ ଟିମ ଇଣ୍ଡିଆର ଶକ୍ତିବୃଦ୍ଧି ହୋଇଛି। ଗତ କିଛି ସମୟ ଧରି ରୋହିତ ଓ ହାର୍ଦ୍ଦିକ ସମସ୍ୟା ଦେଇ ଗତି କରୁଥିଲେ। ସେମାନଙ୍କ ଫିଟନେସକୁ ନେଇ ସସପେନ୍ସ ଲାଗି ରହିଥିବା ବେଳେ ପ୍ରଶଂସକ ଚିନ୍ତାରେ ଥିଲେ। ଜାତୀୟ କ୍ରିକେଟ ଏକାଡେମୀରେ ରିହାବ ସଫଳତ ଶେଷ କରି ମେଡିକାଲି ଟିମ ନିକଟରୁ ଦୁହେଁ ଫିଟନେସ ସାର୍ଟିଫିକେଟ ପାଇଛନ୍ତି। ଆଫଗାନିସ୍ତାନ ବିପକ୍ଷ ଦିନିକିଆ ଶୃଙ୍ଖଳା ଗୁରୁତ୍ୱପୂର୍ଣ୍ଣ। ଏଭଳି ସ୍ଥିତିରେ ରୋହିତ ଶର୍ମାଙ୍କ ଅଭିଜ୍ଞ ବ୍ୟାଟିଂ ଓ ନେତୃତ୍ୱ ତଥା ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଦମଦାର ଅଲରାଉଣ୍ଡ ପ୍ରଦର୍ଶନ ବିପକ୍ଷ ଦଳ ଉପରେ ଭାରି ପଡିବ। ପୂର୍ବତନ ଅଧିନାୟକ ରୋହିତ ପୁଣିଥରେ ଓପନିଂ ମଙ୍ଗ ଧରିବାକୁ ଥିବା ବେଳେ ମିଡିଲ ଅର୍ଡର ଏବଂ ବୋଲିଂ ବିଭାଗକୁ ସନ୍ତୁଳିତ କରିବେ ହାର୍ଦ୍ଦିକ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

## ୧୩ରୁ କବାଡି, ଟଗ ଅଫ୍ ୱାର ଚାମ୍ପିଅନସିପ



ଭୁବନେଶ୍ୱର,୧୦।୬(ସବ୍ୟୁ): ରଜପର୍ବ ଉପଲକ୍ଷେ ପାରମ୍ପାରିକ କ୍ରୀଡାକୁ ପ୍ରୋତ୍ସାହିତ କରିବା ସହ ଏହାର ପ୍ରଚାର ପ୍ରସାର ଲକ୍ଷ୍ୟ ନେଇ ବିଚିତ୍ର ଚାରିଟେବୁଲ ଆନୁକୂଲ୍ୟରେ ଆଗାମୀ ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ଜାତୀୟସ୍ତରୀୟ କ୍ରୀଡା ପ୍ରତିଯୋଗିତା କବାଡି ଓ ଟଗ ଅଫ୍ ୱାର ଚାମ୍ପିଅନସିପ ଆୟୋଜିତ ହେବ। କବାଡି ଏବଂ ଟଗ ଅଫ୍ ୱାରରେ ଉଭୟ ପୁରୁଷ ଓ ମହିଳା ଦଳ ଭାଗ ନେବେ। ଚାମ୍ପିଅନ ଓ ରନର୍ସ ଅଫ୍ ଦଳକୁ ଟ୍ରଫି ସହ ଆକର୍ଷଣୀୟ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ୪ ଦିନ ଧରି ଭୁବନେଶ୍ୱର ଉପକଣ୍ଠ ମଦନପୁର ହାଇସ୍କୁଲ ପଡିଆରେ ଆୟୋଜିତ ହେବ। କବାଡିରେ ମୋଟ ୧୬ଟି ଭାଗ ନେବେ । ଓଡ଼ିଶାକୁ ଜଟଣୀ, ୱାନ ଭଏସ, ଜୟ ଓଡ଼ିଶା ଆସ୍କା, ପଟ୍ଟନାୟକ, ଜିଏନଏସଓ, ସମ୍ବଲପୁର, କିଟ୍, ରେନବୋ, ନୂଆପଡ଼ା, କଳିଙ୍ଗ ଷ୍ଟାଡିୟମ ଓ ଆରଏସପି, ରାଜ୍ୟ ବାହାରୁ ଛତିଶଗଡ଼, ହରିୟାଣା, ଭୋପାଳ, କୋଲକାତା ପୋଲିସ ଅଂଶଗ୍ରହଣ କରିବେ। ସମାନ ସଂଖ୍ୟକ ଦଳ ଟଗ ଅଫ୍ ୱାରରେ ସାମିଲ ହେବେ। ପୁରୁଷରେ ଚାମ୍ପିଅନ ଦଳକୁ ୫୦ ହଜାର ଓ ରନର୍ସ ଅଫ୍ ଦଳକୁ ୩୦,୦୦୦ ଲେଖାଏଁ ପ୍ରଦାନ କରାଯିବ। ସେହିଭଳି ମହିଳା ଚାମ୍ପିଅନକୁ ୩୦ ଓ ରନର୍ସ ଅଫ୍ ଦଳକୁ ୨୦, ୦୦୦ ଟଙ୍କା ମିଳିବ। ପ୍ରତ୍ୟେକ ଦିନ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗଦେବେ। ବିଶିଷ୍ଟ ବ୍ୟକ୍ତିବିଶେଷ ଓ କ୍ରୀଡା ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଆୟୋଜକ ସାମ୍ବାଦିକ ସମ୍ମିଳନୀରେ ସୁଭଦ୍ରାର ବାଡଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର, ବିଚିତ୍ର ଚାରିଟେବୁଲ ଟ୍ରଷ୍ଟର ଆବାହକ ଅର୍ଦ୍ଧେନ୍ଦୁ ଦାସ, ମଦନପୁର ପଞ୍ଚାୟତ ରଜ ମହୋତ୍ସବ କମିଟିର ସଭାପତି ପ୍ରଫେସର ଛେନୁ ଶେଖର ପଟ୍ଟନାୟକ, ବିଚିତ୍ର ଚାରିଟେବୁଲ ଟ୍ରଷ୍ଟର ସାଧାରଣ ସମ୍ପାଦକ ଅଜୟ ସାହୁ, ମହାରଣା ବୀରବର ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ କାହ୍ନୁ ଚରଣ ମିଶ୍ର, ଏମ୍ସର ପୂର୍ବତନ ଡିରେକ୍ଟର ଅଫ୍ ଆକାଉଣ୍ଟାଣ୍ଟ ଜ୍ଞାନ ରଞ୍ଜନ ସାହୁ ଏବଂ ପୂର୍ବତନ ଫୁଟବଲ ଖେଳାଳି ପ୍ରଦୀପ କୁମାର ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି